بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 6

ସଂଖ୍ୟା 21

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

27 ମଇ 2021    27 ହିଜରତ୍ 1400 ହି.ଶ    14 ଶୱାଲ୍ 1442 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

يَاَهۡلَ الۡكِتٰبِ قَدۡ جَآءَكُمۡ رَسُوۡلُنَا يُبَيِّنُ لَكُمۡ كَثِيۡرًا مِّمَّا كُنۡتُمۡ تُخۡفُوۡنَ مِنَ الۡكِتٰبِ وَيَعۡفُوۡا عَنۡ كَثِيۡرٍ ؕ قَدۡ جَآءَكُمۡ مِّنَ اللّٰهِ نُوۡرٌ وَّكِتٰبٌ مُّبِيۡنٌ (المائدہ:16)

ଅନୁବାଦ- ହେ ଗ୍ରନ୍ଥଧାରୀମାନେ! ଆମ୍ଭର ରସୁଲ୍ ତୁମମାନଙ୍କ ନିକଟକୁ ଆସିଛନ୍ତି: ତୁମେମାନେ (ଧର୍ମ) ଗ୍ରନ୍ଥ ମଧ୍ୟରୁ ଯାହା ଗୋପନ କରୁଥିଲ ତହିଁରୁ ଅନେକ (ଅଂଶ) ସେ ତୁମମାନଙ୍କ ନିକଟରେ ବର୍ଣ୍ଣନା କରୁଛନ୍ତି ଏବଂ ଅନେକ ଦୋଷ କ୍ଷମା କରୁଛନ୍ତି; ବସ୍ତୁତଃ ଅଲ୍ଲାଃଙ୍କ ତରଫରୁ ତୁମମାନଙ୍କ ଲାଗି ଏକ ଜ୍ୟୋତି ଓ ଏକ ଉଜ୍ଜ୍ୱଳ ଗ୍ରନ୍ଥ ଆସିଛି । ।

*(ଅଲ୍‌ମାଇଦା: ୧୬)*

## ଅହ୍‌ମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବ.କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱରଅ.ବ.ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବ.ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ଆମର ଆନ୍ତରିକ ଇଚ୍ଛା ଏହା କି ଆମେ ଲୋକମାନଙ୍କୁ ସେହି ଈଶ୍ୱରଙ୍କ ଠିକଣା ଦେବୁ ଯାହାଙ୍କୁ ଆମେ ପାଇଛୁ ଓ ଦେଖିଛୁ ଏବଂ ସେମାନଙ୍କୁ ଏପରି ସହଜମାର୍ଗ ବତାଇଦେବୁ ଯଦ୍ୱାରା ମଣିଷ ଯଥାଶିଘ୍ର ଈଶ୍ୱରୀୟ (ବ୍ୟକ୍ତି) ହୋଇଯାଏ ।**

## ହଜରତ ମସିହ ମଉଦଆ.ସ.ଙ୍କ ନୀତି ବାଣୀ

### ଈଶ୍ୱରଙ୍କ ନିକଟତମ ବ୍ୟକ୍ତିର ପଦମର୍ଯ୍ୟାଦା

ଏକଥା ମନେରଖ ଯେ ଈଶ୍ୱରଙ୍କ ସ୍ୱାଭିମାନ କେବେ ବି ଏହା ଚାହେଁ ନାହିଁ ଯେ ତାକୁ (ଅର୍ଥାତ ଈଶ୍ୱରଙ୍କ ନିକଟତର ବ୍ୟକ୍ତିଙ୍କୁ) ଏପରି ଅବସ୍ଥାରେ ଛାଡ଼ି ଦେବ ଯଦ୍ୱାରା ସେ ଅପମାନିତ ହୋଇ ଡଳିତଳାନ୍ତ ହୋଇଯିବ । ନୁହେଁ, ବରଂ ଯେମିତି ସେ (ଈଶ୍ୱର) ସ୍ୱୟଂ ଏକ ଓ ଅଦ୍ୱିତୀୟ, ସେ ତା'ର ସେହି ଭକ୍ତକୁ ମଧ୍ୟ ଏକ ଓ ଅଣ-ଅଂଶୀଦାର ବନାଇଥାଏ । ପୃଥିବୀ ପୃଷ୍ଠରେ କୌଣସି ବ୍ୟକ୍ତି ତାହାର ମୁକାବିଲା କରିପାରେ ନାହିଁ । ସବୁ ଦିଗରୁ ତା'ଉପରେ ଆକ୍ରମଣ ହୋଇଥାଏ ଏବଂ ପ୍ରତ୍ୟେକ ଆକ୍ରମଣକାରୀ ତା ଶକ୍ତି ବିଷୟରେ ଜାଣି ନପାରି ଏହା ଭାବିଥାଏ କି ମୁଁ ତାକୁ ବିନାଶ କରିଦେବି । କିନ୍ତୁ ପରିଶେଷରେ ସେ ଜାଣିପାରିଥାଏ ଯେ (ଏହି ଆକ୍ରମଣରୁ) ବଂଚିଯିବା ମଣିଷ ଶକ୍ତି ବାହାରେ ଅନ୍ୟ ଏକ ଶକ୍ତିର କାର୍ଯ୍ୟ । କାରଣ ଯଦି ସେ ପୂର୍ବରୁ ଏକଥା ଜାଣିଥାନ୍ତା ତା'ହେଲେ ତା' ଉପରେ ଆକ୍ରମଣ ମଧ୍ୟ କରିନଥାନ୍ତା । ଅତଏବ ଯେଉଁ ଲୋକମାନେ ପରମେଶ୍ୱରଙ୍କର ନିକଟତର ହୋଇଥାନ୍ତି, ସେମାନେ ଏ ଦୁନିଆରେ ତାହାଙ୍କ ସତା ଓ ଅସ୍ତିତ୍ୱ ପାଇଁ ଏକ ଚିହ୍ନ/ ନିଦର୍ଶନ ହୋଇଥାନ୍ତି । ସେମାନେ ଏପରି ଲାଗୁଥାନ୍ତି ଯେ ପ୍ରତ୍ୟେକ ବିରୋଧି ମନେ ମନେ ଏହା ଭାବୁଥାଏ କି ମୋ ମୁକାବିଲାରେ ଇଏ ବଂଚିକି ଯାଇପାରିବ ନାହିଁ । କାରଣ ସବୁ ପ୍ରକାରର ରଣନୀତି ଓ ପ୍ରୟାସର ଫଳାପଳ ତାକୁ ଏଠାରେ ପହଂଚାଇଛି । କିନ୍ତୁ ଯେତେବେଳେ ସେ (ଅର୍ଥାତ ଈଶ୍ୱର ପ୍ରେମୀ) ଏହି ଆକ୍ରମଣରୁ ସସମ୍ମାନେ ଓ ସୁରକ୍ଷିତ ବାହାରିଯାଏ, ସେତେବେଳେ ସେ (ଅର୍ଥାତ ବିରୋଧି) କ୍ଷଣକ ପାଇଁ ଆଶ୍ଚର୍ଯ୍ୟିତ ହୋଇଯାଏ କି ଯଦି ଏହା ମଣିଷର ଶକ୍ତିର କାମ ଥିଲା, ତା'ହେଲେ ଏଥିରୁ ତା'ର ବଂଚିଯିବା ଅସମ୍ଭବ ଥିଲା । କିନ୍ତୁ ଏବେ ତା'ର ସୁରକ୍ଷିତ ରହିବା ପଛରେ ମଣିଷର ନୁହେଁ ବରଂ ଈଶ୍ୱରଙ୍କ ହାତ ରହିଛି । ଅତଃ ଏଥିରୁ ଜଣାପଡ଼ିଲା ଯେ ଈଶ୍ୱରଙ୍କ ନିକଟତମ ବ୍ୟକ୍ତିମାନଙ୍କ ଉପରେ ଯେଉଁ ବିରୋଧାତ୍ମକ ଆକ୍ରମଣ ହୋଇଥାଏ, ତାହା କାହିଁକି ହୁଏ ? ତତ୍ୱଜ୍ଞାନ ସମ୍ବନ୍ଧରେ ଅବଗତ ନଥିବା ଲୋକମାନେ ଏହିପରି ବିରୋଧାତ୍ମକ କାର୍ଯ୍ୟକୁ ଅପମାନ ବୋଲି ବିବେଚନା କରିଥାନ୍ତି । କିନ୍ତୁ ସେମାନେ କଣ ଜାଣିଛନ୍ତି ଯେ ଏହି ଅପମାନରେ ସେମାନଙ୍କ ପାଇଁ ଏକ ସମ୍ମାନ ଓ ସ୍ୱତନ୍ତ୍ରତା ପ୍ରକାଶ ହୋଇଥାଏ, ଯାହା ଅଲ୍ଲାଃ ତାଲାଙ୍କ ସତା ଓ ଅସ୍ତିତ୍ୱ ପାଇଁ ଏକ ଚିହ୍ନ / ନିଦର୍ଶନ ହୋଇଥାଏ । ସେଥିଯୋଗୁଁ ସେମାନେ ଆୟାତୁଲ୍ଲାଃ ବୋଲାଇଥାନ୍ତି ।

ସୁତରାଂ ଆମେ ଇସ୍ତେହାର ଉପରେ ଇସ୍ତେହାର ଦେଇ ଲୋକମାନଙ୍କୁ ଡ଼ାକିବାର ଉଦ୍ଦେଶ୍ୟ ହେଉଛି ଏହା କି ସେମାନଙ୍କୁ ସେହି ଈଶ୍ୱରଙ୍କ ଠିକଣା ଦେବୁ ଯାହାଙ୍କୁ ଆମେ ପାଇଛୁ ଓ ଦେଖିଛୁ ଏବଂ ସେମାନଙ୍କୁ ଏପରି ସହଜମାର୍ଗ ବତାଇଦେବୁ ଯଦ୍ୱାରା ମଣିଷ ଯଥାଶିଘ୍ର ଈଶ୍ୱରୀୟ (ବ୍ୟକ୍ତି) ହୋଇଯାଏ । ଅତଏବ ଆମ ମତରେ ସେ ପର୍ଯ୍ୟନ୍ତ କିସା କାହାଣୀରୁ କୌଣସି ଜ୍ଞାନର ବିକାଶ ହୋଇପାରେ ନାହିଁ ଯେପର୍ଯ୍ୟନ୍ତ ମଣିଷ ନିଜ ବ୍ୟବହାରିକ ସ୍ଥିତିକୁ ନ ଦେଖିଛି । ତେଣୁ ମୋ ଦେଖାଇବା ପଥକୁ ଅନୁସରଣ କରିବା ବ୍ୟତୀତ ଏହା ଅନ୍ୟ କୌଣସି ସ୍ଥାନରେ ସମ୍ଭବ ନୁହେଁ ଏବଂ ଏହି ମାର୍ଗରେ ଏପରି ଅସୁବିଧା ଏବଂ କଷ୍ଟର ଆବଶ୍ୟକତା ନାହିଁ । ଏଠାରେ ହୃଦୟ ହେଉଛି ପିଡ଼ିତ । ଈଶ୍ୱରଙ୍କ ଦୃଷ୍ଟି ହୃଦୟ ଉପରେ ପଡ଼ିଥାଏ । ଯାହା ହୃଦୟରେ ପ୍ରେମ ଓ ସ୍ନେହ ରହିଛି ତାକୁ ମୂର୍ତିର କଣ ଆବଶ୍ୟକ ? ମୂର୍ତି ପୂଜା ଦ୍ୱାରା ମଣିଷ କଦାପି ସଠିକ ଓ ସୁନିଶ୍ଚିତ ବିଶ୍ୱାସଯୋଗ୍ୟ ସିଦ୍ଧାନ୍ତରେ ପହଂଚିପାରେ ନାହିଁ ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୨୯୩ ମୁଦ୍ରଣ ପ୍ରକାଶନ୨୦୧୮ କାଦିୟାନ)*

**ଗ୍ରହନକ୍ଷତ୍ର ଓ ନଦୀନାଳକୁ ଈଶ୍ୱର ମଣୁଥିବା ଲୋକମାନେ କେବେ ସେମାନଙ୍କ ଉପରେ ଶାସନ କରିବାର ସାହସ କରିପାରିବେ କି ସେହିପରି ମଣିଷକୁ ଈଶ୍ୱର ବନାଉଥିବା ଲୋକେ କେବେ ସେମାନଙ୍କଠାରୁ ଲାଭ ଉଠାଇ ପାରିବେ ।**

**ଶିର୍କ ଯୋଗୁଁ ମଣିଷ ପ୍ରାଣୀମାନଙ୍କଠାରୁ ସେହି ଲାଭ ସବୁ ଉଠାଇପାରେ ନାହିଁ ଯାହା ସେମାନଙ୍କ ମଧ୍ୟରେ ଈଶ୍ୱର ରଖିଛନ୍ତି ।**

ସୟଦନା ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ସୁରଃ ରାଆଦ୍ ର ଆୟତ ନଂ-୧୧୫ **ଲହୁ ଦାୱ୍ୱତୁଲ୍ ହକ୍‌କି ୱଲ୍ଲଜିନା ୟଦ୍‌ଉନା........... ୱ ମା ଦୁଆଉଲ୍ କାଫିରିନା ଇଲ୍ଲା ଫି ଜଲାଲ୍** ର ବ୍ୟାଖ୍ୟା କରି କହିଛନ୍ତି:

ଏହି ଆୟତରେ ଏକଥା ବତାଯାଇଅଛି ଯେ ଯେଉଁଭଳି ଏକ ଉତମ ବସ୍ତୁକୁ ନିମ୍ନ ସ୍ଥାନ ଦେଉଥିବା ବ୍ୟକ୍ତି ସେହି ବସ୍ତୁଠାରୁ ଲାଭ ପାଇବାରୁ ବଂଚିତ ରହିଥାଏ, ସେହିଭଳି ନିମ୍ନକୁ ଉଚ୍ଚସ୍ଥାନ ଦେଉଥିବା ବ୍ୟକ୍ତି ମଧ୍ୟ ତା'ର ଲାଭରୁ ବଂଚିତ ରହିଥାଏ । ଚଳନ୍ତି ମୁଦ୍ରାକୁ ଅଚଳନ୍ତି ବୋଲି ଜାଣୁଥିବା ଲୋକଟି ଭୋକିଲା ମରିବ କାରଣ ସେ ମୁଦ୍ରାକୁ ବ୍ୟବହାର କରିପାରିବ ନାହିଁ । କିନ୍ତୁ ଅଚଳନ୍ତିକୁ ଚଳନ୍ତି ଭାବୁଥିବା ଲୋକଟି ମଧ୍ୟ ସମୟ ଆସିଲେ ଦୁଃଖ ଉଠାଇବ କାରଣ ତାହା ତା କାର୍ଯ୍ୟରେ ଆସିବ ନାହିଁ । ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ବିଶେଷ ଗୁଣ ସମ୍ବନ୍ଧରେ ଅବଗତ ନାହିଁ, ସେ ତାହାର କରୁଣାରୁ ବଂଚିତ ରହିବ କିନ୍ତୁ ଯିଏ ପ୍ରାଣୀମାନଙ୍କୁ ଈଶ୍ୱର ମଣିବ ସେ ମଧ୍ୟ ସେହି ପ୍ରାଣୀମାନଙ୍କଠାରୁ ମିଳୁଥିବା ଲାଭରୁ ବଂଚିତ ରହିବ । ଉଦାହରଣ ସ୍ୱରୁପ ପାଣି ହେଉଛି ମଣିଷକୁ ଲାଭ ପହଂଚାଉଥିବା ଏକ ବସ୍ତୁ ଓ ତାହା ମଣିଷର କାମରେ ଆସିବା ପାଇଁ ତିଆରି ହୋଇଛି । ଯଦି ଜଣେ ପାଣିକୁ ମଣିଷର ସ୍ଥାନ ଦେଇଦିଏ, ଯେଉଁଭଳି ଜଣେ ଲୋକ ଆଉ ଜଣେ ଲୋକଙ୍କୁ ଡ଼ାକିଥାଏ, ସେହିପରି ଯଦି ହାତ ଉଠାଇ ସେ ପାଣିକୁ ଡ଼ାକିବ ତା'ହେଲେ ପାଣି ତା ପାଖକୁ ଆସିବ ନାହିଁ ଫଳତଃ ସେ ପାଣିର ଉପକାରିତାରୁ ବଂଚିତ ରହିବ । ସେହିପରି ଯେଉଁ ଲୋକମାନେ ପ୍ରାଣୀମାନଙ୍କୁ ଈଶ୍ୱର ମଣୁଛନ୍ତି ସେମାନେ ସେହି ପ୍ରାଣୀମାନଙ୍କ ମଧ୍ୟରେ ନିହିତ ଥିବ ହିତକାରୀ ଜିନିଷରୁ ବଂଚିତ ରହିଥାନ୍ତି । ଗ୍ରହନକ୍ଷତ୍ର ଓ ନଦୀନାଳକୁ ଈଶ୍ୱର ମଣୁଥିବା ଲୋକମାନେ କେବେ ସେମାନଙ୍କ ଉପରେ ଶାସନ କରିବାର ସାହସ କରିପାରିବେ କି ସେହିପରି ମଣିଷକୁ ଈଶ୍ୱର ବନାଉଥିବା ଲୋକେ କେବେ ସେମାନଙ୍କଠାରୁ ଲାଭ ଉଠାଇ ପାରିବେ କି । ଜଣେ ନବୀଙ୍କୁ ଈଶ୍ୱର ବନାଇଥିବା ଲୋକମାନେ ତାହାଙ୍କଠାରୁ ନବୀର ମିଳୁଥିବା ଲାଭ ଉଠାଇପାରେ ନାହିଁ ସେହିପରି

## ନବୀ ସ:ଆ:ସଙ୍କ ବାଣୀ

**ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କୁ ଯଦି କିଏ ମାଗୁଥିଲା ତାହା ସେ ରଦ୍ଦ କରୁନଥିଲେ, (ଅର୍ଥାତ ଯଦି କିଏ ମହାଭାଗ ସ:ଆ:ସଙ୍କଠାରୁ କିଛି ମାଗୁଥିଲେ, ଆପଣ ସ:ଆ:ସ ତାହା ପ୍ରଦାନ କରିଦେଉଥିଲେ)**

(୧୨୭୭) ଜଣେ ମହିଳା ନବୀ ସ:ଆ:ସଙ୍କ ନିକଟକୁ ଗୋଟିଏ ହାତ ତିଆରି ଚାଦର ଘେନି ଆସିଲେ । ସେ କହୁଥିଲେ: ମୁଁ ଏହାକୁ ନିଜ ହାତରେ ବୁଣି ଏଥିପାଇଁ ଆଣିଛି ଯେ ମୁଁ ମହାଭାଗ ସ:ଆ:ସଙ୍କୁ ଏହା ପିନ୍ଧିବା ପାଇଁ ଦେବି । ନବୀ ସ:ଆ:ସ ତାହା ଗ୍ରହଣ କଲେ । ମହାଭାଗଙ୍କୁ ତାହାର ଆବଶ୍ୟକତା ଥିଲା । ଆପଣ ସ:ଆ:ସ ଘରୁ ବାହାରକୁ ବାହାରିଲେ ଏବଂ ସେହି ଚାଦରଟି ଲୁଙ୍ଗି ଭାବରେ ପିନ୍ଧିଥିଲେ । ଜଣେ ଲୋକ ତାହା ଦେଖି ତାହାର (ଅର୍ଥାତ ଲୁଙ୍ଗିର) ପ୍ରଶଂସା କଲେ ଓ କହିଲେ: ମତେ ଏହା ପିନ୍ଧିବାକୁ ଦେଇ ଦିଅନ୍ତୁ । ବହୁତ ଭଲ ହୋଇଛି । (ଏହା ଦେଖି) ଲୋକମାନେ (ତାଙ୍କୁ) କହିଲେ: ତୁମେ ଠିକ କଲ ନାହିଁ । ନବୀ ସ:ଆ:ସ ତାହା ପିନ୍ଧିଛନ୍ତି ଓ ତାଙ୍କୁ ତାହାର ଆବଶ୍ୟକ ମଧ୍ୟ ଅଛି । ପୁଣି ଏହା ସତ୍ୱେ ମଧ୍ୟ ତୁମେ ଆଁ ହଜ୍‌ରତ୍ ସ:ଆ:ସଙ୍କଠାରୁ ତାହା କିପରି ମାଗୁଛ । ତୁମେ ଏକଥା ଭଲଭାବରେ ଜାଣିଛ ଯେ ମହାଭାଗ ସ:ଆ:ସଙ୍କୁ ଯଦି କିଏ କିଛି ମାଗେ ସେ ତାକୁ ରଦ୍ଦ କରନ୍ତି ନାହିଁ । ସେହି ଲୋକଟି ଉତର ଦେଲା: ଈଶ୍ୱରଙ୍କ ରାଣ ମୁଁ ଏହା ଏଥିପାଇଁ ମାଗିନାହିଁ ଯେ ମୁଁ ତାହା ପିନ୍ଧିବି ବରଂ ଏଥିଯୋଗୁଁ ମାଗିଛି ଯେ ତାହା ମୋର କଫନ ହେବ । ରାୱି (ବର୍ଣ୍ଣନାକାରୀ) କହିଲେ: ସୁତରାଂ ସେହି (ଚାଦରଟି) ତାଙ୍କର କଫନ ହେଲା ।

ହଜ୍‌ରତ୍ ସୟଦ୍ ଜଇନୁଲ୍ ଆବିଦିନ୍ ୱଲିଅଲ୍ଲାଃ ଶାହ୍ ସାହେବ୍ ର:ଅ ଏହି ହଦିସ୍‌ର ବ୍ୟାଖ୍ୟାରେ କହିଛନ୍ତି: ସାହାବାମାନେ ସେହି ଲୋକର ମାଗିବାକୁ ଖରାପ ଭାବିଲେ କିନ୍ତୁ ଯେତେବେଳେ ଏହା ଶୁଣିଲେ ଯେ ସେ ସେହି ଚାଦରକୁ କଫନ ଭାବରେ ବ୍ୟବହାର କରିବ, ସେତେବେଳେ ନୀରବ ହୋଇଗଲେ ଏବଂ ଆଉ କେହି ଆପତି କଲେନାହିଁ । ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କୁ ତାହାର ଆବଶ୍ୟକତା ଥିବା ସତ୍ୱେ ମଧ୍ୟ ସେହି ଚାଦରଟିକୁ ମହାଭାଗ ସ:ଆ:ସ ମାଗିଥିବା ଲୋକକୁ ପ୍ରଦନା କରିଦେଲେ । ଅତଏବ ଏହିପରି **ୟୁସିରୁନା ଅଲା ଅନ୍‌ଫୁସିହିମ୍ ୱ ଲୌ କାନା ବିହିମ୍ ଖସାସାଃ** ର ପବିତ୍ର ଦୃଷ୍ଟାନ୍ତ ପ୍ରତିଷ୍ଠା କଲେ । *(ସହି ବୁଖାରୀ, ଖଣ୍ଡ-୨, କିତାବୁଲ୍ ଜନାଇଜ୍, ମୁଦ୍ରଣ କାଦିଆନ୍ ୨୦୦୬)*

ଈଶ୍ୱରଙ୍କ ନିକଟରୁ ଯେଉଁ ଲାଭ ମିଳିବା କଥା ତାହା ଜଣେ ନବୀ ଦେଇପାରେ ନାହିଁ । ଅତଃ ତାହାର ଅସଲ ଲାଭରୁ ସେହି ବ୍ୟକ୍ତି ଜଣକ ବଂଚିତ ରହିଥାଏ । ବିକାଶ କ୍ଷେତ୍ରରେ ହିନ୍ଦୁସ୍ତାନ ସମସ୍ତଙ୍କ ପଛରେ ରହିବାର ବଡ଼ କାରଣ ହେଉଛି ଏହା କି ଏମାନେ ପାଣି ଏବଂ ନିଆଁକୁ ଈଶ୍ୱର ବନାଇଛନ୍ତି ଓ ତାହା ସମ୍ମୁଖରେ ହାତ ଯୋଡ଼ି ବସିଗଲେ ଯାହା ବିକାଶ ଓ ଉନ୍ନତି କ୍ଷେତ୍ରରେ ଦୁଇଟି ବଡ଼ ବଡ଼ ସ୍ତମ୍ଭ ଥିଲେ । ହିନ୍ଦୁମାନଙ୍କର ଅବସ୍ଥା ତ ଏମିତି କି ଯେତେବେଳେ ଅଂଗ୍ରେଜ୍ ଗଙ୍ଗାନଦୀରୁ କେନାଲ୍ ବାହାର କରିବାକୁ ଲାଗିଲେ, ସେତେବେଳେ ସେମାନେ କୋଳାହଳ ମଚାଇ ଦେଲେ ଯେ ଏମାନେ ଆମ ଈଶ୍ୱରଙ୍କୁ କାଟି ଦେଉଛନ୍ତି । ସେହିପରି ମୁସଲମାନମାନେ ମଧ୍ୟ ନିଜର ଅବନତି ସମୟରେ ବୁଜୁରୁଗ୍ (ଅର୍ଥାତ ୱଲିଉଲ୍ଲାଃ ଓ ପୂଣ୍ୟବାନ ବ୍ୟକ୍ତିମାନ)ଙ୍କୁ ଈଶ୍ୱରୀୟ ଗୁଣରେ ଭୂଷିତ କରାଇ (ଅର୍ଥାତ ଈଶ୍ୱରଙ୍କର ଯେଉଁ ବିଶେଷ ଗୁଣମାନ ରହିଛି, ତାହା ସେହି ବୁଜ୍‌ରୁଗ୍‌ମାନଙ୍କଠାରେ ଥିବାର ଦର୍ଶାଇ) ସେମାନଙ୍କଠାରୁ ଦୁଆ ମାଗିବାକୁ ଲାଗିଲେ । ଫଳ ଏହା ହେଲା କି ସେହି ବୁଜ୍‌ରୁଗ୍‌ମାନେ ଯେଉଁମାନେ ଉତମ ଆଦର୍ଶ ଦେଖାଇଥିଲେ, ସେହି ଆଦର୍ଶରୁ ମୁସଲମାନମାନେ ଲାଭ ଉଠାଇବା ପରିବର୍ତେ ସେଥିରୁ ବଂଚିତ ରହିଲେ ଏବଂ ଅପରପକ୍ଷେ ସେହି ମୃତ ବୁଜ୍‌ରୁଗ୍‌ମାନଙ୍କ ନିକଟରେ ଦୁଆ ଶୁଣିବାର ଶକ୍ତି ହିଁ ନଥିଲା । ତେଣୁ ସେମାନଙ୍କୁ ଉଚ୍ଚ ଆସନରେ ବସାଇ, ସେମାନଙ୍କୁ ତ କିଛି ଲାଭ ମିଳିଲାନାହିଁ ବରଂ ନିଜେ ଲାଭରୁ ମଧ୍ୟ ବଂଚିତ ରହିଲେ । ଏହି ଆୟତରେ ଏହା ବତାଯାଇଅଛି ଯେ ଶିର୍କ (ଅନେକଶ୍ୱରବାଦ ଅର୍ଥାତ ଈଶ୍ୱରଙ୍କ ସମକକ୍ଷ ଆଉ କାହାକୁ କରିବା) ହେଉଛି ମଣିଷର ଉନ୍ନତି ଓ ବିକାଶ ପାଇଁ ଏକ ବଡ଼ ପ୍ରତିବନ୍ଧକ । ଶିର୍କ ଯୋଗୁଁ ମଣିଷ ପ୍ରାଣୀମାନଙ୍କଠାରୁ ସେହି ଲାଭ ସବୁ ଉଠାଇପାରେ ନାହିଁ ଯାହା ସେମାନଙ୍କ ମଧ୍ୟରେ ଈଶ୍ୱର ରଖିଛନ୍ତି । **ୱମା ଦୁଆଉଲ୍ କାଫିରିନା ଇଲ୍ଲା ଫି ଜଲାଲ୍ ।** ସେମାନଙ୍କର ପ୍ରାର୍ଥନା ଏପରି ନଷ୍ଟ ହୋଇଯାଉଛି ଯେ, ତାହା ପ୍ରକୃତ ସ୍ଥାନରେ ପହଂଚିପାରୁନାହିଁ । ଦୁଆ (ପ୍ରାର୍ଥନା) ହେଉଛି ତାହା ଯାହା ଈଶ୍ୱରଙ୍କୁ ନିକଟରେ ପହଂଚିଥାଏ, ଯଦି ଚିଠିରେ ଲେଖାଯାଇଥିବା ବାର୍ତା ଅନ୍ୟ କୌଣସି ସ୍ଥାନରେ ପହଂଚିଯାଏ ତେବେ ତାହାର ପହଂଚିବା ଓ ନ ପହଂଚିବା ସମାନ । ସେହିଭଳି ଅଲ୍ଲାଃ କହୁଛନ୍ତି ଯେ କାଫିର୍ (ଅର୍ଥାତ ପ୍ରକୃତ ଈଶ୍ୱରଙ୍କୁ ମାନୁନଥିବା ଅବିଶ୍ୱାସକାରୀ)ମାନଙ୍କ ଦୁଆ ଠିକଣାରେ ପହଂଚିନଥାଏ । ଦୁଆ ଗ୍ରହଣ କରିବାର ଅସଲ ସ୍ଥାନ ହେଉଛି ଅଲ୍ଲାଃ ତାଲାଙ୍କ ଅସ୍ତିତ୍ୱ । ତେଣୁ ଏହି ଲୋକମାନେ ନିଜ ଦୁଆ (ପ୍ରାର୍ଥନା)ରେ ଯଦି ଅଲ୍ଲାଃ ତାଲାଙ୍କ ଠିକଣା ଲେଖିଥାନ୍ତେ ତେବେ ସେମାନଙ୍କ ପ୍ରାର୍ଥନା ଅଲ୍ଲାଃ ତାଲାଙ୍କ ନିକଟରେ ନିଶ୍ଚିତ ରୂପେ ପହଂଚିଥାନ୍ତା ଏବଂ ତା'ର ଉତର ମଧ୍ୟ ଆସିଥାନ୍ତା । କିନ୍ତୁ ଏହି ଲୋକମାନେ (ଈଶ୍ୱରଙ୍କୁ ଛାଡ଼ି) ଈଶ୍ୱରଙ୍କ ପ୍ରାଣୀମାନଙ୍କ ଠିକଣାରେ ପଠାଇବା ଆରମ୍ଭ କରିଦେଲେ, ଯେଉଁମାନେ ଦୁଆ କୁବୁଲ୍ (ଗ୍ରହଣ) କରିବାର ସାମର୍ଥ୍ୟ ହିଁ ରଖିନାହାନ୍ତି । ସେଥିଯୋଗୁଁ ଏମାନଙ୍କର ଦୁଆ ନଷ୍ଟ ହୋଇଯାଉଛି ଓ ଯୋଜନା ମଧ୍ୟ ଅସଫଳ ହୋଇଯାଉଛି । ***(ତଫ୍‌ସୀର୍ କବୀର୍, ଖଣ୍ଡ-୩, ପୃ-୩୯୭......୨୦୧୦)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୮ ର ଅବଶିଷ୍ଟାଂଶ ......*

କାର୍ଯ୍ୟ ଓ ଲକ୍ଷ୍ୟକୁ ଆଗକୁ ବତାଇଥାନ୍ତି ।

ଦୁଆ ସପକ୍ଷରେ ନମାଜର ଗୁରୁତ୍ୱ ଓ ଉପଦେୟତା ତଥା ପ୍ରାସଙ୍ଗିକତା ସମ୍ପର୍କରେ ବର୍ଣ୍ଣନା କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି ନମାଜର ପ୍ରକୃତ ଉଦ୍ଦେଶ୍ୟ ଓ ସାର ହେଉଛି ଦୁଆ ଏବଂ ଦୁଆ ମାଗିବା ଅଲ୍ଲାଃ ତାଲାଙ୍କର ପ୍ରକୃତିର ନିୟମ ଅନୁଯାୟୀ ଯୁକ୍ତିଯୁକ୍ତ । ଉଦାହରଣ ସ୍ୱରୁପ ଆମେମାନେ ସାଧାରଣ ରୂପେ ଏହା ଦେଖୁ ଯେ ଯେତେବେଳେ ଶିଶୁଟିଏ ବିଳାପ କରେ, ଅଧିର ହୁଏ, ସେତେବେଳେ ମାଆ କିଭଳି ବିଚଳିତ ହୋଇପଡ଼େ ଓ ନିଜ ଶିଶୁକୁ ସ୍ତନ୍ୟପାନ କରାଏ । ଅତଏବ ସେହିପରି ଈଶ୍ୱରତ୍ୱ ଓ ଉପାସନା ମଧ୍ୟରେ ଏକ ସମ୍ପର୍କ ରହିଛି ଯେଉଁ ସମ୍ପର୍କକୁ ପ୍ରତ୍ୟେକ ବ୍ୟକ୍ତି ବୁଝିପାରିବନାହିଁ । ଯେତେବେଳେ ମନୁଷ୍ୟ ଅଲ୍ଲାଃ ତାଲାଙ୍କ ଦ୍ୱାର ଆଗରେ ପଡ଼ିଯାଇଥାଏ, ନତମସ୍ତକ ହୋଇଥାଏ ଓ ବିନମ୍ରତା ଓ ବିନିତତାର ସହିତ ଅଲ୍ଲାଃ ତାଲାଙ୍କ ଆଗରେ ନିଜର ଭାବ ଓ ବେଦନାକୁ ପରିପ୍ରକାଶ କରିଥାଏ, ଅଲ୍ଲାଃ ତାଲା ସେତେବେଳେ ତାହାର ଗୁହାରୀ ଶୁଣିଥାନ୍ତି ଓ ନିଜ କୃପାବଳରେ ତାହାକୁ ସ୍ୱୀକାର କରିଥାନ୍ତି ତଥା ଗ୍ରହଣ କରିଥାନ୍ତି । ଅଲ୍ଲାଃ ତାଲାଙ୍କର କୃପା ଓ କରୁଣାର କ୍ଷୀର ମଧ୍ୟ ଏକ ବ୍ୟାକୁଳମୟ ନିବେଦନକୁ ଆବଶ୍ୟକ କରେ । ଅତଏବ ଏଥିପାଇଁ ସେହି ଭକ୍ତ ଅଲ୍ଲାଃ ତାଲାଙ୍କ ଆଗରେ ନିଜ ମନରେ ଥିବା ଭାବକୁ ଲୋତକପୂର୍ଣ୍ଣ ଚକ୍ଷୁରେ ପରିପ୍ରକାଶ କରିବା ଉଚିତ" ।

***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୩୨୫, ଏଡ଼ିଶନ୍ ୧୯୮୪)***

ପୁନଶ୍ଚ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି: କେତେକ ଲୋକଙ୍କର ଏହି ଚିନ୍ତାଧାରା ରହିଛି ଯେ, ଅଲ୍ଲାଃ ତାଲାଙ୍କ ଆଗରେ କାନ୍ଦିବା ଦ୍ୱାରା କୌଣସି ଫଳପ୍ରାପ୍ତି ହୋଇନଥାଏ । ଏହା କହିବା ଅତ୍ୟନ୍ତ ଭ୍ରମାତ୍ମକ ଏଭଳି କଥା କହୁଥିବା ଲୋକମାନେ ଅଲ୍ଲାଃ ତାଲାଙ୍କ ଅସ୍ତିତ୍ୱ, ଶକ୍ତି ଓ ତାହାଙ୍କ ବିଶେଷଗୁଣାବଳୀର ଅତି ପ୍ରାକୃତିକତା ଓ ବ୍ୟବହାର ଉପରେ ବିଶ୍ୱାସ ରଖିନଥାନ୍ତି । ଯଦି ସେହି ଲୋକମାନଙ୍କଠାରେ ପ୍ରକୃତ ବିଶ୍ୱାସ ଥାଆନ୍ତା ତାହେଲେ ସେମାନେ ଏପରି କହିବାକୁ ଦୁଃସାହାସ କରନ୍ତେ ନାହିଁ । ଅତଏବ ଯେତେବେଳେ ବି କୌଣସି ବ୍ୟକ୍ତି ଅଲ୍ଲାଃ ତାଲାଙ୍କ ସମ୍ମୁଖକୁ ଆସିଛି ଓ ସେ ପ୍ରକୃତ କ୍ଷମା ଜାଚନା କରିଛି । ଅଲ୍ଲାଃ ତାଲାଙ୍କ ଆଡ଼କୁ ପ୍ରତ୍ୟାବର୍ତନ କରିଛି । ଅଲ୍ଲାଃ ତାଲା ସେହି ବ୍ୟକ୍ତି ଉପରେ ସର୍ବଦା ନିଜର କୃପା ଅବତୀର୍ଣ୍ଣ କରିଛନ୍ତି । ଅତଏବ ଜଣେ କବୀ ସତ୍ୟ କହିଛନ୍ତି: **"ଆଶିକ୍ କେ ଶୁଦ୍ କେ ୟାର୍ ବହାଲଶ୍ ନଜର୍ ନା କରୋ..... ଆଏ ଖ୍ୱାଜା ! ଦରଦ୍ ନେସ୍ତ ୱଗରନା ତବିବ୍ ହସ୍ତ"** ଅର୍ଥାତ ଏପରି କିଏ ଅଛି ଯିଏ ପ୍ରେମିକ ହୋଇଥିବ ଓ ପ୍ରେମିକା ତା ଅବସ୍ଥା ଉପରେ ନଜର କରୁନଥିବ ! ହେ ସାହେବ୍ ତୁମର କୌଣସି ବ୍ୟଥା ନାହିଁ ନଚେତ ଏହାର ଉପଚାର ପାଇଁ ବଇଦ ତ ମହଜୁଦ୍ ଅଛନ୍ତି ବା ଉପସ୍ଥିତ ଅଛନ୍ତି ।

ଅଲ୍ଲାଃ ତାଲା ଚାହାନ୍ତି ଯେ ତୁମେ ତାଙ୍କ ଆଗରେ ପବିତ୍ର ହୃଦୟ ଘେନି ଆସ କେବଳ ଏତିକି ସର୍ତ ରହିଛି ଯେ ତାଙ୍କ ଅବସ୍ଥା ଅନୁଯାୟୁ ନିଜକୁ ପରିଚାଳିତ କରିବାକୁ ଚେଷ୍ଟା କରିବା ଉଚିତ । ପ୍ରକୃତ ପରିବର୍ତନ ଯାହା ଅଲ୍ଲାଃ ତାଲାଙ୍କ ସମ୍ମୁଖକୁ ଯିବା ନିମନ୍ତେ ଯୋଗ୍ୟ କରିଥାଏ, ସେହିଭଳି ପରିବର୍ତନ ନିଜ ମଧ୍ୟରେ ସୃଷ୍ଟି କରିବା ଉଚିତ । ଅତଏବ ତୁମେ ନିଜ ଭିତରେ ଏହି ପରିର୍ବତନ ସୃଷ୍ଟି କରି ନିଅ । ମୁଁ ତୁମକୁ ସତ କହୁଛି ଅଲ୍ଲାଃ ତାଲାଙ୍କଠାରେ ବିଚିତ୍ର ଓ ଆଲୌକିକ ଅଭୁଦପୂର୍ବ ଶକ୍ତି ରହିଛି ସେ ଅସୀମ କୃପା ଓ କଲ୍ୟାଣର ଅଧିକାରୀ କିନ୍ତୁ ଏହି ସମସ୍ତ ଶକ୍ତିକୁ ଦେଖିବାକୁ ହେଲେ ପ୍ରଥମେ ନିଜ ମଧ୍ୟରେ ପ୍ରେମ ଚକ୍ଷୁ ସୃଷ୍ଟି କର । ମନୁଷ୍ୟ ମଧ୍ୟରେ ଯଦି ଅଲ୍ଲାଃ ତାଲାଙ୍କ ପ୍ରତି ପ୍ରକୃତ ପ୍ରେମ ଥାଏ ତେବେ ଅଲ୍ଲାଃ ତାଲା ବହୁତ ଦୁଆ ସ୍ୱୀକାର କରିଥାନ୍ତି । ସାହାଯ୍ୟ ମଧ୍ୟ କରିଥାନ୍ତି" ।

***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୩୫୨-୩୫୩, ଏଡ଼ିଶନ୍ ୧୯୮୪)***

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି: ଅଲ୍ଲାଃ ତାଲା ବିଶ୍ୱାସକାରୀକୁ ପ୍ରଶଂସା କରି କୁହନ୍ତି. **ୟଜ୍‌କୁରୁନଲ୍ଲାହା କିୟାମୌଁ ୱ କୁଉଦଓଁ ...... ହାଜା ବାତିଲା (ଆଲେ ଇମ୍ରାନ୍:୧୯୨)** ଅର୍ଥାତ ଯେଉଁ ଜ୍ଞାନୀମାନେ ଛିଡ଼ା ହୋଇ, ବସି ଅବା ଶୋଇବା ଅବସ୍ଥାରେ ଅଲ୍ଲାଃ ତାଲାଙ୍କୁ ସ୍ମରଣ କରନ୍ତି ଏବଂ ଆକାଶ ଓ ପୃଥିବୀର ସୃଷ୍ଟି ବିଷୟରେ ଚିନ୍ତା କରନ୍ତି ଓ ଯେତେବେଳେ ସେମାନଙ୍କ ସମ୍ମୁଖରେ ଈଶ୍ୱରଙ୍କ ସୂକ୍ଷ୍ମ କାରିଗରୀ ସମ୍ପର୍କରେ କାରିଗରତାର ସୂକ୍ଷ୍ମତା ସେମାନଙ୍କଠାରେ ଉନ୍ମୋଚିତ ହୋଇଥାଏ ସେତେବେଳେ ସେମାନେ କୁହନ୍ତି ହେ ଆମର ପାଳନକର୍ତା ! ତୁମ୍ଭେ ଏହି ଜଗତର କାରିଗରକୁ ବୃଥାରେ ସୃଷ୍ଟି କରିନାହଁ । ସେହି ବିଶ୍ୱାସକାରୀମାନେ, ଯେଉଁମାନେ ବିଶିଷ୍ଟ ବିଶ୍ୱାସକାରୀ ଓ ଧର୍ମ ପରାୟଣ, ସେମାନେ ସାଂସାରିକ ଗ୍ରସିତ ବ୍ୟକ୍ତିଙ୍କ ପରି ମନରେ କାମନା ରଖିନଥାନ୍ତି, ସେମାନେ ସେହି ସାଂସାରୀକ ଲୋକମାନଙ୍କ ପରି ଏତିକିରେ ସନ୍ତୁଷ୍ଟ ହୋଇନଥାନ୍ତି ଯେ ଭୂମିର ବ୍ୟାସ ଏତେ ଓ ତାହାର ମାଧ୍ୟାକର୍ଷଣ ଶକ୍ତିର ଅବସ୍ଥା ଏତେ ଓ ସୂର୍ଯ୍ୟ, ଚନ୍ଦ୍ର ଓ ତାରକାମାନଙ୍କ ସହିତ ତା'ର ସମ୍ପର୍କ ରହିଛି ଏତିକି ନୁହେଁ ବରଂ ବିଶ୍ୱାସକାରୀମାନେ ଅଲ୍ଲାଃ ତାଲାଙ୍କର କାରିଗରର ପୂର୍ଣ୍ଣତ୍ୱକୁ ଉପଲବ୍ଧ କରିବା ଚିହ୍ନି ତାଙ୍କର ବୈଶିଷ୍ଟ୍ୟତାକୁ ଉନ୍ମୋଚିତ କରିବାକୁ ପ୍ରତ୍ୟାବର୍ତନ କରନ୍ତି ଓ ନିଜ ବିଶ୍ୱାସକୁ ସୁଦୃଢ଼ କରନ୍ତି । ***(ସୁର୍‌ମା ଚଶ୍‌ମା ଆର୍‌ୟା, ରୁହାନୀ ଖଜାଇନ୍ ଖଣ୍ଡ-୨, ପୃ-୧୯୧-୧୯୨)***

ଅର୍ଥାତ ଜ୍ଞାନ ଆହାରଣ କରି ଅଲ୍ଲାଃ ତାଲାଙ୍କ ଆଡ଼କୁ ଆନତ ହୁଅନ୍ତି । ତେବେ ଏହା ହିଁ ହେଉଛି ଜଣେ ପ୍ରକୃତ ବିଶ୍ୱାସକାରୀର ଏକ ବିଶିଷ୍ଟ ଲକ୍ଷଣ ଏହି କେତେକ କଥା ମୁଁ ସେହି ମହାନ୍ କୋଟିନିଦ୍ଧିରୁ ଉଦ୍ଧୃତ କରିଛି ଯାହାକି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଗନ୍ଥାଘରରୁ ଆଦୃତ ଓ ମହତ୍ୱ ପୂର୍ଣ୍ଣ ଉପଦେଶ, ଯାହା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମକୁ ପ୍ରଦାନ କରିଛନ୍ତି । ଯଦ୍ୱାରା ଦୁଆ କରିବାର ଗୁରୁତ୍ୱ ଦୁଆ କରିବାର ଶୈଳୀ, ଦର୍ଶନ ଶାସ୍ତ୍ର ଆଦି ସମ୍ପର୍କରେ କିଛି ନା କିଛି ଆଲୋକପାତ ହୋଇଥାଏ । ଯଦି ଆମେ ଏହାକୁ ହୃଦୟଙ୍ଗମ କରି ଏହା ଉପରେ କାର୍ଯ୍ୟାନୁସରଣ କରିବା ତାହେଲେ ଆମେମାନ ନିଜ ମଧ୍ୟରେ ଏକ ମହାନ ବିପ୍ଳବ ସୃଷ୍ଟି କରିପାରିବା ତେବେ ଯାଇ ଆମେମାନେ ଅଲ୍ଲାଃ ତାଲାଙ୍କର ସେହି ବିଶିଷ୍ଟ କୃପାର ଅଧିକାରି ହୋଇପାରିବା । ଅତଏବ ଆମମାନଙ୍କୁ ପବିତ୍ର ରମ୍‌ଜାନ ମାସରେ ଏହି ଉଦ୍ୟମ କରିବା ଉଚିତ । ଆମେମାନେ ଅଲ୍ଲାଃ ତାଲାଙ୍କର ସାନ୍ନିଧ ପ୍ରାପ୍ତ କରିବା ଏବଂ ତାହାକୁ ପ୍ରାପ୍ତ କରିବାପାଇଁ ତାଙ୍କ ଆଦେଶ ଉପରେ ପରିଚାଳିତ ହେବା ଓ ନିଜ ବିସ୍ୱାଶକୁ ଦୃଢ଼ିଭୂତ କରିଚାଲିବା । ତେବେ ଯାଇ ଆମେମାନେ ଦୁଆ ର ଦର୍ଶନ ଓ ତତ୍ୱକୁ ବୁଝିପାରିବା ଓ ଆମେମାନେ ନିଜ କର୍ମର ସଂଶୋଧନକାରୀ ଓ ସୁଧାରକ ରୂପେ ବିବେଚିତ ହୋଇପାରିବ ଓ ଆମେମାନେ ସେହି ଲୋକାମନଙ୍କ ମଧ୍ୟରେ ଅନ୍ତର୍ଭକ୍ତ ହୋଇପାରିବା ଯେଉଁମାନେ ଅଲ୍ଲାଃ ତାଲାଙ୍କ ସାନ୍ନିଧତା ଲାଭ କରିଥାନ୍ତି । ଏହି ପବିତ୍ର ରମ୍‌ଜାନ ମାସ ଆମମାନଙ୍କର ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରାଇବାରେ ସହାୟକ ହେଉ ଏବଂ ନିଜ ଜୀବନରେ ଏକ ପରିବର୍ତନ ଉତ୍ପନ୍ନକାରୀ ହେଉ । ଆମିନ୍ ॥

ଆପଣମାନେ ନିଜ ଭାଇମାନଙ୍କୁ ମଧ୍ୟ ଦୁଆରେ ମନେ ରଖିବେ । ମୁଁ ପୂର୍ବେ ମଧ୍ୟ ଆପଣମାନଙ୍କୁ ଦୁଆ ପାଇଁ ଆହ୍ୱାନ ଜଣାଇ ଆସିଛି ଯେ, ପାକିସ୍ତାନ ଓ ଉପଦ୍ୱୀପରେ ବସବାସ କରୁଥିବା ଅହେମଦୀମାନଙ୍କ ପାଇଁ ତଥା ପୃଥିବୀର କୋଣ ଅନୁକୋଣରେ ବସବାସ କରୁଥିବା ଅହେମଦୀମାନଙ୍କ ପାଇଁ ଯେଉଁମାନଙ୍କ ଉପରେ ନାନା ଅସୁବିଧା ଓ କଟକଣା ଅଣାଯାଉଛି ଓ ସେମାନେ ବିଭିନ୍ନ ସମସ୍ୟାର ସମ୍ମୁଖିନ ହେଉଛନ୍ତି ସେହି ସମସ୍ତ ଅହେମଦୀମାନଙ୍କ ପାଇଁ ଦୁଆରେ ମନେ ରଖିବେ । ପାକିସ୍ତାନରେ ଦୌନନ୍ଦିନ କୌଣସି ନା କୌଣସି ଆଳରେ ଅହେମଦୀମାନଙ୍କୁ କଷ୍ଟ ଓ ନିର୍ଯ୍ୟାତନା ଦିଆଯାଉଛି । ସେମାନଙ୍କ ପାଇଁ ବିଶେଷ ରୂପେ ଦୁଆ କରିବେ । ସେହିପରି ଉପଦ୍ୱୀପରେ ମଧ୍ୟ ସେହି ବିରୋଧିମାନେ ଅହେମଦୀମାନଙ୍କ ବିରୋଧରେ ପୂନର୍ବାର କେଶ୍ ଖୋଲିବାକୁ ଇଚ୍ଛା ପ୍ରକାଶ କଲେଣି । ଅଲ୍ଲାଃ ତାଲା ସେହି ସମସ୍ତ ଅହେମଦୀମାନଙ୍କୁ ନିଜ ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ ।

ନିଜ ପାଇଁ ଦୁଆ କରନ୍ତୁ ଓ ଅନ୍ୟମାନଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ । ଏହି ସୂତ୍ରକୁ ସର୍ବଦା ସ୍ମରଣ ରଖିବା ଉଚିତ ଯେ ପର ପାଇଁ ଦୁଆ କରୁଥିଲେ ଦେବଦୂତମାନେ ମଧ୍ୟ ତୁମ ପାଇଁ ଦୁଆ କରିବେ । ଯେତେବେଳେ ଦେବଦୂତମାନଙ୍କ ପ୍ରସଙ୍ଗ ଚାଲିଛି ତେବେ ତାହା କିଭଳି ଲାଭ ଦାୟକ ବ୍ୟାପାର ତାହା ସମସ୍ତଙ୍କୁ ଜଣା ଅର୍ଥାତ ଯଦି ଜଣଙ୍କ ପକ୍ଷରେ ଦେବଦୂତମାନେ ଦୁଆ କରନ୍ତି ତାହେଲେ ତାହା କିଭଳି ଫଳପ୍ରଦ ହେବ ତାହା ପାଇଁ କେତେ ସୁଫଳ ଆଣିଦେବ, ତାହା ସମସ୍ତେ ବେଶ୍ ଭଲଭାବରେ ଜାଣନ୍ତି । ଅତଏବ ଆମମାନଙ୍କୁ ବିଶେଷ ରୂପେ ଅନ୍ୟମାନଙ୍କ ପାଇଁ ମଧ୍ୟ ବହୁତ ଦୁଆ କରିବାର ଆବଶ୍ୟକତା ରହିଛି । ତେଣୁ ଆପଣମାନେ କେବଳ ନିଜ ପାଇଁ ଦୁଆ ନ କରି ଅନ୍ୟମାନଙ୍କୁ ମଧ୍ୟ ଦୁଆ ରେ ମନେ ରଖିବେ । ଅଲ୍ଲାଃ ତାଲା ଆମମାନଙ୍କୁ ଏଥିପ୍ରତି ଏହି ପବିତ୍ର ରମ୍‌ଜାନ ମାସରେ ବିଶେଷ ରୂପେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ॥

⌘⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

ଦୁଆ ଗ୍ରହଣୀୟ ହେବାପାଇଁ କିଛି ସର୍ତାବଳୀ ରହିଛି । ତେଣୁ ଯଦି ସେହି ସର୍ତାବଳୀ ମୁତାବକ ନିଜର ଦୁଆରେ ସୌନ୍ଦର୍ଯ୍ୟତା ସୃଷ୍ଟି କରିବେ ତା'ହେଲେ ଈଶ୍ୱରଙ୍କୁ ମଧ୍ୟ ନିଜ ନିକଟରେ ଏବଂ ଦୁଆ ଗ୍ରହଣକାରୀ ରୂପରେ ପାଇବେ ।

ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ନୀତିବାଣୀ ଆଲୋକରେ ଦୁଆର ଗୁରୁତ୍ୱ, ଦୁଆ ଗ୍ରହଣୀୟ ହେବାର ସର୍ତାବଳୀ ଦୁଆର ଦର୍ଶନ ଓ ଗାମ୍ଭିର୍ଯ୍ୟତାର ବିଶ୍ୱାସବର୍ଦ୍ଧକ ବର୍ଣ୍ଣନା ।

ଆମମାନଙ୍କ ମଧ୍ୟରେ ବହୁତ ଲୋକେ ଏପରି ଅଛନ୍ତି ଯେଉଁମାନେ ଉପର ଠାଉରିଆ ଦୁଆ କରୁଛନ୍ତି ଓ ପୁଣି କହୁଛନ୍ତି ଯେ ଅଲ୍ଲାଃ ତାଲା ଆମ ଦୁଆ ଗ୍ରହଣ କଲେନାହିଁ । ଏହାର ଅର୍ଥ ହେଉଛି ଆମେ ଅଲ୍ଲାଃ ତାଲାଙ୍କୁ ଗୋଟିଏ କାମ କରିବାକୁ କହିଲେ, ଯାହାକୁ ସେ ମାନିବା କଥା । ଅର୍ଥାତ **ନଉଜୁବିଲ୍ଲାଃ ଅଲ୍ଲାଃ ତାଲା ସେମାନଙ୍କ ହୁକୁମ୍‌ର ଗୁଲାମ** । ସେମାନେ ମନ ଇଚ୍ଛା ଯାହା ଚାହିଁବେ କହିବେ, ଯେଉଁଭଳି ଚାହିଁବେ କହିବେ, ସେମାନଙ୍କର କର୍ମ ଯାହା ଇଚ୍ଛା ତାହା ହେଉ କିନ୍ତୁ ଅଲ୍ଲାଃ ଆମ କଥା ଶୁଣିବାକୁ ବାଧ୍ୟ । ଅଲ୍ଲାଃ ତାଲା ସ୍ପଷ୍ଟ ଭାବରେ କହିଛନ୍ତି ଯେ ଏପରି ହେବନାହିଁ । ପ୍ରଥମେ ତୁମକୁ ମୋ କଥା ମାନିବାକୁ ହେବ ଏବଂ ନିଜର କର୍ମକୁ ପବିତ୍ର କୁର୍‌ଆନ୍‌ର ଶିକ୍ଷା ମୁତାବକ ପରିଚାଳିତ କରିବାକୁ ହେବ ।

''ଏ କଥା ବହୁତ ସତ୍ୟ ଅଟେ କି ଯେଉଁ ବ୍ୟକ୍ତି ନିଜର କର୍ମ କରୁନାହିଁ, ସେ ଦୁଆ କରୁନାହିଁ ବରଂ ଖୁଦାତାଲାଙ୍କର ପରୀକ୍ଷା ନେଉଛି'' । (ହଜ୍‌ରତ୍ ମସିହ୍ ମଉଦ୍ ଆ:ସ)

''ଶରିୟତ୍ ସାଂସାରୀକ ସାଧନକୁ ବ୍ୟବହାର କରିବାପାଇଁ ମନା କରେନାହିଁ । ସତ କହିବାକୁ ଗଲେ କଣ ଦୁଆ ସାଧନ ନୁହେଁ ? ବା ସାଧନ ଦୁଆ ନୁହେଁ ? ସାଧନ ଖୋଜିବା ହେଉଛି ଏକ ଦୁଆ ଏବଂ ସ୍ୱୟଂ ଦୁଆ ହେଉଛି ଏକ ମହାନ ସାଧନର ସ୍ରୋତ''

ଅନ୍ୟମାନଙ୍କ ପାଇଁ ଦୁଆ କଲେ ନିଜର ଦୁଆ କୁବୁଲ୍ (ଗ୍ରହଣୀୟ) ହୋଇଥାଏ । ଏହି ମନ୍ତ୍ରକୁ ସର୍ବଦା ମନେ ରଖିବା ଉଚିତ । ଅନ୍ୟମାନଙ୍କ ପାଇଁ ଦୁଆ କରୁଥିବା ଲୋକମାନଙ୍କ ନିମନ୍ତେ ଫରିସ୍ତା (ଦେବ ଦୂତ)ମାନେ ଦୁଆ କରିଥାନ୍ତି । ଯେଉଁଠି ଫରିସ୍ତାମାନଙ୍କ ଦୁଆ କରୁଥିବେ, ତାହା କେତେ ଲାଭପ୍ରଦ ବାଣିଜ୍ୟ ।

ଅଲ୍‌ଜଜାଇର୍, ପାକିସ୍ତାନ ଏବଂ ପୃଥିବୀରେ ପ୍ରତ୍ୟେକ ସ୍ଥାନରେ ଯନ୍ତ୍ରଣା ଭୋଗୁଥିବା ଅହେମଦୀମାନଙ୍କ ପାଇଁ ବିଶେଷ ଦୁଆ କରିବାକୁ ଅନୁରୋଧ

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍: ୧୬ ଏପ୍ରିଲ୍ ୨୦୨୧ ଅନୁଯାୟୀ ୧୬ ଶାହାଦତ୍ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- اِيَّاكَ نَعْبُدُ وَاِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-
يٰۤاَيُّهَا الَّذِيْنَ اٰمَنُوْا كُتِبَ عَلَيْكُمُ الصِّيَامُ كَمَا كُتِبَ عَلَى الَّذِيْنَ مِنْ قَبْلِكُمْ لَعَلَّكُمْ تَتَّقُوْنَ ۝ اَيَّامًا مَّعْدُوْدٰتٍ ؕ فَمَنْ كَانَ مِنْكُمْ مَّرِيْضًا اَوْ عَلٰى سَفَرٍ فَعِدَّةٌ مِّنْ اَيَّامٍ اُخَرَ ؕ وَعَلَى الَّذِيْنَ يُطِيْقُوْنَهٗ فِدْيَةٌ طَعَامُ مِسْكِيْنٍ ؕ فَمَنْ تَطَوَّعَ خَيْرًا فَهُوَ خَيْرٌ لَّهٗ ؕ وَاَنْ تَصُوْمُوْا خَيْرٌ لَّكُمْ اِنْ كُنْتُمْ تَعْلَمُوْنَ ۝ شَهْرُ رَمَضَانَ الَّذِيْۤ اُنْزِلَ فِيْهِ الْقُرْاٰنُ هُدًى لِّلنَّاسِ وَبَيِّنٰتٍ مِّنَ الْهُدٰى وَالْفُرْقَانِ ۚ فَمَنْ شَهِدَ مِنْكُمُ الشَّهْرَ فَلْيَصُمْهُ ؕ وَمَنْ كَانَ مَرِيْضًا اَوْ عَلٰى سَفَرٍ فَعِدَّةٌ مِّنْ اَيَّامٍ اُخَرَ ؕ يُرِيْدُ اللّٰهُ بِكُمُ الْيُسْرَ وَلَا يُرِيْدُ بِكُمُ الْعُسْرَ ۫ وَلِتُكْمِلُوا الْعِدَّةَ وَلِتُكَبِّرُوا اللّٰهَ عَلٰى مَا هَدٰىكُمْ وَلَعَلَّكُمْ تَشْكُرُوْنَ ۝ وَاِذَا سَاَلَكَ عِبَادِيْ عَنِّيْ فَاِنِّيْ قَرِيْبٌ ؕ اُجِيْبُ دَعْوَةَ الدَّاعِ اِذَا دَعَانِ ۙ فَلْيَسْتَجِيْبُوْا لِيْ وَلْيُؤْمِنُوْا بِيْ لَعَلَّهُمْ يَرْشُدُوْنَ ۝ (البقرۃ:184 تا 187)

ଏହି ପବିତ୍ର ଆୟତ ଗୁଡ଼ିକର ଅନୁବାଦ ହେଉଛି ଏପରି:- ହେ ବିଶ୍ୱାସକାରୀମାନେ ତୁମମାନଙ୍କ ପାଇଁ ରୋଜା ରଖିବା ସେହି ପରି ଧାର୍ଯ୍ୟ କରାଯାଇଛି ଯେପରି ତୁମମାନଙ୍କ ପୂର୍ବବର୍ତୀ ଲୋକମାନଙ୍କ ପାଇଁ ଧାର୍ଯ୍ୟ କରାଯାଇଥିଲା । ଫଳରେ ତୁମେମାନେ (ଆଧାତ୍ମିକ ଓ ନୈତିକ ଦୁର୍ବଳତା ଜନିତ ତ୍ରୁଟିରୁ) ରକ୍ଷା ପାଇବ । (ସୁତରାଂ ତୁମେମାନେ ରୋଜା ରଖ) କେତେକ ନିର୍ଦ୍ଧିଷ୍ଟ ଦିନରେ ଏବଂ ତୁମମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି କୌଣସି ବ୍ୟାଧିରେ ପିଡ଼ୀତ ଥାଏ ବା ଯାତ୍ରା କରୁଥାଏ ତେବେ (ତାହାକୁ) ଅନ୍ୟ ଦିନମାନଙ୍କରେ (ସେହି) ନିର୍ଦ୍ଧିଷ୍ଟ ସଂଖ୍ୟା (ପୂରଣ) କରିବାକୁ ହେବ ଏବଂ ଯେଉଁମାନେ ଏହା (ଅର୍ଥାତ କ୍ଷତିପୁରଣ) ଦେବାକୁ ସାମର୍ଥ୍ୟ ସେମାନେ (କ୍ଷତିପୁରଣ ସ୍ୱରୁପ) ଜଣେ (ଲେଖାଏଁ) ଦରିଦ୍ର ବ୍ୟକ୍ତିକୁ ଖାଇବାକୁ ଦେବା ବିଧେୟ । ଯେଉଁ ବ୍ୟକ୍ତି ସମ୍ପୁର୍ଣ୍ଣ ଆଜ୍ଞାପାଳନ କରି କୌଣସି ପୂଣ୍ୟକାର୍ଯ୍ୟ କରିବ ଏହା ତା' ପକ୍ଷରେ ଉତ୍କୃଷ୍ଟ ହେବ ଏବଂ ଯଦି ତୁମେ ଜାଣିଥାଅ ତେବେ (ବୁଝିପାରିବ ଯେ), ରୋଜା ରଖିବା ତୁମମାନଙ୍କ ପକ୍ଷରେ ଉତ୍କୃଷ୍ଟତର । ରମ୍‌ଜାନ୍ ମାସ ହେଉଛି ସେହି ମାସ ଯହିଁରେ ପବିତ୍ର କୁର୍‌ଆନ୍ ଅବତୀର୍ଣ୍ଣ ହୋଇଅଛି ଯାହା ସମସ୍ତ ଲୋକମାନଙ୍କ ପାଇଁ ସତ୍‌ପଥ (ରୂପେ ପ୍ରେରିତ) ହୋଇଅଛି ଏବଂ ଯହିଁରେ ପ୍ରକାଶ୍ୟ ପ୍ରମାଣମାନ ରହିଅଛି (ଏପରି ପ୍ରମାଣମାନ) ଯାହା ସତ୍‌ପଥ ପ୍ରଦର୍ଶିତ କରେ ଏବଂ ତତ୍‌ସଙ୍ଗେ (ପବିତ୍ର କୁର୍‌ଆନ୍‌ରେ) ଅଲ୍ଲାଃଙ୍କର ନିର୍ଦ୍ଦେଶମାନ ମଧ୍ୟ ରହିଅଛି । ସୁତରାଂ ତୁମମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ଏହି ମାସରେ (ପିଡ଼ୀତ ବା ଯାତ୍ରୀ ନ ଥାଇ ଗୃହରେ) ଉପସ୍ଥିତ ଥିବ ତା'ପାଇଁ ସେହି ମାସରେ ରୋଜା ରଖିବା ଉଚିତ ଏବଂ ଯେଉଁ ବ୍ୟକ୍ତି ପିଡ଼ୀତ ଥାଏ ବା ଯାତ୍ରା କରୁଥାଏ ତାହାକୁ ଅନ୍ୟାନ୍ୟ ଦିନରେ ଏହି ସଂଖ୍ୟା ପୂରଣ କରିବାକୁ ହେବ । ଅଲ୍ଲାଃ ତୁମମାନଙ୍କ ପାଇଁ ସହଜତା ଇଚ୍ଛା କରନ୍ତି ଏବଂ ତୁମମାନଙ୍କ ପାଇଁ କଠିନତା ଇଚ୍ଛା କରନ୍ତି ନାହିଁ (ଏବଂ ତୁମେମାନେ କଠିନତାରୁ ରକ୍ଷା ପାଇବା ପାଇଁ ସେ ଏହି ଆଦେଶ ଦେଇଛନ୍ତି) ଯଦ୍ୱାରା ତୁମେମାନେ (ନିର୍ଦ୍ଧିଷ୍ଟ) ସଂଖ୍ୟା ପୂରଣ କରିପାରିବ ଏବଂ ଅଲ୍ଲାଃ ତୁମମାନଙ୍କୁ ସତ୍‌ପଥ ଦେଖାଇଥିବାରୁ ତାଙ୍କ ମହିମା ଗାନ କର ଫଳରେ ତୁମେମାନେ (ତାଙ୍କଠାରେ) କୃତଜ୍ଞ ହେବ । ଏବଂ (ହେ ରସୁଲ୍ !) ଯେବେ ଆମ ଭକ୍ତମାନେ ତୁମଙ୍କୁ ଆମ ସଂକ୍ରାନ୍ତରେ ପ୍ରଶ୍ନ କରିବେ ତେବେ (କୁହ) ଆମେ ସେମାନଙ୍କ ନିକଟରେ ଅଛୁ, ପ୍ରାର୍ଥନାକାରୀ ଯେବେବି ଆମଙ୍କୁ ପ୍ରାର୍ଥନା କରେ ଆମ୍ଭେ ତାହାର ପ୍ରାର୍ଥନାକୁ ଗ୍ରହଣ କରିଥାଉ । ସୁତରାଂ ଆମର ଆଦେଶ ଗ୍ରହଣ କରିବା ଓ ଆମ ଉପରେ ବିଶ୍ୱାସ ସ୍ଥାପନ କରିବା ସେମାନଙ୍କ ପକ୍ଷେ ବିଧେୟ ଫଳରେ ସେମାନେ ସତ୍‌ପଥଗାମୀ ହେବେ ।

ଅଲ୍ଲାଃ ତାଲାଙ୍କ କୃପାରୁ ଚଳିତ ବର୍ଷ ଆମମାନଙ୍କୁ ପୂନର୍ବାର ରମ୍‌ଜାନ ମାସ ଦେଇ ଅତିକ୍ରମ କରିବାର ସୁଯୋଗ ପ୍ରାପ୍ତ ହୋଇଛି । ଆମମାନଙ୍କୁ ସ୍ମରଣ ରଖିବା ଉଚିତ ଯେ, କେବଳ ରମ୍‌ଜାନ୍ ମାସକୁ ପ୍ରାପ୍ତ କରିବା ସହ୍‌ରି ଓ ଇଫ୍‌ତାରି ଅର୍ଥାତ ପାହାନ୍ତାରେ ରୋଜା ରଖିବା ପାଇଁ ଖାଦ୍ୟଗ୍ରହଣ କରିବା ଓ ସୂର୍ଯ୍ୟାସ୍ତ ପରେ କିଛି ଖାଇ ରୋଜା ଖୋଲିବା ଯଥେଷ୍ଟ ନୁହେଁ ବରଂ ରୋଜ ରଖିବା ସହିତ ଆମମାନଙ୍କୁ ନିଜ ମଧ୍ୟରେ ପବିତ୍ର ପରିବର୍ତନ ସୃଷ୍ଟି କରିବାର ମଧ୍ୟ ଆଦେଶ ରହିଛି । ରୋଜ ସମ୍ପର୍କରେ ଅଲ୍ଲାଃ ତାଲା ଆମମାନଙ୍କୁ କେତେକ ଆଦେଶ ପ୍ରାଦାନ କରିଛନ୍ତି ଯେଉଁ ଆଦେଶ ଉପେର କାର୍ଯ୍ୟନୁସରଣ କରିବା ଫଳରେ ଆମମାନେ ଅଲ୍ଲାଃ ତାଲାଙ୍କ ସମୀପବର୍ତୀ ହେବା ସଙ୍ଗେ ସଙ୍ଗେ ଆମମାନଙ୍କର ଦୁଆ ମଧ୍ୟ ଗ୍ରହଣୀୟ ହୋଇଥାଏ । ଅର୍ଥାତ ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ ଏହା ଉଲ୍ଲେଖ କରିଛନ୍ତି । ମୁଁ ଯେଉଁ ଆୟତର ତିଲାୱତ କରି

ଆସିଲି ତହିଁରେ ଅଲ୍ଲାଃ ତାଲା ରୋଜାର ବାଧ୍ୟତାମୂଳକ ହେବା ପ୍ରତି ଧ୍ୟାନ ଆକର୍ଷିତ କରିଛନ୍ତି । ଅର୍ଥାତ ଯେଉଁ ବ୍ୟକ୍ତି ଏହି ପବିତ୍ର ମାସରେ ରୋଗାଗ୍ରସ୍ତ ବା ଯାତ୍ରୀ ନଥାଇ ଗୃହରେ ଉପସ୍ଥିତ ଥିବେ, ତା' ପାଇଁ ସେହି ମାସରେ ରୋଜା ରଖିବା ଉଚିତ ଓ ତାହା ବିଧେୟ ଏବଂ ଯେଉଁ ବ୍ୟକ୍ତି ରୋଗରେ ପିଡ଼ୀତ ଥାଏ ବା ଯାତ୍ରା କରୁଥାଏ ତେବେ ତାହାକୁ ଯେପରି କି ମୁଁ କହି ଆସିଲି ଅନ୍ୟ ଦିନମାନଙ୍କରେ ଏହି ସଂଖ୍ୟା ପୂରଣ କରିବାକୁ ହେବ । ସେହିପରି ଅଲ୍ଲାଃ ତାଲା ଏହି ପବିତ୍ର ମାସରେ ପବିତ୍ର କୁର୍‌ଆନ୍‌ର ମହତ୍ୱ ଓ ଗୁରୁତ୍ୱ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି । ଅତଏବ ଅଲ୍ଲାଃ ତାଲା କୁହନ୍ତି: ରମଜାନ୍ ମାସ ହେଉଛି ସେହି ମାସ ଯହିଁରେ ପବିତ୍ର କୁର୍‌ଆନ୍ ଅବତୀର୍ଣ୍ଣ ହୋଇଅଛି ଏହା ସମସ୍ତ ଲୋକମାନଙ୍କ ପାଇଁ ସତ୍‌ପଥ ରୂପେ ପ୍ରେରିତ ହୋଇଅଛି । ଯହିଁରେ ପ୍ରକାଶ୍ୟ ପ୍ରମାଣମାନ ରହିଛି ଏବଂ ଏପରି ପ୍ରମାଣମାନ ଯାହା ସତ୍‌ପଥ ପ୍ରଦର୍ଶିତ କରିଥାଏ । ତତ୍‌ସଙ୍ଗେ ନିଦର୍ଶନମାନ ମଧ୍ୟ ସେଥିରେ ରହିଛି ପୁନଶ୍ଚ ଅଲ୍ଲାଃ ତାଲା ଆମମାନଙ୍କୁ ଏହି ଶୁଭ ସମାଚାର ଦେଇଛନ୍ତି ଯେ ହେ ନବୀ ! ତୁମ୍ଭେ ନିଜ ଭକ୍ତଙ୍କୁ କହିଦିଅ ଯେ, ଯେତେବେଳେ ଆମ୍ଭ ଭକ୍ତମାନେ ତୁମକୁ ଆମ୍ଭ ସଂକ୍ରାନ୍ତରେ ପ୍ରଶ୍ନ କରନ୍ତି ତେବେ ତାଙ୍କୁ କହିଦିଅ ଯେ, ଆମ୍ଭେ ସେମାନଙ୍କ ନିକଟରେ ଅଛୁ । ପ୍ରାର୍ଥନାକାରୀ ଯେବେବି ଆମ୍ଭକୁ ପ୍ରାର୍ଥନା କରେ ଆମ୍ଭେ ତାହାର ପ୍ରାର୍ଥନାକୁ ଗ୍ରହଣ କରିଥାଉ ।

ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ କହିଲେ, ରମଜାନ ମାସରେ ଅଲ୍ଲାଃ ତାଲା ନିମ୍ନ ଆକାଶକୁ ଅବତରଣ କରି ଆସିଥାନ୍ତି ଅର୍ଥାତ ନିଜ ଭକ୍ତମାନଙ୍କ ଦୁଆ ଅଧିକ ମାତ୍ରାରେ ଶୁଣିଥାନ୍ତି, ସ୍ୱୀକୃତି ପ୍ରଦାନ କରିଥାନ୍ତି କିନ୍ତୁ ଅଲ୍ଲାଃ ତାଲା କୁହନ୍ତି ଯଦି ତୁମ ଦୁଆ ସ୍ୱୀକାର କରାଇବାର ଅଭିଳାଷି ତେବେ ତୁମକୁ ମୋ ଆଦେଶ ପାଳନ କରିବାକୁ ହେବ । କେବଳ ରମଜାନ ମାସରେ ନୁହେଁ ବରଂ ତାହାକୁ ରିତିମତ ନିଜ ଦୈନନ୍ଦିନ ଜୀବନର ଅଂଶ ଭାବରେ କରିବାକୁ ହେବ ଅର୍ଥାତ ସେହି ପୂଣ୍ୟବଳୀଗୁଡ଼ିକୁ ଏବଂ ନିଜ ବିଶ୍ୱାସକୁ ସୁଦୃଢ଼ କରିବାକୁ ହେବ, ଦୁଆ ଗ୍ରହଣୀୟ ହେବା ନିମନ୍ତେ କେତେକ ସର୍ତ ରହିଛି ଆମେମାନେ ଯେତେବେଳେ ସେହି ସର୍ତାନୁଯାୟୀ ନିଜ ଦୁଆ ରେ ସୌନ୍ଦର୍ଯ୍ୟତା ବା ମାଧୁର୍ଯ୍ୟତା ଆଣିବା ସେତେବେଳେ ଅଲ୍ଲାଃ ତାଲା ତାହାକୁ ନିଜ ସାମିପ୍ୟରେ ଏବଂ ନିଜ ଦୁଆକୁ ସ୍ୱୀକାର ହୋଇଥିବାର ଆମେ ଦେଖିବାକୁ ପାଇବା ।

ବର୍ତମାନ ମୁଁ ଦୁଆ ର ଗୁରୁତ୍ୱତା ଓ ଦୁଆ ଗ୍ରହଣୀୟ ହେବାର ସର୍ତ ତଥା ଦର୍ଶନତ୍ୱ ସମ୍ପର୍କରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ କେତେକ ଉକ୍ତି ଯାହାକି ମୁଁ ସଂଗ୍ରହ କରିଛି ଆପଣମାନଙ୍କ ସମ୍ମୁଖରେ ଉପସ୍ଥାପନ କରୁଅଛି । ସୁତରାଂ ଏତଦ୍‌ଦ୍ୱାରା ଆମମାନଙ୍କୁ ନିଜ ଅମଳରେ ସୁଧାର ଆଣିବାର ଆବଶ୍ୟକତା ରହିଛି ଏହି ପ୍ରସଙ୍ଗରେ ଦୁଆ ସ୍ୱୀକାର ହେବା ସର୍ତାବଳୀ କ'ଣ ତାହାର ଗୁଢ଼ତତ୍ୱ ପ୍ରସଙ୍ଗରେ ହଜୁର ଆ:ସ ଯାହା କହିଛନ୍ତି ତା' ମଧ୍ୟରୁ କିଛି ଉପସ୍ଥାପନ କରିବି । ଆମମାନଙ୍କ ମଧ୍ୟରୁ ଅଧିକାଂଶ ଉପର ଠାଉରିଆ ଦୁଆ କରି ଏହା ମଣିଥାନ୍ତି ଯେ, ଅଲ୍ଲାଃ ତାଲା ଆମ ଦୁଆ ସ୍ୱୀକାର କଲେନାହିଁ ଅର୍ଥାତ ଆମେ ପ୍ରଭୁଙ୍କୁ ନିଜର ଏକ କାମ କରିବାକୁ କହିଲୁ କିନ୍ତୁ ସେ ଆମ କଥାରେ ରାଜି ହେଲେନାହିଁ ଅର୍ଥାତ ଆମେ ଯେପରି ଇଚ୍ଛା ନିଜ ମନମୁଖୀ କାର୍ଯ୍ୟ କରିବୁ କିନ୍ତୁ ଅଲ୍ଲାଃ ତାଲା ଆମ କଥା ଶୁଣିବାପାଇଁ ପ୍ରତିବଦ୍ଧ । ଦେଖ ଅଲ୍ଲାଃ ତାଲା ସ୍ପଷ୍ଟ ରୂପେ ଦର୍ଶାଇ ଦେଇଛନ୍ତି ଏପରି ହୋଇପାରିବ ନାହିଁ । ସର୍ବପ୍ରଥମେ ତୁମେ ମୋ କଥା ମାନି ନିଜର କର୍ମଗୁଡ଼ିକୁ ପବିତ୍ର କୁର୍‌ଆନ୍ ଶିକ୍ଷା ଅନୁଯାୟୀ ଢ଼ାଳିବାକୁ ହେବ । ପବିତ୍ର ରମଜାନ ମାସରେ ଯେତେବେଳେ ପୂଣ୍ୟକର୍ମ କରିବାର ଏକ ସୁନ୍ଦର ଅବସର ତଥା ପରିବେଶ ସୃଷ୍ଟି ହୋଇଥାଏ ଦରସ୍ ତଥା ପ୍ରବଚନର ବ୍ୟବସ୍ଥା ଆରମ୍ଭ ହୋଇଯାଇଥାଏ ସେତେବେଳେ ପ୍ରଭୁଙ୍କ ଆଦେଶ ଓ ନିର୍ଦ୍ଦେଶାବଳୀଗୁଡ଼ିକୁ ଦେଖି ତାହାର ଗଭୀର ଅନୁଧ୍ୟାନ କରି ତଦାନୁଯାୟୀ କାର୍ଯ୍ୟ କରିବା ତଥା ନିଜ ବିଶ୍ୱାସର ନିରୀକ୍ଷଣ କରି ତାହା କିଭଳି ଦୃଢ଼ ଓ କେଉଁ ସ୍ତରରେ ଅଛି ପରଖିବା । କୌଣସି ପରୀକ୍ଷାର ସମ୍ମୁଖୀନ ହେବା ଦ୍ୱାରା ତୁମ ବିଶ୍ୱାସରେ କମ୍ପନ ସୃଷ୍ଟି ହେଉ ନାହିଁ ତ' ? ତେଣୁ ସର୍ବପ୍ରଥମେ ଭକ୍ତକୁ ହିଁ ନିଜ ପାଦ ଆଗକୁ ବଢ଼ାଇବା ପ୍ରକ୍ରୁର୍ଯ୍ୟ ଯେତେବେଳେ ତାହାର ପ୍ରୟାସ ଚରମସୀମାରେ ପହଂଚେ ସେତେବେଳେ ଅଲ୍ଲାଃ ତାଲାଙ୍କ ଦୟା, କରୁଣା ଓ ଭକ୍ତବତ୍ସଳତା ଭାବବିହ୍ୱଳିତ ହୋଇ ଉଠିଥାଏ । ଏହି କଥାକୁ ବୁଝାଇବା ହେଉଛି ଆମ ପାଇଁ ବହୁତ ଜରୁରୀ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏକ ଅବସରରେ କୁହନ୍ତି ।

ଦୁଆ ହେଉଛି ଇସ୍‌ଲାମ୍‌ର ଗର୍ବ, ଗୌରବ ଓ ମୁସଲମାନମାନେ ଏଥିସକାଶେ ଗର୍ବିତ ହୁଅନ୍ତି ମନେରଖ ଦୁଆ କହିଲେ, ବକ ବକ ହେବା ନୁହେଁ ବରଂ ଦୁଆ ହେଉଛି ଏଭଳି ଏକ କାର୍ଯ୍ୟ ଯଦ୍ୱାରା ମନରେ ଅଲ୍ଲାଃ ତାଲାଙ୍କର ଭୟ ଭରି ରହିଯାଇଥାଏ ଏବଂ ଦୁଆ କରୁଥିବା ବ୍ୟକ୍ତିର ଆତ୍ମା ପାଣି ପରି ବହି ଈଶ୍ୱରଙ୍କ ଦ୍ୱାରରେ ସମାଧିସ୍ଥ ହୋଇଯାଇଥାଏ । ଏହା ହେଉଛି ସେହି ଅବସ୍ଥା ଯାହାକୁ ଅନ୍ୟ ନାମରେ ମୃତ୍ୟୁ ବୋଲି କୁହାଯାଇପାରେ । ଯେତେବେଳେ ଏପରି ଅବସ୍ଥା ସୃଷ୍ଟି ହୁଏ ସେତେବେଳେ ନିଶ୍ଚିନ୍ତ ହୋଇଯାଅ ଯେ, ତାହା ପାଇଁ ସ୍ୱୀକୃତିର ଦ୍ୱାର ଉନ୍ମୁକ୍ତ କରିଦିଆଗଲା ଏବଂ ତାହାକୁ ବିଶେଷ କୃପା, ଅପକର୍ମରୁ ନିବୃତ ରହିବାର ଶକ୍ତି ଓ ପୂଣ୍ୟ କର୍ମ କ୍ରମାଗତ ଭାବରେ କରିଚାଲିବାର ସାମର୍ଥ୍ୟ ଲାଭ ହୋଇଥାଏ । ଏହି ମାଧ୍ୟମ ସବୁଠାରୁ ଉତମ ଓ ବଳିଷ୍ଠ ଅଟେ" । ***(ମଲ୍‌ଫୁଜାତ୍ ଖଣ୍ଡ-୭, ପୃ-୨୬୩, ଏଡ଼ିଶନ୍ ୧୯୮୪)***

ସୁତରାଂ ଏହା ଦୁଆ କରିବାର ଶୈଳୀ ଓ ପ୍ରଭୁଙ୍କ ସାନିଧ୍ୟ ଲାଭ କରିବାର ମାର୍ଗ ଯଦ୍ୱାରା ଦୁଆ ସ୍ୱିକୃତି ଲାଭ କରିଥାଏ ଏବଂ ପାପଶକ୍ତ ଜୀବନରୁ ମୁକ୍ତି ମିଳିଥାଏ । ଆଜିକାଲି ଏହି ପ୍ରଶ୍ନ ସର୍ବସାଧାରଣ ହୋଇଗଲାଣି ଯେ, ଆମେ କିଭଳି ଜାଣିପାରିବୁ ଯେ, ଆମ ପାପଗୁଡ଼ିକୁ କ୍ଷମା କରିଦିଆଯାଇଅଛି ଏବଂ ପ୍ରଭୁ ଆମ ଉପରେ ପ୍ରସନ୍ନିତ ହୋଇଛନ୍ତି ବୋଲି ? ଏହି ପରିପ୍ରେକ୍ଷୀରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏକ ନୀତିସଙ୍ଗତ କଥା ଦର୍ଶାଇ ଦେଇଛନ୍ତି ଯେ, ଯଦି ଅଲ୍ଲାଃ ତାଲାଙ୍କ ସହିତ ବାସ୍ତବରେ ସମ୍ପର୍କର ଓ ଡ଼ୋରି ବାନ୍ଧି ହୋଇଯାଇଛି ଅର୍ଥାତ ଅକ୍ଷୁର୍ଣ୍ଣ ଓ ଅତୁଟ ସମ୍ପର୍କ ସ୍ଥାପନ ହୋଇଛି ଓ ଯାହା ପାଇଁ ମଣିଷ ପ୍ରକୃତ ଚେଷ୍ଟା କରିଥାଏ ତେବେ ସେତେବେଳେ ପ୍ରଭୁଙ୍କର ଏପରି କୃପା ଅବତୀର୍ଣ୍ଣ ହୋଇଥାଏ ଯାହାକି ତାକୁ ଅର୍ଥାତ ମନୁଷ୍ୟକୁ ଅପକର୍ମରୁ ନିବୃତ ରହିବାପାଇଁ ସାମର୍ଥ୍ୟ ପ୍ରଦାନ କରିଥାଏ । ଯଦ୍ୱାରା ସେ କେବଳ ଅପକର୍ମରୁ ବର୍ଚି ରହିନଥାଏ ବରଂ ପୂଣ୍ୟକର୍ମ କରିବାରେ ଓ କ୍ରମାଗତ ଭାବରେ ଏଥିରେ ଅର୍ଥାତ ପୂଣ୍ୟକର୍ମରେ ପୂଣ୍ୟ ଅର୍ଜନ କରିବାରେ ଲାଗିପଡ଼ିଥାଏ ଓ ଏହି ସାମର୍ଥ୍ୟ ଲାଭ କରିଥାଏ ଯଦି ଏହି ଅବସ୍ଥା ନାହିଁ ତେବେ ମଣିଷ ଏହା କହିପାରିବ ନାହିଁ ଯେ ସେ ପ୍ରଭୁଙ୍କ ସାନିଧ ଲାଭ କରିନେଇଛି । ସୁତରାଂ ମଣିଷ ପ୍ରକୃତ ଉପାସକ ସେତେବେଳେ ହୋଇପାରିବ ଯେତେବେଳେ ଏହି ଦୃଷ୍ଟିକୋଣରୁ ଚିନ୍ତା କରିବ ଓ ତଦାନୁଯାୟୀ କର୍ମ କରିବ ଅତଏବ ଏଥିପାଇଁ ଆମକୁ ଏହି ରମ୍‌ଜାନରେ ତଦାନୁଯାୟୀ କର୍ମ ଅର୍ଥାତ ଏହି ସ୍ତର ପ୍ରାପ୍ତ କରିବାପାଇଁ ଚେଷ୍ଟା କରିବା ଉଚିତ ।

ଦୁଆ ପ୍ରସଙ୍ଗରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଆଉ କିଛି କଥନ ଏଠାରେ ମୁଁ ଉପସ୍ଥାପନ କରୁଛି । ଦୁଆ ଗ୍ରହଣୀୟ ହେବାର ପ୍ରସଙ୍ଗକୁ ବର୍ଣ୍ଣନା କରି ହଜୁର କୁହନ୍ତି: ଦୁଆ ଗ୍ରହଣୀୟ ହେବାର ବିଷୟ ହେଉଛି ବାସ୍ତବରେ ଦୁଆ ର ଶାଖା ଅଟେ ଓ ଏହା ହେଉଛି ନିୟମ ଯେ ଯେଉଁ ବ୍ୟକ୍ତି ଅସଲକୁ ବୁଝିନାହିଁ ତାକୁ ଶାଖାକୁ ବୁଝିବାରେ ଅସୁବିଧା ହେବ ଓ ଧୋକା ଲାଗିବ" କୌଣସି ଜିନିଷକୁ ବୁଝିବାକୁ ହେଲେ ତା'ର ମୂଳକୁ ବୁଝିବାକୁ ହେବ । ଯଦି ସେହି ମୂଳ ଜିନିଷକୁ ବୁଝିନାହାନ୍ତି ତେବେ ଯେତେ ଚାହେଁ ସେତେ ତା'ର ବ୍ୟାଖ୍ୟା ହେଉ, ବର୍ଣ୍ଣନା ହେଉ, ତାହା ବୁଝାପଡ଼ିବନାହିଁ । ଦୁଆ ର ସାର ତଥା ସ୍ଥିତି ଏହା ଯେ ଜଣେ ପୂଣ୍ୟଭକ୍ତ ଓ ତାହାର ପାଳନକର୍ତାଙ୍କ ମଧ୍ୟରେ ସମ୍ପର୍କର ଡ଼ୋରି ବାନ୍ଧି ହୋଇଯାଇଥାଏ । ଯେତେବେଳେ ଭକ୍ତ କୌଣସି କଠିନ ସମସ୍ୟାରେ ପ୍ରପିଡ଼ିତ ହୋଇ ଅଲ୍ଲାଃ ତାଲାଙ୍କ ଆଡ଼କୁ ପୂର୍ଣ୍ଣ ବିଶ୍ୱାସ, ପୂର୍ଣ୍ଣ ପ୍ରେମ ଓ ପୂର୍ଣ୍ଣ ବିଶ୍ୱସ୍ତତାର ସହିତ ଆନତ ହୋଇ ଅବଚେତନାର ପରଦାକୁ ବିଦିର୍ଣ୍ଣ କରି ବିଲୀନ ହେବାର ଭୂମିରେ ଆଗକୁ ଅଗ୍ରସର ହୁଏ ସେତେବେଳେ ଅଲ୍ଲାଃ ତାଲାଙ୍କର ଦରବାରରେ ତାହାର ଆତ୍ମା ମୁଣ୍ଡ ରଖିଦେଇଥାଏ । ସେତେବେଳେ ସେହି ଭକ୍ତ ମଧ୍ୟରେ ଥିବା ଆକର୍ଷଣ ଶକ୍ତି ଅଲ୍ଲାଃ ତାଲାଙ୍କ ଅନୁଗ୍ରହତାକୁ ନିଜ ଆଡ଼କୁ ଆକର୍ଷିତ କରିଥାଏ । ଭକ୍ତ ଅନ୍ତରରେ ମଧ୍ୟ ଶକ୍ତି ସଂଚାଳିତ କରିବାର ସାମର୍ଥ୍ୟ ରହିଛି ତାହା ପ୍ରଭୁଙ୍କ ପୁରସ୍କାରକୁ ଲାଭ କରିବାପାଇଁ ପ୍ରୟାସ କରିଥାଏ । ସେତେବେଳେ ଐଶ୍ୱର୍ଯ୍ୟମୟ ପ୍ରଭୁ ଏହି କାର୍ଯ୍ୟକୁ ସମ୍ପାଦନ କରିବାପାଇଁ ମନ ବଳାଇଥାନ୍ତି । ଏହି ଦୁଆର ପ୍ରଭାବ ସେ ସମସ୍ତ ସାଂସାରିକ ମାଧ୍ୟମ ଉପରେ ପଡ଼ିଥାଏ ମୌଳିକ ମାଧ୍ୟମ ଯାହା ଉକ୍ତ କାର୍ଯ୍ୟର ସମ୍ପାଦନ ନିମନ୍ତେ ଜରୁରୀ ତାହା ଉପରେ ଅଲ୍ଲାଃ ତାଲା ନିଜର ପ୍ରଭାବ ପକାଇଥାନ୍ତି ଯଦ୍ୱାରା ଏଭଳି ଅଧିକ ମାଧ୍ୟମ ଉପଲବ୍ଧ ହୋଇଯାଇଥାଏ । ଯାହାକି ଲକ୍ଷ ହାସଲ କରିବା ନିମନ୍ତେ ଆବଶ୍ୟକ । ଉଦାହରଣ ସ୍ୱରୂପ ବୃଷ୍ଟିପାତ ପାଇଁ ଯଦି ଦୁଆ କରାଯାଏ ତେବେ ଦୁଆ ସ୍ୱୀକୃତି ଲାଭ ପରେ ଯେଉଁ ମାଧ୍ୟମମାନ ଆବଶ୍ୟକ ପଡ଼ିଥାଏ ଦୁଆ ର ପ୍ରଭାବରେ ତାହା ଉତ୍ପନ୍ନ ହେବା ଆରମ୍ଭ ହୋଇଯାଏ । ପୁନଶ୍ଚ ଯଦି ମରୁଡ଼ି ହେବାପାଇଁ କେହି ଦୁଆ କରେ ତେବେ ସର୍ବଶକ୍ତିମାନ ପ୍ରଭୁ ବିପରୀତ ମୂଳକ ମାଧ୍ୟମ ଉତ୍ପନ୍ନ କରିଦେଇଥାନ୍ତି" ।

ଯେଉଁଭଳି ଭାବରେ ହଜାର ହଜାର ଚମତ୍କାର ଅବତାରମାନଙ୍କ ଦ୍ୱାରା ପ୍ରକାଶିତ ହୋଇଛି କିମ୍ବା ପବିତ୍ର ସାଧୁସନ୍ଥମାନେ ଆଜି ପର୍ଯ୍ୟନ୍ତ ପ୍ରଭୁଙ୍କ ସହ ନିବିଡ଼ ସମ୍ପର୍କ ଯୋଗୁଁ ଆଲୌକିକ ଓ ଚମତ୍କାର ପ୍ରଦର୍ଶନ କରିଆସିଛନ୍ତି । ସେହି ସମସ୍ତ ଅଲୌକିକ ଓ ଚମତ୍କାରର ନିର୍ଝର ହେଉଛି ଦୁଆ ଅର୍ଥାତ ତାହାର ଉତ୍ସ ହେଉଛି ଦୁଆ । ଦୁଆ ର ପ୍ରଭାବ ଯୋଗୁଁ ହିଁ ଈଶ୍ୱରଙ୍କ ବିଭିନ୍ନ ପ୍ରକାରର ଅଲୌକିକ ମୂଳକ ତଥା ଅଦ୍ଭୁତପୂର୍ଣ୍ଣ ଚମତ୍କାର ପ୍ରଦର୍ଶିତ ହୋଇଥାଏ ।

***(ବରକାତୁଦ୍ ଦୁଆ, ନିଖାଜାଇନ୍, ଖଣ୍ଡ-୬, ପୃ-୯-୧୦)***

ପବିତ୍ର କୁର୍‌ଆନ୍‌ରେ ଅସଂଖ୍ୟ ଭବିଷ୍ୟବାଣୀ ଭରି ରହିଛି । ଏତଦ୍ ବ୍ୟତିତ ଆମେ ଦେଖିଥାଉ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟ କାଳରେ ଅନେକ ଭବିଷ୍ୟବାଣୀ ପୂରଣ ହେଲା । ଅନେକ ପୂଣ୍ୟବନ୍ତ ଲୋକମାନଙ୍କୁ ଉତମ ସ୍ୱପ୍ନାଦେଶ ହେଲା ଏବଂ ତାହା ପୂରଣ ମଧ୍ୟ ହେଲା । ଦୁଆ ର ପ୍ରଭାବ ପରିପ୍ରକାଶ ହେଲା । ତେବେ ସମସ୍ତ ପ୍ରସଙ୍ଗ ସେତେବେଳେ ବାସ୍ତବ ରୂପରେଖ ନେଇଥାଏ ଯେତେବେଳେ ନିଷ୍ପାପର ଭାବରେ ଭକ୍ତ ପ୍ରଭୁଙ୍କ ଶରଣାପନ୍ନ ହୋଇଥାଏ । ପୁନଶ୍ଚ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଅଧିକ ବ୍ୟାଖ୍ୟା କରି କୁହନ୍ତି: ଅଲ୍ଲାଃ ତାଲା କୁହନ୍ତି: **ୱଲ୍ଲଜିନା ଜାହଦୁ ଫିନା ଲନହଦିୟନ୍ନହୁମ୍ ସୁବୁଲନା (ଅନ୍‌କବୁତ୍:୭୦)** ଅର୍ଥାତ ଯେଉଁ ବ୍ୟକ୍ତିମାନେ ଆମ୍ଭ ସହିତ ଆମ୍ଭ ମାର୍ଗରେ ମିଳିତ ହେବାପାଇଁ ଉଦ୍ୟମ କରନ୍ତି ଆମ୍ଭେ ସେମାନଙ୍କୁ ନିଶ୍ଚିତ ରୂପେ ଆମର ପଥ ପ୍ରଦର୍ଶିତ କରିଥାଉ ଏବଂ ସେଥିପାଇଁ ସୁଯୋଗ ପ୍ରଦାନ କରିଥାଉ । ଉଦ୍ୟମ ସର୍ବପ୍ରଥମେ ଭକ୍ତ ଉପରେ ନ୍ୟସ୍ତ କରାଯାଇଛି ଅର୍ଥାତ ସର୍ବ ପ୍ରଥମେ ଭକ୍ତକୁ ହିଁ ନିଜ ପାଦ ଆଗକୁ ବଢ଼ାଇବାର ଅଛି ଏହି ମାର୍ଗରେ । ଏହାପରେ ଏହି ଦୁଆ ଶିଖାଇ ଦିଆଗଲା ଯେ **ଏହ୍‌ଦେନସ୍ ସିରାତଲ୍ ମୁସ୍ତକିମ୍ (ଅଲ୍‌ଫାତିହା:୬)** ହେ ପ୍ରଭୁ ଆମମାନଙ୍କୁ ସଳଖମାର୍ଗରେ ପରିଚାଳିତ କରାଅ ଏବଂ ଆମର ମାର୍ଗ ଦର୍ଶନ କର ଅତଏବ ମନୁଷ୍ୟ ପାଇଁ ଏହା ଆବଶ୍ୟକ ଯେ, ସେ ଏହି କଥାକୁ ଗୁରୁତ୍ୱ ଦେଇ ନମାଜରେ ଆର୍ତଚିତ୍କାର କରି ପ୍ରାର୍ଥନା କରୁ ଏବଂ ଏ ଆଶା ରଖୁ ଯେ ସେ ମଧ୍ୟ ସେହି ଲୋକମାନଙ୍କ ମଧ୍ୟରେ ଅର୍ନ୍ତଭୁକ୍ତ ହୋଇପାରିବ ଯେଉଁମାନେ ଉନ୍ନତି ଓ ବ୍ରହ୍ମଜ୍ଞାନ ହାସଲ କରିଛନ୍ତି ଏପରି ନ ହେଉ କି, ସେ ବୌଦ୍ଧିକ ଜ୍ଞାନ ଓ ଅଜ୍ଞାନର ଅନ୍ଧକାରରେ ରହି ଏହି ସଂସାରରୁ ବିଦାୟ ନେଇଯାଉ । ସୁତରାଂ ଅଲ୍ଲାଃ ତାଲା କହିଲେ: **ମନ୍‌କାନା ଫି ହାଜିହି ଆମା ଫହୁୱ ଫିଲ୍ ଆଖରତି ଆମା (ବନି ଇସ୍ରାଇଲ୍:୭୩)**ଅର୍ଥାତ ଯେ ଏହି ସଂସାରରେ ଅନ୍ଧ ରହିଯାଏ ସେ ପରକାଳରେ ମଧ୍ୟ ଅନ୍ଧ ହିଁ ରହିଥାଏ ଅର୍ଥାତ ଆଧ୍ୟାତ୍ମିକ ସ୍ତରରେ ସେହି ବ୍ୟକ୍ତି ଅନ୍ଧ ଅଟେ ଯିଏ ଏହି ଇହ ଜଗତରେ ସାଂସାରିକ ପ୍ରତି ଆସକ୍ତ ହୋଇ ସେଥିରେ ବୁଡ଼ି ମାତି ରହିଥାଏ ଯିଏ ପରମେଶ୍ୱରଙ୍କୁ ଚିହ୍ନିଲା ନାହିଁ, ଯିଏ ଦୁଆ ର ଭେଦକୁ ଜାଣିଲା ନାହିଁ, ଯିଏ ଦୁଆ ର ପ୍ରଭାବରୁ ଅଜ୍ଞାତ ରହିଲା । ତେବେ ଏପରି ବ୍ୟକ୍ତି ପରକାଳରେ ମଧ୍ୟ ଈଶ୍ୱରଙ୍କ ସାନ୍ନିଧ୍ୟ ପ୍ରାପ୍ତିରୁ ବଂଚିତ ରହିବ । ସୁତରାଂ ଆପଣ କହିଲେ ଯେ, ପରକାଳ ପାଇଁ ପ୍ରସ୍ତୁତି ମଧ୍ୟ ମଣିଷ ଏହି ଭବ ସଂସାରରୁ କରିବା ଉଚିତ ଏଥିରେ ଉଦ୍ଦେଶ୍ୟ ଏହି କି ଯେ, ସେହି ଜଗତକୁ ଅର୍ଥାତ ପରକାଳକୁ ଅନୁଭବ ତଥା ଅବଲୋକନ କରିବାପାଇଁ ଆମକୁ ଏହି ଜଗତରୁ ହିଁ ନୟନ ପିତୁଳା ଘେନି ନେବାକୁ ହେବ । ସେହି ଐଶ୍ୱରୀୟ ସଂସାରକୁ ଦେଖିବାକୁ ହେଲେ ଆମମାନଙ୍କୁ

ନିଜର ଚକ୍ଷୁକୁ ଈଶ୍ୱରଙ୍କ ଆଡ଼କୁ ଆନତ କରିବାକୁ ହେବ । କଣ ତୁମେ ଚିନ୍ତା କରୁଛ ଯେ, ପରମେଶ୍ୱର ନିଜ ଅଙ୍ଗୀକାର କରିବାପରେ ତାହା ପୂରଣ କରିବେ ନାହିଁ ଅର୍ଥାତ କଣ ସେ ନିଜ ଅଙ୍ଗୀକାର ଭଙ୍ଗ କରିବେ ? ଜଣେ ବ୍ୟକ୍ତି ଯିଏ ମୁସଲମାନ ପରିବାରରେ ଜନ୍ମଗ୍ରହଣ କଲା ସେ ନିଜକୁ ମୁସଲମାନ କହି ଅନ୍ଧ ଭାବରେ ତାହାର ଅନୁକରଣ କରିଥାଏ ଅର୍ଥାତ ପ୍ରକୃତ ବିଶ୍ୱାସ ଓ ଇସ୍‌ଲାମ୍‌ର ସାରତତ୍ୱକୁ ସେ ବୁଝିନଥାଏ କିନ୍ତୁ ତାହାର ଅମଲ (କର୍ମ) ଶୂନ୍ୟ ରହିଥାଏ ଅର୍ଥାତ ଏଥିଯୋଗୁଁ ତା'ର ଅମଲ ଶୂନ୍ୟ ରହିଥାଏ । ଦ୍ୱିତୀୟ ପାର୍ଶ୍ୱରେ ଗୋଟିଏ ଖ୍ରୀଷ୍ଟିଆନ୍ ଘରେ ଜଣେ ଶିଶୁ ଜନ୍ମଗ୍ରହଣ କରି ଖ୍ରୀଷ୍ଟଧର୍ମୀ ପାଲଟିଥାଏ । ବାସ୍ତବରେ ଅଲ୍ଲାଃ ତାଲା ଓ ତାହାଙ୍କ ରସୁଲ୍ ତଥା ପବିତ୍ର କୁର୍‌ଆନ୍ ପ୍ରତି ଯାହା ମନରେ କୌଣସି ଉତ୍କଣ୍ଠା ସମ୍ମାନ ନଥାଏ, ଧର୍ମ ପ୍ରତି ଆଶକ୍ତଭାବ ନଥାଏ ତେବେ ସେ ମୁସଲମାନ ହେବାର ଏକ ଅନ୍ଧ ଭାବରେ ଅନୁକରଣ କରୁଛି ଯାହା ପ୍ରକୃତ ପକ୍ଷେ ତାହାର ଧର୍ମ ପ୍ରତି ପ୍ରେମ ଆପତି ଯୋଗ୍ୟ ବରଂ ସେ ପ୍ରଭୁ ତ ତାହାଙ୍କ ରସୁଲ୍‌ର ମର୍ଯ୍ୟାଦା କ୍ଷୁର୍ଣ୍ଣକାରୀଙ୍କ ମଧ୍ୟରେ ତାହାର ଗଣନା ହୋଇଥାଏ । ଏହାର ମୂଳ କାରଣ ଏହି କି ଯେ, ତାହାର ଧାର୍ମିକ ଚକ୍ଷୁ ହିଁ ନାହିଁ । ଜଣେ ପ୍ରେମିକ ତ ତାହାର ପ୍ରେମିକା ସମ୍ବନ୍ଧରେ ଗୋଟିଏ କଥା ମଧ୍ୟ ଶୁଣିବାକୁ ବରଦାସ୍ତ କିମ୍ବା ପସନ୍ଦ କରିନଥାଏ । ବାସ୍ତବିକ ଅଲ୍ଲାଃ ତାଲା ତ ଧର୍ମ ଶିକ୍ଷା ଓ ମାର୍ଗ ଦର୍ଶନ କରିବାକୁ ପ୍ରସ୍ତୁତ ଅଛନ୍ତି ଯଦି ତୁମେ ତାହା ନେବା ପାଇଁ ପ୍ରସ୍ତୁତ ଅଛ । ସୁତରାଂ ଏଥିପାଇଁ ଦୁଆ କରିବା ହିଁ ସେହି ସତ୍‌ମାର୍ଗ ଗ୍ରହଣ କରିବାର ପ୍ରସ୍ତୁତି କରିବା ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୨୦, ଏଡ଼ିଶନ୍ ୧୯୮୪)*

ଅତଏବ ଏହି ଦିନ ମାନଙ୍କରେ **ଏହଦେନସ୍ ସିରାତଲ ମୁସ୍ତକିମ୍** ର ଦୁଆ ବହୁତ କରନ୍ତୁ ଅର୍ଥାତ ଅଲ୍ଲାଃ ତାଲା ଆମମାନଙ୍କୁ ସଳଖ ମାର୍ଗରେ ପରିଚାଳିତ କରାନ୍ତୁ । ଆମ ହୃଦୟକୁ ପବିତ୍ର କରି ଆମକୁ ପ୍ରକୃତ ଉପାସକ ଭାବରେ ପରିଣତ କରନ୍ତୁ ଏବଂ ଆମେ ଅଲ୍ଲାଃ ତାଲାଙ୍କ ଭକ୍ତଙ୍କ କର୍ତବ୍ୟ ସମ୍ପାଦନକାରୀ ସାବ୍ୟସ୍ତ ହେଉ । ଆଜିକାଲି ଯେଉଁଭଳି ଭାବରେ ଚରମପନ୍ଥୀମାନେ ଅସତ୍ ମାର୍ଗ ଆପଣେଇଛନ୍ତି ଓ ଅଲ୍ଲାଃ ଓ ତାହାଙ୍କ ରସୁଲ୍‌ଙ୍କ ମାର୍ଗରେ ଲୋକମାନଙ୍କୁ ଭ୍ରମିତ କରି ଓ ନିରୀହ ଲୋକମାନଙ୍କ ଉପରେ ଅତ୍ୟାଚାର କରୁଛନ୍ତି, ଆମେମାନେ ସେମାନଙ୍କ ପରି ନହୋଇଯାଉ ଅଲ୍ଲାଃ ଏପରି ଅତ୍ୟାଚାରୀମାନଙ୍କ ଦୁଷ୍ଟାମିରୁ ମଧ୍ୟ ସମସ୍ତଙ୍କୁ ବଂଚାନ୍ତୁ ।

କେତେକ ଲୋକ କହିଦିଅନ୍ତି ଯେ ଆମେମାନେ ତ ମହାପାପୀ ତେଣୁ ଆମକୁ ଭଗବାନ କ୍ଷମା କରିବେ ନାହିଁ । କିଛି ତ ଏ ପ୍ରଶ୍ନ ମଧ୍ୟ କରୁଛନ୍ତି ଯେ ଜଣେ କେତେ ପାପ କରିବା ପର୍ଯ୍ୟନ୍ତ ତାକୁ କ୍ଷମା ମିଳିପାରିବ ? ପୁଣି କହୁଛନ୍ତି ଯେ ଆମକୁ କ୍ଷମା ମିଳିବ ନାହିଁ । ତେଣୁ ସେ ଆହୁରି ଅଧିକା ପାପ କରିଚାଲିଥାନ୍ତି । ଅସଲରେ ଶୈତାନ୍ ସେମାନଙ୍କ ମନରେ ଏକ ପ୍ରକାର ସନ୍ଦେହ ସୃଷ୍ଟି କରାଇଥାଏ । ଅଲ୍ଲାଃଙ୍କଠାରୁ ଦୁରେଇ ନେବା ପାଇଁ ସଇତାନ ନିଜର ଅସ୍ତ୍ର ବ୍ୟବହାର କରିଥାଏ । ପୁଣି ଏହିପରି ମନୋଭାବ ପୋଷଣ କରୁଥିବା ଲୋକମାନେ ସଇତାନର ହାତରେ ଖେଳିଥାନ୍ତି । କିନ୍ତୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସୈତାନର ଏହି ଆକ୍ରମଣରୁ ବର୍ତି ରହିବା ଓ ସୁରକ୍ଷିତ ରହିବାର ଉପାୟ ମଧ୍ୟ ଦର୍ଶାଇ ଦେଇଛନ୍ତି ।

ଅତଏବ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି, ପାପ କର୍ମ କରୁଥିବା ବ୍ୟକ୍ତି ନିଜ ପାପର ବହୁଳତା ଯୋଗୁଁ ଦୁଆ କରିବାରୁ କଦାପି ନିବୃତ ନ ରହୁ । ହଜୁର ଆହୁରି କହିଲେ, ଦୁଆ ହେଉଛି ଏକ ତରିୟାକ୍ (ଅର୍ଥାତ ପ୍ରତିକାର) । ଶେଷର ଦୁଆ କରିବା ଦ୍ୱାରା ହିଁ ଦେଖିନେବ ଯେ ପାପ ତାହାକୁ କିଭଳି ମନ୍ଦ ଓ ଘୃଣ୍ୟ ବୋଧ ହୋଇଥାଏ । କାରଣ ଦୁଆ କରିବା ହିଁ ତ' ପାପରୁ ମୁକ୍ତି ଲାଭ କରିବାର ଉପଚାର । ଯଦି କ୍ରମାଗତ ଭାବରେ ଦୁଆ ରେ ମନଯୋଗ କରାଯାଏ ସେତେବେଳେ ସେ ଅନୁଭବ କରିବ ଯେ, ପାପ କିଭଳି ମନ୍ଦ ଅଟେ । ଯେଉଁ ଲୋକମାନେ ପାପକର୍ମରେ ବୁଡ଼ି ଦୁଆ ର ଗ୍ରହଣୀୟତା ଠାରୁ ହତୋସ୍ୱାହିତ ହୁଅନ୍ତି ଓ କ୍ଷମା ଜାଚନା ଆଡ଼କୁ ପ୍ରତ୍ୟାବର୍ତନ କରନ୍ତି ନାହିଁ ଫଳତଃ ସେମାନେ ଅବତାର ଓ ଅବତାରମାନଙ୍କର ପ୍ରଭାବ ତଥା ଚମତ୍କାରକୁ ମଧ୍ୟ ପ୍ରତ୍ୟାଖ୍ୟାନ କରି ବସିଥାନ୍ତି ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୪-୫, ଏଡ଼ିଶନ୍ ୧୯୮୪)*

ଧର୍ମ ଠାରୁ ଦୁରେଇ ଯାଇଥାନ୍ତି । ପୁନଶ୍ଚ ଅବତାରଙ୍କଠାରୁ ଦୁରେଇ ନାସ୍ତିକବାଦି ପାଲଟିଯାଇଥାନ୍ତି, ଧର୍ମ ଛଡ଼ା ହୋଇଯାଇଥାନ୍ତି କିନ୍ତୁ ଇସ୍‌ଲାମ୍ ଏପରି ବ୍ୟକ୍ତିଙ୍କୁ ମଧ୍ୟ ଆଶାର ଆଲୋକ ଦେଖାଇଥାଏ ଯିଏ ପାପସକ୍ତ ଜୀବନରେ କବଳିତ । ଅତଃ ରମ୍‌ଜାନର ଏହି ପବିତ୍ର ମାସ ଗୋଟିଏ ଅବସର ପ୍ରଦାନ କରିଛି ଯେ, ନିଜ ଦୋଷ ମାର୍ଜନ କରିବାପାଇଁ ପ୍ରଭୁଙ୍କ ଶରଣାଗତ ହୋଇ କ୍ଷମା ଜାଚନା କର । ଦେଖ ପ୍ରଭୁ ପ୍ରତି ବର୍ଷ ଆମକୁ ଏକ ସୁନ୍ଦର ଅବସର ପ୍ରଦାନ କରୁଛନ୍ତି । ସୁତରାଂ ଏହି ମାସରୁ ଉପକୃତ ହେବା ଉଚିତ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ଉପରେ ହୋଇଥିବା ଏକ ଐଶିବାଣୀ "**ଉଜିବୁ କୁଲ୍ଲା ଦୁଆଇକା**"ର ଚର୍ଚ୍ଚା କରି କୁହନ୍ତି, **କୁଲ୍ଲା**ରୁ ଯଥାର୍ଥ ଏହା ଯେ, ଯାହାକୁ ନ ଶୁଣିବା ଦ୍ୱାରା କ୍ଷତି ପହଂଚିଥାଏ । ଯଦି ଅଲ୍ଲାଃ ତାଲା ପ୍ରଶିକ୍ଷଣ ଓ ସଂସ୍କାରକୁ ଦୃଷ୍ଟିରେ ରଖି ଦୁଆ ରଦ୍ଦ କରିଦିଅନ୍ତି ତେବେ ତାହା ଦୁଆ ଗ୍ରହଣୀୟ ହେବା ଅଟେ । କେତେକ ସମୟରେ ମଣିଷ ଦୁଆ କରି ମଧ୍ୟ ଅସଫଳ ରହିଥାଏ ଏବଂ ମଣିଥାଏ ଯେ, ପ୍ରଭୁ ତାହାର ଦୁଆ କୁ ରଦ୍ଦ କରିଦେଲେ କିନ୍ତୁ ପ୍ରକୃତ ପକ୍ଷେ ପ୍ରଭୁ ତାହାର ଦୁଆ ଗ୍ରହଣ କରିଥାନ୍ତି ଅର୍ଥାତ ତାହାର ଦୁଆ ସ୍ୱୀକାର ନ କରିବା ବାସ୍ତବପକ୍ଷେ ଦୁଆ କୁ ସ୍ୱୀକାର କରିବା ଅଟେ । କାରଣ ଆ ପଛରେ ତାହାର ହିତ ଓ ଉପକାର ହିଁ ରହିଥାଏ । ଯେହେତୁ ମଣିଷ କେବଳ ଦୁରଦର୍ଶୀ ନୁହେଁ ବରଂ ବସ୍ତୁବାଦୀ ତେଣୁ ସେ ଯେଉଁ ଦୁଆ କରିଥାଏ ତାହାର ପରବର୍ତୀ ପରିଣାମ ଓ ଭଲମନ୍ଦ ସମ୍ପର୍କରେ ସେ ଅଜ୍ଞାତ ହିଁ ରହିଥାଏ । କିନ୍ତୁ ପ୍ରଭୁ ସର୍ବଜ୍ଞ ଓ ତତ୍ୱଜ୍ଞ ସେ ତାହାର ହିତକୁ ଦୃଷ୍ଟିରେ ରଖି ତାହାର ଦୁଆ ଶୁଣିଥାନ୍ତି, ଅସଲ ରହସ୍ୟ ଓ ଭେଦ ଏହା ହିଁ ଯେ, ଦୁଆକାରୀର ମଙ୍ଗଳ ଓ ଉପକାର ତାହାର ଦୁଆକୁ ରଦ୍ଦ କରିବାରେ ହିଁ ନିହିତ ଥାଏ । ତେଣୁ ଦୁଆ ଗ୍ରହଣ କରିବାରେ ଅଲ୍ଲାଃ ତାଲା ଆମମାନଙ୍କର ଆଶା ଆକାଙ୍କ୍ଷା ଓ ଇଚ୍ଛାର ଅଧିନ ନୁହନ୍ତି ।

ଦେଖ ପିଲାମାନେ କିଭଳି ନିଜ ମାଆମାନଙ୍କର ଅତି ଗେହ୍ଲା ଓ ପ୍ରୀୟ ହୋଇଥାନ୍ତି ଏବଂ ମାଆମାନେ ସର୍ବଦା ଏହା କାମନା କରିଥାନ୍ତି ଯେ ତାଙ୍କର (ଅର୍ଥାତ ପିଲାମାନଙ୍କର) କଦାପି କୌଣସି ଅନିଷ୍ଟ କି ଅସୁବିଧା ନ ହେଉ ଯେହେତୁ ସେ ଜନନୀ, ମାଆ । କିନ୍ତୁ ଯଦି ପିଲାମାନେ ନିଜ ଜିଦ୍‌ରେ ଅଟଳ ହୋଇ ଧାର ଛୁରୀ ବା ଜ୍ୱଳନ୍ତ ଅଗ୍ନୀ ପିଣ୍ଡକୁ ଧରିବାକୁ ମାଗନ୍ତି ତେବେ ଏଭଳି ବାତ୍ସଲ୍ୟ ପ୍ରେମ ଥିବା ସତ୍ୱେ ମଧ୍ୟ କ'ଣ ମାଆ କଦାପି ଏହା ବରଦାସ୍ତ କରିବ ଯେ, ତା ଛୁଆକୁ ସେହି ଉତପ୍ତ କୋଇଲା ବା ପ୍ରଖର ଧାର ଥିବା ଛୁରୀକୁ ଧରାଇ ଦେବ ଯଦ୍ୱରା ସେ ତାହାର ହାତ କାଟିନେବ, କଦାପି ନୁହେଁ । ଏହି ସିଦ୍ଧାନ୍ତରୁ ଦୁଆ ଗ୍ରହଣୀୟ ହେବାର ଅବସ୍ଥାକୁ ବୁଝିପାରିବା । ପୁଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ: "ମୁଁ ସ୍ୱୟମ ଏ ସମ୍ପର୍କରେ ଅଭିଜ୍ଞତା ରଖୁଛି ଅର୍ଥାତ ଯେତେବେଳେ ଆମେ ଦୁଆ କରୁ ଯଦି ତହିଁରେ କୌଣସି କ୍ଷତି ନିହିତ ଥାଏ ତେବେ ଦୁଆ କଦାପି ଗ୍ରହଣ ହୋଇନଥାଏ ଏପରି ମଣନାହିଁ ଯେ, ମୋର ସମସ୍ତ ଦୁଆ ଗ୍ରହଣୀୟ ହୋଇଯାଇଛି ବୋଲି । ଅଲ୍ଲାଃ ତାଲା ଭଲ ରୂପେ ଜାଣନ୍ତି କାରଣ ସେ ହେଉଛନ୍ତି ସର୍ବଜ୍ଞ, ସେ ଅନ୍ତର୍ଯ୍ୟାମୀ । ଯେତେବେଳେ କୌଣସି ଦୁଆ ମଣିଷ ପାଇଁ ଅନିଷ୍ଟ ଓ କ୍ଷତିକାରକ ହୋଇଥାଏ ସେତେବେଳେ ସେ ତାହାକୁ ସ୍ୱୀକୃତି ପ୍ରଦାନ କରିନଥାନ୍ତି । ହଜୁର କୁହନ୍ତି ଏକଥା ଭଲ ଭାବରେ ଜଣା ଯେ ଆମର ଜ୍ଞାନ ନିଶ୍ଚିତ ଓ ସଠିକ୍ ନୁହେଁ, ଅନେକ କାର୍ଯ୍ୟ ଆମେ ବେଶ୍ ଖୁସୀମନାର ସହିତ ନିଜ ପାଇଁ ଭଲ ଓ ଉତମ ମଣି କରିଥାଉ ଏବଂ ତାହାର ପରିଣାମ ଆମ ପକ୍ଷରେ ବେଶ୍ ଉତମ ଓ ଫଳପ୍ରଦ ସାବ୍ୟସ୍ତ ହେବ ବୋଲି ଚିନ୍ତା କରିଥାଉ କିନ୍ତୁ ତାହା ଦୁଃଖଦ ପୂର୍ଣ୍ଣ ଓ ଅତିବ ସମସ୍ୟା ଘେନି ଆଣିଥାଏ । ଏହାର ଅନେକ ଉଦାହରଣ ଆଜିକାଲି ଆମେ ଦେଖିବାକୁ ପାଉଛୁ ।

ଦୈନିକ ମତେ ଡ଼ାକ ଯୋଗେ ଲୋକମାନଙ୍କର ପତ୍ର ହସ୍ତଗତ ହୋଇଥାଏ ସେମାନେ ପତ୍ରରେ ଦୁଆ ସମ୍ପର୍କରେ ଲେଖନ୍ତି ଓ ବଳ ପୂର୍ବକ କୌଣସି କାର୍ଯ୍ୟ କରିବାପାଇଁ ଉଦ୍ୟମ ମଧ୍ୟ କରନ୍ତି ତଥାପି ସେହି ଦୁଆ ର କୌଣସି ଆଶାନୁରୂପ ସୁଫଳ ମିଳିନଥାଏ ତେଣୁ ସେମାନେ ଅଲ୍ଲାଃ ତାଲାଙ୍କୁ ଅଭିଯୋଗ କରନ୍ତି ଏବଂ କୁହନ୍ତି ଅଲ୍ଲାଃ ତାଲା ଆମର ଦୁଆ ସ୍ୱୀକୃତି ପ୍ରଦାନ କଲେନାହିଁ । ପ୍ରଥମ କଥା ହେଉଛି ଏହା କି ଏକଥା ଦେଖିବାର ଅଛି ଯେ ସେହି ବ୍ୟକ୍ତିମାନେ ପ୍ରଥମେ ମନେରଖନ୍ତୁ ଯେ, ସେମାନେ ନିଜର ଦୁଆକୁ ଚୁଡ଼ାନ୍ତ ପର୍ଯ୍ୟନ୍ତ ପହଂଚାଇଛନ୍ତି କି ନୁହେଁ ? ଅଲ୍ଲାଃଙ୍କ ସହିତ ଯେଉଁ ସମ୍ବନ୍ଧ ପ୍ରତିଷ୍ଠା କରିବାର ଥିଲା ତାହା ହୋଇଛି କି ନାହିଁ ? ଯଦି ନାହିଁ ତା' ହେଲେ ଏହା କେବଳ ନିରର୍ଥକ କଥା ହେବ । ଯେପରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ: ଯଦି ସେମାନେ ଦୁଆ କରିବାର ଶେଷ ସ୍ତରରେ ପହଂଚି ଯାଇଛନ୍ତିଏବଂ ତଥାପି କୌଣସି ପରିଣାମ ଉପଲବ୍ଧ ହେଲାନାହିଁ ତେବେ ଏହା ଅଲ୍ଲାଃ ତାଲାଙ୍କ ହିକ୍‌ମତ୍ ଅର୍ଥାତ ବିଶେଷ ନିୟତି ଏବଂ ତହିଁରେ ହିଁ ମନୁଷ୍ୟର ମଙ୍ଗଳ ସାଧିତ ହୋଇଥାଏ । କିନ୍ତୁ ଯଦି ମଣିଷ ଭୂଲ କାର୍ଯ୍ୟ କରି ତା' ଉପରେ ଜୋର୍ ଦିଏ, ତା'ହେଲେ ସେ ଅଲ୍ଲାଃଙ୍କ ସମ୍ବନ୍ଧରେ ଅଭିଯୋଗ କରିବା ପରିବର୍ତେ ଇସ୍‌ତିଗ୍‌ଫାର୍ କରିବା ଉଚିତ ଯେ ମୋ ଦ୍ୱାରା ଭୂଲ ହୋଇଯାଇଛି ମୁଁ ଏଥିରେ ବହୁତ ଜୋର୍ ଦେଉଥିଲି ଯାହା ମୋ ହିତରେ ନଥିଲା । ପୁଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି: ବାସ୍ତବିକ କଥା ହେଉଛି ଏହା କି, ଅଲ୍ଲାଃ ତାଲା ଭକ୍ତମାନଙ୍କର ଦୁଆକୁ ସ୍ୱୀକାର କରନ୍ତି ଏବଂ ତାହାକୁ ସମ୍ମାନସୂଚକ ସ୍ୱୀକୃତି ଜଣାନ୍ତି କିନ୍ତୁ ପ୍ରତ୍ୟେକଙ୍କୁ ନୁହେଁ । କାରଣ ଆତ୍ମାର ଆବେଗତା ଯୋଗୁଁ ମଣିଷ ନିଜର ପରିଣାମକୁ ଦେଖିପାରିନଥାଏ । ସେ ଅପରିଣାମଦର୍ଶୀ କିନ୍ତୁ ଅଲ୍ଲାଃ ତାଲା ଯିଏ ପ୍ରାଣୀର ମଙ୍ଗଳକାରୀ ଓ ପରିଣାମଦର୍ଶୀ ସେ କ୍ଷତି ଓ ଅପରିଣାମକୁ ଦୃଷ୍ଟିରେ ରଖି ଦୁଆକୁ ରଦ୍ଦ ମଧ୍ୟ କରିଦିଅନ୍ତି ଏବଂ ଏହି ରଦ୍ଦ ହେବା ତା'ପାଇଁ ଦୁଆ ଗ୍ରହଣୀୟ ହେବା ସଦୃଶ । କେତେକ ଏପରି ଲୋକ ମଧ୍ୟ ଅଛନ୍ତି ଯିଏ ଦୁଆ କରିଥାନ୍ତି କି ହେ ପ୍ରଭୁ ଯଦି ଓ ଏହି କାର୍ଯ୍ୟରେ ଆମ ପାଇଁ ମଙ୍ଗଳ ନାହିଁ ତଥାପି ତାହାକୁ ଆମ ପକ୍ଷେ ସ୍ୱୀକାର କରିଦିଅ । କେତେକ ବନ୍ଧୁ ବାନ୍ଧିବା ପ୍ରସଙ୍ଗରେ ମଧ୍ୟ ଏପରି ଦୁଆ କରିଥାନ୍ତି ଯଦ୍ୱାରା ଅଲ୍ଲାଃ ତାଲା ତାହାର ଦୁଆକୁ ସ୍ୱୀକାର କରିଦେଲେ ଏବଂ ଉକ୍ତ ବନ୍ଧୁ ହୋଇଗଲା କିନ୍ତୁ କିଛି ସମୟ ପରେ ବିଚ୍ଛେଦ ମଧ୍ୟ ହେଲା । ତେଣୁ ଏପରି ଦୁଆ ହିଁ କରିବା ଅନୁଚିତ । କେତେକ ସମୟରେ ଆମ ସୃଷ୍ଟିକର୍ତା ଆମକୁ ଶିକ୍ଷା ଦେବାପାଇଁ ଏପରି ଦୁଆ ସ୍ୱୀକୃତି କରିଥାନ୍ତି ଯାହାକି ତାହା ପାଇଁ ମଙ୍ଗଳମୟ ନୁହେଁ କିନ୍ତୁ ପରବର୍ତୀ ସମୟରେ ତାହାର ପରିଣାମ ଦେଖି ମଣିଷ ହୃଦୟଙ୍ଗମ କରିଥାଏ ଯେ, ମୋର ଏପରି ଦୁଆ କରିବା ଉଚିତ ନଥିଲା । ପୁଣି ସେ କ୍ଷମା ଜାଚନା ମଧ୍ୟ କରିଥାଏ । ବସ୍ତୁତଃ ମଣିଷର ଇଚ୍ଛାଶକ୍ତି ସର୍ବଦା ସଠିକ୍ ହୋଇନଥାଏ ଯେହେତୁ ମଣିଷ ଠିକ୍ ଓ ଭୁଲ୍‌ର ସମଷ୍ଟି କେତେକ ଅଭିଳାଷା କ୍ଷତି କାରକ ହୋଇଥାଏ ଯଦି ପ୍ରଭୁ ତାହାକୁ ସ୍ୱୀକୃତି ପ୍ରଦାନ କରିଦିଅନ୍ତି ତେବେ ତାହା ପ୍ରଭୁଙ୍କ ଦୟା ଆଚରଣର ବିପରୀତ ସାବ୍ୟସ୍ତ ହୋଇଥାଏ ଯଦି ସେ ପ୍ରଭୁଙ୍କ ପ୍ରୀୟ ଭକ୍ତ ହୋଇଥିବ ତେବେ ପ୍ରଭୁ ତାହାର ହିତକୁ ଦୃଷ୍ଟିରେ ରଖି ତାହାକୁ ଗ୍ରହଣ କରିନଥାନ୍ତି କାରଣ ସେ ନିଜ ଭକ୍ତମାନଙ୍କର ଅମଙ୍ଗଳ ଓ ଅନିଷ୍ଟ ଦେଖି ପାରନ୍ତି ନାହିଁ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି ଏହା ଏକ ସତ୍ୟ ଓ ସୁନିଶ୍ଚିତ ପ୍ରସଙ୍ଗ ଯେ, ପ୍ରଭୁ ନିଜ ପ୍ରୀୟ ଭକ୍ତଙ୍କ ଦୁଆ ଗ୍ରହଣ କରିବାପାଇଁ ସର୍ବଦା ତତ୍ପର କିନ୍ତୁ ପ୍ରତ୍ୟେକ ସମୟ ଓ ପ୍ରତ୍ୟେକଥର ନୁହେଁ କାରଣ ମଣିଷ ନିଜ ଉଦ୍‌ବେଗତା ଓ ବ୍ୟଗ୍ରତା ବଶତଃ ତାହାର ଦୂର ପରିଣତିକୁ ଦେଖିପାରିନଥାଏ ଏବଂ ଦୁଆ କରିଥାଏ । ପ୍ରଭୁଙ୍କ ନିକଟବର୍ତୀଙ୍କ ପାଇଁ ତାଙ୍କର ଏହି ନୀତି ସର୍ବଦା ପ୍ରତିପାଦିତ ସୁତରାଂ ଯେଉଁ ଦୁଆ ମଣିଷ ପକ୍ଷେ ହିତ ଓ ମଙ୍ଗଳଦାୟକ ତାହା ସେ ସ୍ୱୀକୃତି ପ୍ରଦାନ କରିଥାନ୍ତି କିନ୍ତୁ ଯାହା ତାହା ପକ୍ଷେ ହାନି ଓ ଅନିଷ୍ଟପୂର୍ଣ୍ଣ ସେ ତାହାକୁ ରଦ୍ଦ କରିଦେଇଥାନ୍ତି । ହଜୁର ସ:ଆ:ସ କୁହନ୍ତି ମତେ ବାରମ୍ବାର ଏହି ଭବିଷ୍ୟବାଣୀ ହୋଇଛି । **ଉଜିବୁ କୁଲ୍ଲା ଦୁଆଇକା** ଅର୍ଥାତ ଯେଉଁ ଦୁଆ ଆମ ପାଇଁ ଉପକାରୀ ଓ ମଙ୍ଗଳମୟ ତାହା ସେ ସର୍ବଦା ଗ୍ରହଣ କରିଥାନ୍ତି । ଆପଣ କୁହନ୍ତି ଯେତେବେଳେ ମୁଁ ଏହା ଅନୁଭବ କରେ ଅର୍ଥାତ ହୃଦୟଙ୍ଗମ କରେ ସେତେବେଳେ ମୋ ଆତ୍ମା ଏକ ଶାନ୍ତି ଓ ତୃପ୍ତିରେ ଭରି ଯାଇଥାଏ । ଯେତେବେଳେ ପ୍ରଥମେ ପ୍ରଥମେ ମତେ ଏହି ଭବିଷ୍ୟବାଣୀ ହେଲା ଆଜକୁ ପାଖାପାଖି ୨୫ / ୩୦ ବର୍ଷ ପୂର୍ବେ ସେତେବେଳେ ମତେ ବହୁତ ଆନନ୍ଦ ମିଳିଥିଲା ଯେ ପ୍ରଭୁ ମୋ ଦୁଆ ଯାହା ମୋ ପାଇଁ ଓ ମୋ ଯମାତ୍ ପାଇଁ ହେବ,

ସେ ନିଶ୍ଚିତ ରୂପେ ତାହାକୁ ସ୍ୱୀକୃତି ପ୍ରଦାନ କରିବେ । ପୁଣି ମୁଁ ଚିନ୍ତା କଲି ଏହି ମାମଲାରେ କୃପଣ ହେବା ଠିକ୍ ନୁହେଁ କାରଣ ଏହା ଏକ ପୁରସ୍କାର ଦେଖ ପ୍ରଭୁ ଧର୍ମପରାୟଣ ବ୍ୟକ୍ତିଙ୍କ ଗୁଣ ଦର୍ଶାଇଛନ୍ତି: **ଓ୍ୱ ମିମ୍ମା ରଜକ୍‌ନାହୁମ୍ ୟୁନ୍‌ଫିକୁନ୍ (ବକ୍‌ରା:୪)** ସୁତରାଂ ମୁଁ ନିଜ ବନ୍ଧୁ ପରିଜନମାନଙ୍କ ପ୍ରସଙ୍ଗରେ ଏ ନୀତି ରଖିଛି ଯେ ସେମାନେ ମତେ ସାହାଯ୍ୟ କରନ୍ତୁ ଅବା ନ କରନ୍ତୁ ମତେ ସ୍ମରଣ କରନ୍ତୁ ଅବା ନ କରନ୍ତୁ ନିଜ ସମସ୍ୟା କୁହନ୍ତି ଅବା ନ କୁହନ୍ତୁ ମୁଁ ସେମାନଙ୍କ ଧାର୍ମିକ ହିତସାଧିତ ପାଇଁ ସର୍ବଦା ଦୁଆ କରୁଥିବି । ***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୦୬-୧୦୮, ଏଡ଼ିଶନ୍ ୧୯୮୪)***

ଦୁଆ ଗ୍ରହଣୀୟ ହେବାର ସର୍ତ୍ତର ବ୍ୟାଖ୍ୟା କରି ହଜୁର ଆ:ସ କୁହନ୍ତି: ଏ କଥାକୁ ବିନମ୍ରତାର ସହିତ ଶୁଣିନେବା ଉଚିତ ଯେ ଦୁଆ ଗ୍ରହଣୀୟ ହେବା ପାଇଁ ମଧ୍ଯ କିଛି ସର୍ତ୍ତାବଳୀ ଅଛି । କିଛି ସର୍ତ୍ତ ଦୁଆ କରାଉଥିବା ଲୋକମାନଙ୍କ ପାଇଁ ଓ କିଛି ଦୁଆ କରୁଥିବା ଲୋକ ପାଇଁ । ଦୁଆ କରାଉଥିବା ଲୋକ ପାଇଁ ଏହା ଜରୁରୀ ଅଟେ ଯେ ସେ ମନ ଭିତରେ ଈଶ୍ୱର ଭୟ ରଖୁ ଓ ଈଶ୍ୱର ସର୍ବଶକ୍ତିମାନ ବୋଲି ଜାଣି ତାକୁ ହିଁ ଭୟ କରୁ । ସୁଲାହକାରୀ ଅର୍ଥାତ ସନ୍ଧି ସ୍ଥାପନ କରିବା ଏବଂ ଈଶ୍ୱର ଭକ୍ତିକୁ ନିଜର ନିତି ଦିନିଆ ଅଭ୍ୟାସରେ ପକାଇବା ଅର୍ଥାତ ଧର୍ମ ପରାୟଣତା ଓ ସତ୍ୟତା ଦ୍ୱାରା ଅଲ୍ଲାଃ ତାଲାଙ୍କୁ ପ୍ରସନ୍ନ କରିବା ଅତଏବ ଏହି ପରପ୍ରେକ୍ଷୀରେ ଦୁଆ ଗ୍ରହଣୀୟ ହେବାର ଦ୍ୱାର ଉନ୍ମୁକ୍ତ ହେବ । ଯେତେବେଳେ ଏପରି ଅବସ୍ଥା ଉତ୍ପନ୍ନ ହେବ ଅର୍ଥାତ ସମସ୍ତ ସର୍ତ୍ତ ପୂରଣ ହୋଇଯିବ ସେତେବେଳେ ପ୍ରଭୁ ଦୁଆ ସ୍ୱୀକାର ହେବାର ଦ୍ୱାରକୁ ଉନ୍ମୁକ୍ତ କରିଦେଇଥାନ୍ତି କିନ୍ତୁ ଯଦି ସେ ପ୍ରଭୁଙ୍କୁ ଅତିଷ୍ଠ କରିଦିଏ ଓ ପ୍ରଭୁଙ୍କ ସହିତ ଅସହମତି ଓ ଝଗଡ଼ା କରେ, ତାଙ୍କ ଆଦେଶ ମୁତାବକ ଅମଳ କରେନାହିଁ, ପ୍ରଭୁ ଓ ତାଙ୍କ ସୃଷ୍ଟିର କର୍ତବ୍ୟ ସମ୍ପାଦନ କରେନାହିଁ ତେବେ ଏ ସବୁ ତାହାର ଦୁଆ ସ୍ୱୀକୃତି ପ୍ରାପ୍ତ କରିବା ମଧ୍ୟରେ ଏକ ବାଧକ ସାଜିଥାଏ ଏବଂ ଏକ ସୁଦୃଢ଼ ଚଟାଣ ଓ ପାଚେରୀ ପରି ଦଣ୍ଡାୟମାନ ହୋଇଯାଇଥାଏ । ଯଦ୍ୱାରା ଦୁଆ ସ୍ୱୀକାର ହେବାର ଦ୍ୱାର ବନ୍ଦ ହୋଇଯାଇଥାଏ ସେତେବେଳେ ନା କେବଳ ତାହାର ନିଜ ଦୁଆ ଅସ୍ୱୀକାର ହୋଇଥାଏ ବରଂ ଅନ୍ୟ ଯାହାଠାରୁ ସେ ଦୁଆ କରାଇଥାଏ ବା କରାଏ ତାଙ୍କ ଦୁଆ ମଧ୍ୟ ସ୍ୱୀକାର ହୋଇନଥାଏ । ହଜୁର ଆ:ସ କୁହନ୍ତି: ସୁତରାଂ ଆମ ବନ୍ଧୁମାନଙ୍କୁ ଆବଶ୍ୟକ ଯେ, ସେମାନେ ଆମ ଦୁଆକୁ ବ୍ୟର୍ଥ ହେବାକୁ ଦିଅନ୍ତୁ ନାହିଁ ଅର୍ଥାତ ସେମାନଙ୍କର ଏପରି କୌଣସି ହର୍‌କତ୍ ଦୁଆ ସ୍ୱୀକାର ହେବା ମଧ୍ୟରେ ବାଧକ ନ ସାଜୁ ।

***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୦୮, ଏଡ଼ିଶନ୍ ୧୯୮୪)***

ଯଦି ଆପଣମାନଙ୍କର ଅମଳ ସଠିକ୍ ନୁହେଁ ତେବେ ଆପଣମାନଙ୍କ ପକ୍ଷେ ମୋର ଦୁଆ ସ୍ୱୀକୃତି ପ୍ରାପ୍ତ କରିପାରିବନାହିଁ ବରଂ ତୁମର କର୍ମ ତାହାର ଗ୍ରହଣୀୟ ହେବାର ରାସ୍ତାରେ ବାଧକ ହୋଇଯିବ । ପୁନଶ୍ଚ ଦୁଆ ଗ୍ରହଣ ହେବାପାଇଁ ଏହା ମଧ୍ୟ ଆବଶ୍ୟକ ଯେ ମନୁଷ୍ୟ ନିଜ ଆସ୍ଥା ଓ ବିଶ୍ୱାସରେ ଅଟଳ ରହୁ । ଏହା ହେଉଛି ମୌଳିକ ଏବଂ ସେହି ବ୍ୟକ୍ତି ଅମଲେ ସ୍ୱାଲେହା ଅର୍ଥାତ ଉଚିତ ସମୟରେ ଉଚିତ କର୍ମ କରୁଥିବ । ଏ ବିଷୟରେ ପୂର୍ବରୁ ଚର୍ଚ୍ଚା କରାସରିଛି । ଯେପରି କି ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ କୁହନ୍ତି ଯେ, ମୋର କଥା ପ୍ରତି ଆଜ୍ଞାନୁବର୍ତୀ ହୁଅ ଏବଂ ଆଜ୍ଞାପାଳନ କର ତେଣୁ ଅଲ୍ଲାଃ ତାଲାଙ୍କ ଆଜ୍ଞା ଉପରେ ପରିଚାଳିତ ହେବା ଓ ତଦନୁଯାୟୀ ନିଜର କର୍ମକୁ ଶୃଙ୍ଖଳିତ କରିବା ହେଉଛି ମୁଳ ବିଷୟବସ୍ତୁ । ସୁତରାଂ ଦୁଆ ଗ୍ରହଣୀୟ ହେବା ନିମନ୍ତେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆହୁରି ବ୍ୟାଖ୍ୟା କରି କୁହନ୍ତି: ଏକଥା ନିରାଟ ସତ୍ୟ ଯେ, ଯେଉଁ ବ୍ୟକ୍ତି କର୍ମ ସମ୍ପାଦନ କରେନାହିଁ ଅସଲରେ ସେ ପ୍ରାର୍ଥନା ବା ଦୁଆ କରେ ନାହିଁ ବରଂ ଅଲ୍ଲାଃ ତାଲାଙ୍କୁ ପରୀକ୍ଷା କରିଥାଏ । ତେବେ ଦୁଆର ପ୍ରକୃତ ଅର୍ଥ ଏହି କି ଯେ, ଦୁଆ ପୂର୍ବରୁ ପ୍ରାର୍ଥନାକାରୀ ସର୍ବପ୍ରଥମେ ନିଜର ସକଳ ଶକ୍ତି ତଥା ଉଦ୍ୟମକୁ ବିନିଯୋଗ କରିବା ଉଚିତ । ତେବେ ଯାଇ ତାହାର ଦୁଆ ଗ୍ରହଣୀୟ ହୋଇପାରିବ ଅତଏବ ମନୁଷ୍ୟ ସର୍ବପ୍ରଥମେ ନିଜର ବିଶ୍ୱାସ ଓ କର୍ମକୁ ଅବଲୋକନ କରୁ କାରଣ ଅଲ୍ଲାଃ ତାଲାଙ୍କର ଏହି ପରମ୍ପରା ରହିଛି ଯେ, ଇସ୍‌ଲାହ୍ ଅର୍ଥାତ ସୁଧାର ସାଧନମାନଙ୍କ ଜରିଆରେ ହିଁ ହୋଇଥାଏ । ସଂଶୋଧନ ଓ ସୁଧାର ନିମନ୍ତେ ସାଧନ ତ ଅବଶ୍ୟ ଉପଲବ୍ଧ ହେବ ଯାହାକି ସଂଶୋଧନ ନିମନ୍ତେ ଆବଶ୍ୟକ ଅତଏବ ନିଜର ଅବସ୍ଥାକୁ ସୁଧାରିବା ଏବଂ ଅଧିକ ସଂଶୋଧନ ନିମନ୍ତେ ଉଦ୍ୟମ କରିବା ନିମନ୍ତେ ହିଁ ଆତ୍ମ ସୋଧନ ହୋଇଥାଏ ବା ଆତ୍ମସୋଧନ ହୋଇପାରିବ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି: ଅଲ୍ଲାଃ ତାଲା କୌଣସି ନା କୌଣସି ସାଧନ ସୃଷ୍ଟି କରିଦେଇଥାନ୍ତି ଯାହାକି ସଂଶୋଧନର ମୂଳ ସେତୁ ସାଜିଥାଏ ଅର୍ଥାତ ମନୁଷ୍ୟ ଯଦି ସତ୍ ହୃଦୟତାର ସହିତ ଦୁଆ କରେ ତେବେ ଅଲ୍ଲାଃ ତାଲା ସେହି ବ୍ୟକ୍ତି ନିମନ୍ତେ କୌଣସି ନା କୌଣସି ମାର୍ଗ ଉନ୍ମୁକ୍ତ କରିଦେଇଥାନ୍ତି ଏବଂ ବାଟ ଖୋଲି ଦେଇଥାନ୍ତି । ସେହି ଲୋକମାନେ ଏହି ସ୍ଥାନରେ ଟିକିଏ ଚିନ୍ତା କରି ଦେଖନ୍ତୁ ଯେଉଁମାନେ ଏହା କୁହନ୍ତି ଯେ, ଯେତେବେଳେ ଦୁଆ କରିଦିଆଗଲା ସେତେବେଳେ ମାଧ୍ୟମ ଓ ସାଧନର କୌଣସି ଆବଶ୍ୟକତା ନାହିଁ । ସେହି ଅବୋଧ ବ୍ୟକ୍ତିମାନେ ଏହା ଚିନ୍ତା କରନ୍ତୁ ଯେ, ଦୁଆ ସ୍ୱୟମ ଏକ ଗୁପ୍ତ ସାଧନ ଅର୍ଥାତ ଯେଉଁ ଉଦ୍ଦେଶ୍ୟ ପାଇଁ ଦୁଆ କରିବାର ପ୍ରୟୋଜନ ରହିଛି ତାହା ମଧ୍ୟ ଏକ ସାଧନ ଏବଂ ତାହା ଅନ୍ୟ ସାଧନଗୁଡ଼ିକୁ ଉତ୍ପନ୍ନ କରିଥାଏ **ଇୟାକା ନାବୁଦୁ** ପରେ **ଓ୍ୱ ଇୟାକା ନସ୍ତଇନ** ଆସିଛି ଯାହାକି ଏକ ପ୍ରାର୍ଥନା ମୂଳକ ବଚନ ତାହା ଏହି ବିଷୟରେ ବିଶେଷରୂପେ ବ୍ୟାଖ୍ୟା କରୁଅଛି ଅର୍ଥାତ ହେ ଅଲ୍ଲାଃ! ଆମ୍ଭେ ତୁମ୍ଭର ହିଁ ଆରାଧନା କରୁଅଛୁ ଓ ତୁମ୍ଭଠାରୁ ହିଁ ସାହାଯ୍ୟ ଲୋଡ଼ୁଅଛୁ । କାରଣ ତୁମ୍ଭର ସାହାର୍ଯ୍ୟ ଓ ସହଯୋଗ ଦ୍ୱାର ହିଁ ଆମର ଉଦ୍ଦେଶ୍ୟ ସାଧିତ ହୋଇପାରିବ । ଅତଏବ ଆମେମାନେ ଏହା ଅବଲୋକନ କରୁ ଅଲ୍ଲାଃ ତାଲାଙ୍କର ପରମ୍ପରା ଏପରି ରହିଛି ଯେ ସେ ମନୁଷ୍ୟ ପାଇଁ ସାଧନ ଉତ୍ପନ୍ନ କରିଦିଅନ୍ତି । ଦେଖ ଅଲ୍ଲାଃ ତାଲା ଶୋଷ ମେଂଟାଇବା ପାଇଁ ଜଳ ଓ ଭୋକ ନିବାରଣ କରିବାପାଇଁ ଖାଦ୍ୟ ଉପଲବ୍ଧ କରିଦେଇଥାନ୍ତି । କିନ୍ତୁ ତାହା ସାଧନ ଜରିଆରେ ଉପଲବ୍ଧ କରାଇଥାନ୍ତି । କିନ୍ତୁ ବିନା କୌଣସି ପରିଶ୍ରମରେ ମନୁଷ୍ୟର ଭୋକ ଓ ଶୋଷ ନିବାରଣ ହୋଇନଥାଏ କିମ୍ବା ଆକାଶରୁ ହଠାତ୍ ଖାଦ୍ୟ ଖସି ପଡ଼ିନଥାଏ, ତାହା ନୁହେଁ ବରଂ ଏଥିପାଇଁ ଅଲ୍ଲାଃ ତାଲା ସାଧନ ଓ ମାଧ୍ୟମ ଉତ୍ପନ୍ନ କରି ଦେଇଛନ୍ତି । ଯେଉଁ ମାଧ୍ୟମ ଓ ସାଧନକୁ ମନୁଷ୍ୟ ବିନିଯୋଗ କରିବା ଦ୍ୱାରା ମନୁଷ୍ୟକୁ ଜଳ ପ୍ରାପ୍ତ ହୁଏ ଓ ଖାଦ୍ୟ ମଧ୍ୟ ଉପଲବ୍ଧ ହୁଏ ଅତଏବ ଏହି ସାଧନ ଓ ମାଧ୍ୟମର ପରମ୍ପରା ଅହରହ ଅଭ୍ୟାହତ ରହିଛି । ସାଧନ ଓ ମାଧ୍ୟମ ଅବଶ୍ୟ ଉପଲବ୍ଧ ହୋଇଥାଏ କାରଣ **କାନଲ୍ଲାହୁ ଅଜିଜନ୍ ହକିମା (ନିସା:୧୫୯)** ଅର୍ଥାତ ଅଲ୍ଲାଃ ତାଲାଙ୍କ ଏହି ଦୁଇଗୋଟି ନାମ ରହିଛି ଅଜିଜ୍ ଓ ହକିମ୍ । ଅଜିଜ୍ ର ଅର୍ଥ ହେଉଛି ପ୍ରତ୍ୟେକ କାର୍ଯ୍ୟ ସମ୍ପାଦନ କରିବା ଓ ହକିମ୍ କହିଲେ କୌଣସି କାର୍ଯ୍ୟକୁ ପରିସ୍ଥିତି ଅନୁଯାୟୀ ବୁଝି ବିଚାରି ଉପଯୁକ୍ତ ରୂପେ ସମ୍ପନ୍ନ କରିବା ଅଟେ । ଦେଖ ଉଦ୍ଭିଦ ଓ ପ୍ରାଣୀଜଗତରେ ନାନା ପ୍ରକାର ଗୁଣ ମାନ ଭରି ରହିଛି ତରବଦ୍‌କୁ ଦେଖ ଯେ, ତା'ର ଏକ ବା ଦୁଇ ତୋଲା ପ୍ରୟୋଗରେ ହିଁ ମଣିଷର କୋଷ୍ଠକାଠିନ୍ୟ ଦୁର ହୋଇଥାଏ । ସେହିପରି ସ୍କମୋନିଆ ମଧ୍ୟ କାମ କରିଥାଏ । ଅଲ୍ଲାଃ ତାଲାଙ୍କର ଶକ୍ତି ଅଛି ଯେ ସେ ପେଟକୁ ବିନା କୌଣସି ଔଷଧରେ ଖୋଲିଦେବେ କିମ୍ବା ଜଳ ବ୍ୟତିରକେ ଶୋଷ ମେଂଟାଇ ଦେବେ । କିନ୍ତୁ ପ୍ରକୃତିର ଚମତ୍କାରିତା ବିଷୟରେ ଅବଗତ କରାଇବା ମଧ୍ୟ ଜରୁରୀ ଥିଲା । ଯେଉଁ ବସ୍ତୁଗୁଡ଼ିକ ଅଲ୍ଲାଃ ତାଲା ସୃଷ୍ଟି କରିଛନ୍ତି ତାହା ତାଙ୍କର ବ୍ୟଚିତ୍ରମୟତାର ପରିଚୟ ତେଣୁ ସେହି ଗୁଣ ପ୍ରସଙ୍ଗରେ ଅବଗତ ହେବା ମଧ୍ୟ ନିତ୍ୟାନ୍ତ ଆବଶ୍ୟକ କାରଣ ଯେତେମାତ୍ରାରେ ବ୍ୟଚିତ୍ରମୟ ପ୍ରକୃତି ସମ୍ପର୍କରେ ଅବଗତ ହେବ ସେତେମାତ୍ରାରେ ମନୁଷ୍ୟ ଅଲ୍ଲାଃ ତାଲାଙ୍କ ଗୁଣ ସମ୍ପର୍କରେ ମନ ନିବେଶ କରି ଅଲ୍ଲାଃ ତାଲାଙ୍କ ସାମିପ୍ୟତା ଓ ସାନିଧ୍ୟତା ଲାଭ କରିବାକୁ ସମର୍ଥ ହୋଇପାରିବ । ଚିକିତ୍ସା ବିଜ୍ଞାନ ଓ ପଦାର୍ଥ ବିଜ୍ଞାନ ଦ୍ୱାରା ହଜାର ହଜାର ବିଶେଷ ଗୁଣମାନ ଜାଣି ହୋଇଥାଏ ।

***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୨୪-୧୨୫, ଏଡ଼ିଶନ୍ ୧୯୮୪)***

ଯଦି ଜଣେ ବ୍ୟକ୍ତି ଓ ଜଣେ ଈଶ୍ୱର ଭକ୍ତ ବୈଜ୍ଞାନିକ ତା' ଦ୍ୱାରା ଉଦ୍ଭାବିତ ପ୍ରତ୍ୟେକ ବସ୍ତୁକୁ ଆଧ୍ୟାତ୍ମିକ ଚକ୍ଷୁରେ ଦେଖେ ଓ ଚିନ୍ତା କରେ ତେବେ ସେ ପ୍ରତ୍ୟେକ ଉଦ୍ଭାବନ ହୋଇଥିବା ବସ୍ତୁକୁ ଦେଖି ତା' ଉପରେ ଚିନ୍ତନ କରିଥାଏ ଓ ତାହା ଅଲ୍ଲାଃ ତାଲାଙ୍କ ଅସ୍ତିତ୍ୱ ସମ୍ପର୍କରେ ପ୍ରମାଣ ପ୍ରାପ୍ତ କରିବାରେ ସହାୟକ ହୋଇଥାଏ । ଏହା ଦ୍ୱାରା ତା'ର ବିଶ୍ୱାସରେ ମଧ୍ୟ ଅଭିବୃଦ୍ଧି ଘଟିଥାଏ କିନ୍ତୁ ନାସ୍ତିକ ବ୍ୟକ୍ତି ଏହାକୁ ସଂଯୋଗ ବୋଲି ମଣିଥାଏ ଓ ଆଖ୍ୟା ଦେଇଥାଏ । ଅତଏବ ଅଲ୍ଲାଃ ତାଲା ପ୍ରକୃତିର ବୈଚିତ୍ରମୟତାକୁ ଏଥିପାଇଁ ଦର୍ଶାଇଲେ ଯେ ମଣିଷ ଏହାକୁ ହୃଦୟଙ୍ଗମ କରୁ କି ପ୍ରତ୍ୟେକ ବସ୍ତୁର କିଛି ନା କିଛି ଲକ୍ଷ୍ୟ ରହିଛି ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆହୁରି କୁହନ୍ତି, ଧର୍ମପରାୟଣତାର ମାର୍ଗ ଅବଲମ୍ବନ କର କାରଣ ଧର୍ମପରାୟଣତା ହିଁ ଏଭଳି ବସ୍ତୁ ଯାହାକୁ ଧର୍ମର ସାରମର୍ମ ବୋଲି କୁହାଯାଏ । ଯଦି ଆମେ ଧର୍ମ ବିଧାନକୁ ସଂକ୍ଷିପ୍ତ ରୂପେ ବର୍ଣ୍ଣନା କରିବାକୁ ଇଚ୍ଛା ପ୍ରକାଶ କରୁ ତାହେଲେ ଧର୍ମ ବିଧାନର ସାର ଧର୍ମ ପରାୟଣତା ହିଁ ହୋଇପାରିବ । ଧର୍ମ ପରାୟଣତାର ସ୍ତର ଓ ମର୍ଯ୍ୟାଦା ଅନେକ ରହିଛି କିନ୍ତୁ ଜଣେ ସତ୍ୟାନୁସନ୍ଧି ବ୍ୟକ୍ତି ପ୍ରାରମ୍ଭିକ ସ୍ତର ଓ ପ୍ରର୍ଯ୍ୟାୟକୁ ଅବିଚଳତା ଓ ନୈଷ୍ଠିକତାର ସହିତ ଅତିକ୍ରମ କରେ ତାହେଲେ ସେ ସେହି ସତ୍ୟତା ଯୋଗୁଁ ହିଁ ଉଚ୍ଚ ସ୍ତରକୁ ପ୍ରାପ୍ତ କରିନେଇଥାଏ । ଅଲ୍ଲାଃ ତାଲା କୁହନ୍ତି: **ଇନ୍ନମା ୟତକବ୍‌ବଲୁଲ୍ଲାହୁ ମିନଲ୍ ମୁତ୍‌ତକିନ୍ (ମାଇଦା:୨୮)** ଅର୍ଥାତ ଅଲ୍ଲାଃ ତାଲା କେବଳ ଧର୍ମପରାୟଣଙ୍କଠାରୁ ହିଁ ଦୁଆ ଗ୍ରହଣ କରନ୍ତି । ଅଲ୍ଲାଃ ତାଲାଙ୍କର ଏହା ହେଉଛି ପ୍ରତିଶୃତି ଯେ **ଇନ୍ନଲ୍ଲାହା ଲା ୟୁଖ୍‌ଲିଫୁଲ୍‌ମିଆଦ୍** (ରାଆଦ୍:୩୨) ଅର୍ଥାତ ବାସ୍ତବିକ ଅଲ୍ଲାଃ ତାଲା ନିଜର ପ୍ରତିଶୃତି ଭଙ୍ଗ କରନ୍ତି ନାହିଁ । ଅତଏବ ଯେଉଁ ପରିସ୍ଥିତିରେ ଦୁଆ ଗ୍ରହଣୀୟ ହେବାପାଇଁ ଧର୍ମ ପରାୟଣତାକୁ ଏକ ଗୈର୍ ମୁନ୍‌ଫିକ୍ ବୋଲି ସର୍ତ୍ତ ବୋଲି ଧାର୍ଯ୍ୟ କରାଯାଇଛି । ଏହା ଏଭଳି ସର୍ତ୍ତ ଯାହା ଏଡ଼ାଇ ଦିଆଯାଇପାରିବ ନାହିଁ କିମ୍ବା ଏହାକୁ ବାଦ୍ ଦିଆଯାଇ ପାରିବନାହିଁ ଏହାକୁ ରଖି କରାଯାଇପାରିବ ନାହିଁ । ତେଣୁ ଯଦି ଜଣେ ଅସାବଧାନ ଓ ବେପରୁଆ ହୋଇ ଦୁଆ ଗ୍ରହଣୀୟ ହେବାପାଇଁ ଇଚ୍ଛା ପ୍ରକାଶ କରେ ତେବେ ସେହି ବ୍ୟକ୍ତି ମୂର୍ଖ ଓ ଅଜ୍ଞାନ ବୋଲି ଜଣାଯିବ । ଅତଏବ ଆମ ଯମାତ୍ ନିମନ୍ତେ ଏହା ବାଧ୍ୟତାମୂଳକ ଯେ, ଆମ ଯମାତ୍‌ର ପ୍ରତ୍ୟେକ ସଦସ୍ୟବୃନ୍ଦ ଯଥା ସମ୍ଭବ ଧର୍ମ ପରୟଣତା ମାର୍ଗରେ ଅନୁଧାବନ ହୁଅନ୍ତୁ । କାରଣ ଦୁଆ ସ୍ୱୀକାର ହେବାର ସ୍ୱାଦକୁ ସେମାନେ ଆସ୍ୱାଦନ କରିପାରିବେ ସେମାନଙ୍କର ବିଶ୍ୱାସର ସ୍ତରରେ ଅଭିବୃଦ୍ଧି ଘଟିବ । ***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୦୮-୧୦୯, ଏଡ଼ିଶନ୍ ୧୯୮୪)***

ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍ କୁହନ୍ତି: ମୋ ଉପରେ ଇମାନ୍ ଆଣ ଅର୍ଥାତ ମୋ ଉପରେ ବିଶ୍ୱାସ ସ୍ଥାପନ କର । ଏହିପରି ଭାବରେ ତୁମ୍ଭର ବିଶ୍ୱାସରେ ଅଭିବୃଦ୍ଧି ଘଟିବ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପୁନଶ୍ଚ ରହମ୍ ଅର୍ଥାତ ଦୟାର ଦୁଇଟି ପ୍ରକାର ଭେଦ ବର୍ଣ୍ଣନା କରି କୁହନ୍ତି । ଦୟା ଦୁଇ ପ୍ରକାରର ପ୍ରଥମଟି ହେଉଛି ରହ୍‌ମାନିୟତ୍ ଅର୍ଥାତ ଅଶେଷ ଦୟାମୟ ଓ ଦ୍ୱିତୀୟଟି ହେଉଛି ରହିମିୟତ୍ ଅର୍ଥାତ ସଦାକରୁଣାମୟ ଏହି ଦୁଇ ନାମରେ ଦୟା ନାମିତ । ଦୟାମୟ ଏଭଳି ଏକ କଲ୍ୟାଣମୟ ଗୁଣ ଯାହା ଆମର ଅସ୍ତିତ୍ୱଠାରୁ ମଧ୍ୟ ପୂର୍ବେ ଆରମ୍ଭ ହୋଇଯାଇଛି । ଅର୍ଥାତ ଏ ସ୍ୱର୍ଗ ଏ ଆକାଶ, ଏ ପାତାଳ ଓ ଏଥିରେ ସମସ୍ତ ଉପାଦାନ ଯାହାକି ଆମ ପାଇଁ ଅନିବାର୍ଯ୍ୟ ଥିଲା ଲୋଡ଼ା ଥିଲା, ଯାହାକି ଆମେ ଭିକ୍ଷା କରିନଥିଲେ ଅଲ୍ଲାଃ ତାଲା ତାହାକୁ ଆମ ଜନ୍ମର ବହୁ ପୂର୍ବରୁ ସୃଷ୍ଟି କରିଦେଇଛନ୍ତି । ଉଦାହରଣ ସ୍ୱରୁପ ଅଲ୍ଲାଃ ତାଲା ପ୍ରଥମେ ନିଜର ପ୍ରାଚୀନ ଜ୍ଞାନ ଦ୍ୱାରା ଦେଖି ଏଭଳି ଭୂମି ଓ ଆକାଶ ସୃଷ୍ଟି କଲେ ଯେଉଁ ବସ୍ତୁଗୁଡ଼ିକ ଆମମାନଙ୍କ ପାଇଁ ବ୍ୟବହାର ଯୋଗ୍ୟ ସେହି ବସ୍ତୁ ଦ୍ୱାରା ମନୁଷ୍ୟ ସାଧାରଣ ରୂପେ ଉପକୃତ ହୋଇଥାଏ । ଛେଳି, ମେଣ୍ଢା ଆଦି ପଶୁଗୁଡ଼ିକ ନିଜ ପାଇଁ ହିତକାରକ ହେବା ପରିବର୍ତେ

ମନୁଷ୍ୟ ପାଇଁ ହିତକାରକ ସାବ୍ୟସ୍ତ ହୋଇଥାଏ । ତେବେ ଏହି ପଶୁମାନେ ନିଜଠାରୁ ଉପକୃତ ହେଉଛନ୍ତି କି, ଏହି ସମସ୍ତ ବସ୍ତୁ ମନୁଷ୍ୟଙ୍କ ନିମନ୍ତେ ଫଳପ୍ରଦ ହୋଇଥାନ୍ତି । ଦେଖ ଶାରିରୀକ ପ୍ରସଙ୍ଗରେ ମନୁଷ୍ୟ କିଭଳି ସୂକ୍ଷ୍ମ ଏବଂ ସର୍ବୋଚ୍ଚ ସ୍ତରର ଆହାର ଗ୍ରହଣ କରିଥାଏ । ଅର୍ଥାତ ଉନ୍ନତମାନର ମାଂସ ମନୁଷ୍ୟ ପାଇଁ ଉପଲବ୍ଧ ଏବଂ ହାଡ଼ ଓ ଅନ୍ୟାନ୍ୟ ବର୍ଯ୍ୟବସ୍ତୁ କୁକୁର ପାଇଁ ଉଦ୍ଦିଷ୍ଟ । ଅର୍ଥାତ ଶାରିରୀକ ରୂପେ ମନୁଷ୍ୟ ଯେଉଁ ସବୁ ଆନନ୍ଦ ଓ ତୃପ୍ତି ଓ ସ୍ୱାଦ ଲାଭ କରିଥାଏ ସେହି ସୁଖ, ତୃପ୍ତି ଓ ଆନନ୍ଦ ଓ ସ୍ୱାଦ ପ୍ରାପ୍ତ କରିବା କ୍ଷେତ୍ରରେ ପଶୁମାନେ ମଧ୍ୟ ସାମିଲ ଥାନ୍ତି । କିନ୍ତୁ ମନୁଷ୍ୟ ଯେହେତୁ ଶ୍ରେଷ୍ଠ ପ୍ରାଣୀ ସେ ଏହି ଶାରିରୀକ ଆନନ୍ଦ ଓ ସୁଖ ଆଦିକୁ ପ୍ରାପ୍ତ କରିଥାଏ । ସେହିପରି ପଶୁମାନେ ଆଧ୍ୟାତ୍ମିକ ଆନନ୍ଦ ପ୍ରାପ୍ତ କରିବା କ୍ଷେତ୍ରରେ ମନୁଷ୍ୟ ସହ ସମତୁଲ୍ୟ ହୋଇନଥାନ୍ତି । ଆଧ୍ୟାତ୍ମିକ ଆନନ୍ଦ ଓ ସୁଖ କେବଳ ମନୁଷ୍ୟ ପାଇଁ ଉଦ୍ଦିଷ୍ଟ ତହିଁରେ ପଶୁ କିମ୍ବା ଅନ୍ୟ ଜୀବ ମାନେ ମନୁଷ୍ୟ ସହ ସମ୍ପୃକ୍ତ ନୁହନ୍ତି । ଅର୍ଥାତ ଯେଉଁ ସ୍ତରର ଆଧ୍ୟାତ୍ମିକ ସୁଖ ଓ ଆନନ୍ଦ ମନୁଷ୍ୟ ଲାଭ କରିଥାଏ ସେହିଭଳି ପଶୁ ଓ ଅନ୍ୟାନ ଜୀବଜନ୍ତୁମାନେ ଲାଭ କରିନଥାନ୍ତି । ଅତଏବ ଏହା ହେଉଛି ଦୟାର ଦୁଇଟି କିସମ ପ୍ରଥମ ଯାହା ଆମମାନଙ୍କର ଅସ୍ତିତ୍ୱଠାରୁ ପୂର୍ବେ ଓ ସମୟ ପୂର୍ବେ ପ୍ରଭୁ ଧାର୍ଯ୍ୟ କରି ରଖିଦେଇଥିଲେ । ତେଣୁ ଏହି ବସ୍ତୁମାନଙ୍କୁ ଆମମାନଙ୍କର ସେବାରେ ନିୟୋଜିତ କରିଦେଇଛନ୍ତି ଏବଂ ଅଦ୍ୟାବଧି ତାହା ଜାରି ରହିଛି । ଏଗୁଡ଼ିକ ଆମର ଅସ୍ତିତ୍ୱ ଓ ଦୁଆ ପୂର୍ବରୁ ବିଦ୍ୟମାନ ଓ କାର୍ଯ୍ୟରତ । ଆମ ଜନ୍ମଠାରୁ ବହୁ ପୂର୍ବେ ସୃଷ୍ଟି ହୋଇଯାଇଛି ଏବଂ ଆମମାନଙ୍କର ଇଚ୍ଛା ପ୍ରକାଶ କରିବା ଓ ଦୁଆ କରିବା ପୂର୍ବରୁ ତାହାକୁ ପ୍ରଭୁ ଆମ ପାଇଁ ଯୋଗାଇ ଦେଇଥିଲେ । ଏହି ସମସ୍ତ ବସ୍ତୁ ଓ ଜୀବ ଗୁଡ଼ିକ ଅଲ୍ଲାଃ ତାଲାଙ୍କ ଅଶେଷ ଦୟା ଓ କୃପା ଯୋଗୁଁ ହିଁ ସୃଷ୍ଟି ହୋଇଛନ୍ତି ।

ଦ୍ୱିତୀୟତଃ ରହିମିୟତ୍ ଗୁଣ ଅର୍ଥାତ ସଦା କରୁଣାମୟର ଗୁଣ ଅର୍ଥାତ ଆମେମାନେ ଯେତେବେଳେ କୌଣସି ବସ୍ତୁ ନିମନ୍ତେ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁ, ଅଳି କରୁ, ମାଗୁ ସେତେବେଳେ ଅଲ୍ଲାଃ ତାଲା ଆମମାନଙ୍କୁ ତାହା ପ୍ରଦାନ କରିଦେଇଥାନ୍ତି । ତେଣୁ ଏହା ଉପରେ ଯଦି ଅନୁଧ୍ୟାନ କରାଯାଏ ତେବେ ଜଣାପଡ଼ିବ ଯେ, ପ୍ରକୃତି ନିୟମର ସମ୍ପର୍କ ସର୍ବଦା ଦୁଆ ସହିତ ଲାଗି ରହିଛି । ଆଜିକାଲି ଏହାକୁ କେତେକ ଲୋକ ବିଦତ୍ ଅର୍ଥାତ ନୂତନ ପ୍ରଥା ବୋଲି ମନେ କରନ୍ତି । ଆମମାନଙ୍କର ଦୁଆ ର ଅଲ୍ଲାଃ ତାଲାଙ୍କ ସହିତ ଯେଉଁ ସମ୍ପର୍କ ରହିଛି ମୁଁ ଏ ସମ୍ପର୍କରେ ମଧ୍ୟ ବର୍ଣ୍ଣନା କରିବାକୁ ଚାହୁଁଛି ।

ହଜୁର କହିଲେ: ଯେତେବେଳେ ଜଣେ ଶିଶୁ ଭୋକ ହେବା ଯୋଗୁଁ ମାଆର ସ୍ତନ୍ୟପାନ ପାଇଁ ବ୍ୟାକୁଳ ହୋଇ ଅଳି କ଼େ. କାନ୍ଦିବା ଆରମ୍ଭ କରେ, ସେତେବେଳେ ମା'ର ସ୍ତନରୁ କ୍ଷୀର ଝରି ଆସିଥାଏ । ଯଦିଚ ସେତେବେଳେ ଶିଶୁଟି ଦୁଆ ସମ୍ପର୍କରେ ପୂର୍ଣ୍ଣରୂପେ ଅଜ୍ଞାତ ଥାଏ । ଦୁଆ କ'ଣ ଓ ଦୁଆ କାହାକୁ କୁହନ୍ତି ସେ ବିଷୟରେ ତାହାକୁ କୌଣସି ଜ୍ଞାତ ନଥାଏ ନା ସେ ଦୁଆ କ'ଣ ବୋଲି ବା ଦୁଆ ବିଷୟରେ ଶୁଣିଥାଏ । କିନ୍ତୁ ସେହି ଶିଶୁର କାନ୍ଦ ମାଆର ସ୍ତନରୁ କାହିଁକି ଅମୃତ ସଦୃଶ କ୍ଷୀରକୁ ଝରିଆସିବାକୁ ବାଧ୍ୟ କରିଥାଏ । ଏ ପ୍ରସଙ୍ଗରେ ସମସ୍ତେ ଅଭିଜ୍ଞ ବେଳେବେଳେ ଏହା ଦେଖାଯାଇଛି ଯେ, ମାଆ କ୍ଷୀର ଥିବାର ନିଜର ସ୍ତନରେ ଅନୁଭବ ମଧ୍ୟ କରିନଥାଏ କିନ୍ତୁ ଶିଶୁର ଚିତ୍କାର ଓ କ୍ରନ୍ଦନ ସେହି କ୍ଷୀରକୁ ଟାଣି ଆଣିଥାଏ । ତେବେ କଣ ଆମମାନଙ୍କର ଆର୍ତଚିତ୍କାର ଅଲ୍ଲାଃ ତାଲାଙ୍କର କୃପାକୁ ଆକର୍ଷିତ କରିପାରିବ ନାହିଁ ନିଶ୍ଚୟ କରିବ ଏବଂ ନିଶ୍ଚିତ କରିଥାଏ । ସବୁକିଛି ଆକର୍ଷିତ କରିଥାଏ କିନ୍ତୁ ଆଖି ରଖିଥିବା ସେହି ଅନ୍ଧ ଲୋକମାନେ, ଯେଉଁମାନେ ଫାଜିଲ୍ ଓ ଦାର୍ଶନିକ ବୁଲାଇଥାନ୍ତି ସେମାନେ ଅଲ୍ଲାଃ ତାଲାଙ୍କର ଏହି ସଦାକରୁଣାମୟ ଗୁଣକୁ ଅବଲୋକନ କରିପାରନ୍ତି ନାହିଁ । ଶିଶୁର ସମ୍ପର୍କ ମାଆ ସହିତ ଥାଏ ଏହି ମାତୃତ୍ୱମୟ ସମ୍ପର୍କକୁ ମନୁଷ୍ୟ ନିଜ ମସ୍ତିଷ୍କରେ ରଖି ଯଦି ଦୁଆ ର ଦର୍ଶନତତ୍ୱ ଉପରେ ବିଚାର କରେ ତାହେଲେ ତାହା ଅତ୍ୟନ୍ତ ସହଜ ଓ ସରଳ ବୋଲି ଜଣାପଡ଼ିବ । ଦ୍ୱିତୀୟ ପ୍ରକାରର ଦୟା ଏହି ଶିକ୍ଷା ଦିଏ ଯେ, ମାଗିବା ପରେ ହିଁ ଦୟାଭାବ ଉତ୍ପନ୍ନ ହୋଇଥାଏ । ଅର୍ଥାତ ଅଲ୍ଲାଃ ତାଲାଙ୍କୁ ମାଗି ଚାଲ ସେ ତୁମର ଆବଶ୍ୟକତାକୁ ଅବସ୍ୟ ପରିପୁରଣ କରିବେ । ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍ ରେ କୁହନ୍ତି: **ଉଦ୍‌ଉନି ଅସ୍‌ତଜିବ୍‌ଲକୁମ୍** (ମୋମିନ୍:୬୧) ଅର୍ଥାତ ତୁମେ ମତେ ମାଗ ମୁଁ ତୁମକୁ ପ୍ରଦାନ କରିବି । ଏହା କୌଣସି ଉଦ୍‌ଭ୍ରାନ୍ତ ବଚନ ନୁହେଁ ବରଂ ଏହା ମାନବିକ ସ୍ୱଭାବ ସୁଲଭର ଏକ ଭିନ୍ନ ଅଙ୍ଗ ।

***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୨୮-୧୩୦, ଏଡ଼ିଶନ୍ ୧୯୮୪)***

ଉକ୍ତ କଥାର ଅର୍ଥାତ ଭକ୍ତର ମାଗିବାର ପ୍ରୟୋଜନିୟତା ଏବଂ ଅଲ୍ଲାଃ ତାଲାଙ୍କର ଗ୍ରହଣ କରିବାର ପ୍ରାସଙ୍ଗିକତାକୁ ପ୍ରତିପାଦନ କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି: ମାଗିବା ହେଉଛି ମନୁଷ୍ୟର ପ୍ରକୃତି ଏବଂ ଗ୍ରହଣ କରିବା ପ୍ରଭୁଙ୍କର ବିଶେଷତା । ଯେଉଁ ବ୍ୟକ୍ତି ଏହା ବୁଝୁନାହିଁ ଓ ଏହାକୁ ସ୍ୱୀକାର କରୁନାହିଁ ସେହି ବ୍ୟକ୍ତି ହେଉଛି ମିଥ୍ୟାବାଦୀ । ଉପରୋକ୍ତ ଉଦାହରଣ ଅର୍ଥାତ ଶିଶୁ ଓ ମାଆର ଯେଉଁ ଉଦାହରଣ ପୂର୍ବରେ ମୁଁ ବର୍ଣ୍ଣନା କରିଆସିଲି ତହିଁରେ କେଉଁଭଳି ଭାବରେ ଦୁଆ ର ଦର୍ଶନତତ୍ୱକୁ ଅତ୍ୟନ୍ତ ଚମତ୍କୃତ ଭାବରେ ସମାଧାନ କରିଦିଆଯାଇଛି । ଅତଏବ ଅଶେଷ ଦୟାବାନ ଓ ସଦା କରୁଣାମୟ ଦୁଇ ନୁହଁ ଏକ ଅଟନ୍ତି । ତେଣୁ ଯେଉଁ ବ୍ୟକ୍ତି ଗୋଟିଏକୁ ପରିତ୍ୟାଗ କରି ଅନ୍ୟଟିକୁ ଆଶା କରେ ତେବେ ତାହାକୁ ଅଲ୍ଲାଃ ତାଲାଙ୍କର ଏହି ବିଶେଷଗୁଣାବଳୀରୁ କୌଣସି ଲାଭପ୍ରାପ୍ତ ହୋଇପାରିନଥାଏ । ଦୟାବାନ କହିଲେ ଆମେ ଅଲ୍ଲାଃ ତାଲାଙ୍କଠାରୁ ଯେଉଁ ବସ୍ତୁ ମାଗିନେଉ ଏବଂ ସେ ଆମକୁ ସେହି ବସ୍ତୁ ପ୍ରଦାନ କରିଦେବେ । ଏହି ସାହାସଟି ଆମମାନଙ୍କଠାରେ ସୃଷ୍ଟି ହୋଇଥାଏ । ଏଥିପାଇଁ ଅଲ୍ଲାଃ ତାଲା ମାଧ୍ୟମ ଉତ୍ପନ୍ନ କରିଥାନ୍ତି ଏବଂ ଅଶେଷ ଦୟାବାନ ଈଶ୍ୱରଙ୍କ ନିକଟରେ ଦୁଆ କରିବା ଓ ତାଙ୍କ କୃପା ଲାଭ କରିବା ହେଉଛି ମନୁଷ୍ୟର କାର୍ଯ୍ୟ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି: ଯେଉଁ ବ୍ୟକ୍ତି ଏପରି କରେନାହିଁ ସେହି ବ୍ୟକ୍ତି ହେଉଛି କୃତଘ୍ନ **ଇୟାକା ନାବୁଦୁ** ର ଏହା ହିଁ ଯଥାର୍ଥ ଯେ ହେ ପ୍ରଭୁ ଆମ୍ଭେମାନେ ତୁମ୍ଭର ହିଁ ଉପାସନା କରୁଅଛୁ ଏବଂ ତୁମ୍ଭଠାରୁ ହିଁ ସାହାଯ୍ୟ ଭିକ୍ଷା କରୁଅଛୁ । ଏହି ସାଂସାରିକ ପ୍ରକାଶ ମୂଳକ ସାଧନ ତଥା ମାଧ୍ୟମ ଯାହାକୁ ତୁମ୍ଭେ ଆମମାନଙ୍କୁ ପ୍ରଦାନ କରିଅଛ ତାହାରି ଦ୍ୱାହି ଦେଇ ଆମେ ତୁମ୍ଭର ସାହାଯ୍ୟ ଲୋଡୁଅଛୁ । ଆମେମାନେ ସେହି ପ୍ରକାଶ୍ୟମୂଳକ ମାଧ୍ୟମ ଦ୍ୱାରା ତୁମର ଉପାସନା କରୁଅଛୁ । ଦେଖ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କିପରି ଜିହ୍ୱାର ଉଦାହରଣ ଦେଇଛନ୍ତି । ମନୁଷ୍ୟର ଶିରାପ୍ରସିରା, ଜିହ୍ୱାର ଲାଳ, ମାଂଶପେଶୀ ଇତ୍ୟାଦି ଏହି ସମସ୍ତ ଅଙ୍ଗପ୍ରତ୍ୟେଙ୍ଗ ଶରିରର ଅଭିନ୍ନ ଅଙ୍ଗ । ଏହି ସମସ୍ତ ଅଙ୍ଗପ୍ରତ୍ୟେଙ୍ଗରୁ ମନୁଷ୍ୟର ଜିହ୍ୱା ସୃଷ୍ଟି ହୋଇଛି । ଯଦି ଜିହ୍ୱା ସୃଷ୍ଟି ହୋଇନଥାନ୍ତା ତାହେଲେ ଆମେ କଥା କିପରି କହିଥାନ୍ତେ । ଅତଏବ ଯଦି ଜିହ୍ୱାରେ ଶିରାପ୍ରସିରା ନଥାନ୍ତା ତେବେ ପାଟି ଶୁଷ୍କ ହୋଇଯାଇଥାନ୍ତା ଫଳତଃ ମନୁଷ୍ୟ କଥାବାର୍ତା କରିବାକୁ ସକ୍ଷମ ହୋଇପାରିନଥାନ୍ତା । ଯଦି ଶିରାପ୍ରସିରାକୁ ଆଦ୍ରତା ନ ମିଳିଥାନ୍ତା ତେବେ ମନୁଷ୍ୟ ନିଜର ଜିହ୍ୱାକୁ ଗତିଶୀଳ କିପରି କରିପାରିଥାନ୍ତା । ଅତଏବା ଅଲ୍ଲାଃ ତାଲା ଏହି ଏକ ଜିହ୍ୱା ମନୁଷ୍ୟକୁ ପ୍ରଦାନ କଲେ ଯାହା ମନୁଷ୍ୟ ମଧ୍ୟରେ ଥିବା ତାହାର ଭାବକୁ ପରିପ୍ରକାଶ କରୁଅଛି । ପରସ୍ପର ସହ କଥାବାର୍ତା ହୋଇପାରୁଛି । ପୁନଶ୍ଚ ଚିନ୍ତାଧାରାକୁ ପରିପ୍ରକାଶ କରିବାପାଇଁ ଅଲ୍ଲାଃ ତାଲା ଆମମାନଙ୍କୁ ବାକ୍‌ଶକ୍ତି ଓ ଭାଷା ଶିକ୍ଷା ଦେଇଛନ୍ତି । ଯଦି ଆମେ ପ୍ରାର୍ଥନା କରିବା ନିମନ୍ତେ ଜିହ୍ୱାକୁ ବ୍ୟବହାର ନ କରୁ ତେବେ ଏହା ଆମମାନଙ୍କର ଦୁର୍ଭାଗ୍ୟ ହେବ । ଏପରି ଅନେକ ରୋଗ ରହିଛି ତାହା ଯଦି ଜିହ୍ୱାକୁ ଆକ୍ରାନ୍ତ କରେ ତେବେ ଜିହ୍ୱା ନିଜର କାର୍ଯ୍ୟ କରିବା ବନ୍ଦ କରିଦେଇଥାଏ । ଏପରି କି ମନୁଷ୍ୟ ମୂକ ପାଲଟିଯାଇଥାଏ ଅତଏବ ଅଲ୍ଲାଃ ତାଲାଙ୍କର ଏହି ଦୟାମୟ ଗୁଣ ଆମକୁ ତୁଣ୍ଡ ଓ ଜିହ୍ୱା ପ୍ରଦାନ କରିଛନ୍ତି ଅଥଚ ଆମେମାନେ ଏହାକୁ ଦୁଆ କରିବାରେ ବିନିଯୋଗ କରୁନାହେଁ । ସେହିପରି କର୍ଣ୍ଣର ଗଠନ ମଧ୍ୟ ଅଲ୍ଲାଃ ତାଲାଙ୍କର ରହମାନିୟତ ଅର୍ଥାତ ଅଶେଷ ଦୟାମୟ ଗୁଣ ଯୋଗୁଁ ଜାଜ୍ୱଲ୍ୟମାନ । ଏଠାରେ ବୋଧ ହୁଏ ମୋ ବିଚାରରେ ଅଲ୍ଲାଃ ତାଲା ରହ୍‌ମାନିୟତ୍‌କୁ ପ୍ରତିପାଦିଦ କରିବାକୁ ଯାଇ ମନୁଷ୍ୟକୁ ଜିହ୍ୱା ପ୍ରଦାନ କରିଛନ୍ତି ଏବଂ ଏହାର ପ୍ରୟୋଗର ଶୈଳୀ ସମ୍ପର୍କରେ ମଧ୍ୟ ଆମମାନଙ୍କୁ ଶିକ୍ଷା ଦେଇଛନ୍ତି । ଏହି ଯେଉଁ ପ୍ରୟୋଗ ଶୈଳୀକୁ ଆମେମାନେ ବ୍ୟବହାର କରୁଛେ ତାହା ମଧ୍ୟ ଅଲ୍ଲାଃ ତାଲାଙ୍କର ରହ୍‌ମାନିୟତ୍ ସେହିପରି କର୍ଣ୍ଣର ଗଠନ ଶୈଳୀରେ ଯଦି ସାମାନ୍ୟ ତ୍ରୁଟି ରହିଥାନ୍ତା ତେବେ ମନୁଷ୍ୟ କାନକୁ କିଛି ହେଲେ ଶୁଭି ନଥାନ୍ତା । ସେହିପରି ହୃଦୟର ଅବସ୍ଥା ରହିଛି ଅଲ୍ଲାଃ ତାଲା ତହିଁରେ ବିନମ୍ରତା ଓ ବିନୟ ଭାବର ଅବସ୍ଥା ରଖିଛନ୍ତି ଏବଂ ଚିନ୍ତା ଓ ଚେତନାର ଶକ୍ତି ମଧ୍ୟ ଭରିଦେଇଛନ୍ତି । ଯଦି ମନୁଷ୍ୟ ରୋଗାକ୍ରାନ୍ତ ହୁଏ ସେତେବେଳେ ତା'ର ବୁଦ୍ଧି, ବିଚାର ଓ ଚିନ୍ତାଚେତନା ସବୁ ନଷ୍ଟ ହୋଇଯାଇଥାଏ । ପାଗଳମାନଙ୍କୁ ଦେଖ ସେମାନଙ୍କର ଶକ୍ତି କିପରି ନଷ୍ଟ ହୋଇଯାଇଛି । ଅତଏବ ଆମମାନଙ୍କ ପକ୍ଷରେ କଣ ଏହା ଉଚିତ ହେବନାହିଁ ଯେ, ଆମେମାନେ ଈଶ୍ୱରଦତ ଏହି ପୁରସ୍କାର ଓ ଅବଦାନଗୁଡ଼ିକୁ ଗୁରୁତ୍ୱ ପ୍ରଦାନ କରି ସେ ସବୁକିଛି ଉପରେ ଧ୍ୟାନ ଯୋଗ କରିବା ଏହି ସବୁ ଶକ୍ତି ଓ ସାମର୍ଥ୍ୟ ଯାହା ଅଲ୍ଲାଃ ତାଲା ଆମକୁ ପ୍ରଦାନ କରିଛନ୍ତି ଯଦି ଆମେ ଏହାକୁ ପରିତ୍ୟକ୍ତ ଓ ଅବହେଳିତ କରିଦେଉ ତେବେ ନିଃସନ୍ଦେହ ରୂପେ ଆମେମାନେ ଅକୃତଜ୍ଞ ବିବେଚିତ ହେବା । ସୁତରାଂ ମନେରଖ ଯଦି ତୁମେ ନିଜର ଶକ୍ତି, ସାମର୍ଥ୍ୟକୁ ପରିତ୍ୟାଗ କରିଦେଇ ଦୁଆ କରୁଛ ତେବେ ଦୁଆ ର କୌଣସି ଉପାଦେୟ ହୋଇପାରିବନାହିଁ । ଅତଏବ ଦୁଆ ସେ ପର୍ଯ୍ୟନ୍ତ ଫଳପ୍ରଦ ହୋଇନଥାଏ ଯେପର୍ଯ୍ୟନ୍ତ ଆମେମାନେ ଅଲ୍ଲାଃ ତାଲାଙ୍କ ପୂର୍ବ ପ୍ରଦତ ଅଙ୍ଗପ୍ରତ୍ୟେଙ୍ଗକୁ ବିନିଯୋଗ ନ କରୁ । ଅତଏବ ଅନ୍ୟ ଅଙ୍ଗପ୍ରତ୍ୟେଙ୍ଗକୁ କିପରି ନିଜ ପାଇଁ ଉପାଦେୟ ଓ ଉପଯୋଗୀ କରିପାରିବା ଏଥିପ୍ରତି ଆମକୁ ଧ୍ୟାନ ଦେବା ଉଚିତ ।

ଉପରୋକ୍ତ ଉଦାହରଣ ଦେଇ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏହା ସ୍ପଷ୍ଟ କରିଦେଲେ ଯେ, ଅଲ୍ଲାଃ ତାଲାଙ୍କ ଦ୍ୱାରା ପ୍ରଦତ ପୁରସ୍କାରକୁ ଆମେମାନେ ଗୁରୁତ୍ୱ ଦେବା ଉଚିତ ଏହାକୁ ବିନିଯୋଗ କରିବା ଆମମାନଙ୍କର ସର୍ବଦା କର୍ତବ୍ୟ । ଏହି ସମସ୍ତ ଅଙ୍ଗପ୍ରତ୍ୟେଙ୍ଗର ସଠିକ୍ ବ୍ୟବହାର ପାଇଁ ଅଲ୍ଲାଃ ତାଲାଙ୍କ ସାହାଯ୍ୟ ଭିକ୍ଷା କର । ଯଦି ଆମେମାନେ ଏହିପରି କରିବା ତାହେଲେ ଯାଇ ଜଣେ ଉପାସକ ପ୍ରକୃତ ଉପାସନାର ଅଧିକାରକୁ ସମ୍ପାଦିତ ତଥା ଚରିତାର୍ଥ କରିପାରିବ । ଅଲ୍ଲାଃ ତାଲାଙ୍କ ଦ୍ୱାରା ପ୍ରଦତ ପୁରସ୍କାର ପ୍ରତି କୃତଜ୍ଞତା ଜ୍ଞାପନ କରିପାରିବ ଏବଂ ଅଲ୍ଲାଃ ତାଲାଙ୍କର କୃପାର ଅଧିକାରି ହୋଇପାରିବ । ରହ୍‌ମାନିୟତ୍ ଦ୍ୱାରା ପ୍ରଦାନ ହୋଇଥିବା ବସ୍ତୁ ରହିମିୟତରୁ ଅଂଶ ପ୍ରାପ୍ତ କରିଥାଏ ଓ ମଣିଷ ଦୁଆ ଗ୍ରହଣୀୟ ହେବାର ଦୃଶ୍ୟକୁ ଦେଖିଥାଏ (ଯେତେବେଳେ ଏ ସମ୍ପର୍କରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର କଥନକୁ ନିଜ ସମ୍ମୁଖରେ ରଖି ସେଥିରୁ ଅର୍ଥାତ ସେହି ସମସ୍ତ ପୁରସ୍କାର ଗୁଡ଼ିକୁ ବିନିଯୋଗ କରିବା ଓ ସେଥିରୁ ଉପକୃତ ହେବା) ।

ଏ ସମ୍ପର୍କରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଅଧିକ ଚର୍ଚ୍ଚା କରି କୁହନ୍ତି: **ଇୟାକା ନାବୁଦୁ** ସୁଚାଉଛି ଯେ, ହେ ବ୍ରହ୍ମାଣ୍ଡର ସୃଷ୍ଟିକର୍ତା ଓ ପାଳନକର୍ତା ତୁମର ପୂର୍ବ ପ୍ରଦାନକୁ ମଧ୍ୟ ଆମେମାନେ ନଷ୍ଟ ଓ ବ୍ୟର୍ଥ କରିନାହୁଁ । ପୁଣି **ଇହିଦିନସ୍ ସିରାତଲ୍ ମୁସ୍ତକିମ୍** ରେ ଏ ନିର୍ଦ୍ଦେଶ ଦିଆଯାଇଅଛି ଯେ ହେ ଅଲ୍ଲାଃ ! ଆମମାନଙ୍କୁ ସଳଖ ଓ ସରଳ ମାର୍ଗରେ ପରିଚାଳିତ କରାଅ । ମନୁଷ୍ୟ ଅଲ୍ଲାଃ ତାଲାଙ୍କଠାରୁ ପ୍ରକୃତ ଜ୍ଞାନ ଭିକ୍ଷା କରୁ କାରଣ ଯଦି ମନୁଷ୍ୟ ଦୁଆ କରି ଅଲ୍ଲାଃ ତାଲାଙ୍କର କୃପା ଓ କରୁଣା ପ୍ରାପ୍ତ ନ କରେ କିମ୍ବା ଯଦି ମନୁଷ୍ୟକୁ ଦୁଆ କରିବାର ସୁଯୋଗ ନ ମିଳେ ତେବେ ବିନିତ ତଥା ଦୁର୍ବଳ ମନୁଷ୍ୟ ଅନ୍ଧକାରରେ କବଳିତ ହୋଇଯିବ । ସେ କୌଣସି ସୁଫଳାଫଳରେ ଉପନୀତ ହୋଇପାରିବ ନାହିଁ । ସେ ଯାହା ହେଉ ନା କାହିଁକି ମନୁଷ୍ୟକୁ ସେହି ଅନ୍ଧକାରରୁ ବାହାରିବାପାଇଁ ଦୁଆ କରିବାକୁ ପଡ଼ିବ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି ଦୀର୍ଘ କାଳ ହେଲା ଅଗ୍ରେଂଜ୍‌ମାନଙ୍କ ଆଇନ କାନୁନରେ ମୁଁ ଏହା ଦେଖିଥିଲି ଯେ ତକାଓ୍ୱି ପାଇଁ କିଛି ଜିନିଷ ଦେଖାଇବା ଆବଶ୍ୟକ

ହୋଇଥାଏ । ତକାଓ୍ୱି ଅର୍ଥାତ ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ଋଣ ଆକାରରେ ଯେଉଁ ସାହାଯ୍ୟ ମିଳିଥାଏ ତାକୁ ତକାଓ୍ୱି କୁହନ୍ତି । ତକାଓ୍ୱି ପାଇଁ କିଛି ଜିନିଷ ଅର୍ଥାତ ଯାହାଠାରୁ ତକ୍‌ଓ୍ୱି ନିଆଯାଉଛି ତାହାକୁ କିଛି ଜିନିଷ ଦେଖାବାକୁ ଆବଶ୍ୟକ ପଡ଼ିଥାଏ । ଯାହାକୁ ଦେଖାଇ ଜମିଦାରମାନେ ସରକାରଙ୍କଠାରୁ ଋଣ ଓ ସାହାଯ୍ୟ ନେଇଥାନ୍ତି । ଏଠାରେ ଲଣ୍ଡନରେ ମଧ୍ୟ ଏହି ଋଣ ବ୍ୟବସ୍ଥାକୁ (Mortgage) କୁହନ୍ତି ଅର୍ଥାତ ପ୍ରଥମେ ନିଜ ତରଫରୁ ସରକାରଙ୍କୁ କିଛି ଅର୍ଥ ଦେବାକୁ ପଡ଼ିଥାଏ କିମ୍ବା ମଝିରେ ଥରେ ଅର୍ଥ ଦେବାକୁ ପଡ଼ିଥାଏ ଅବା କୌଣସି ଜାମିନ୍ ଦେବାକୁ ପଡ଼ିଥାଏ । ଅଥବା କୌଣସି ବସ୍ତୁ ଦେଖାଇବା ଆବଶ୍ୟକ ପଡ଼ିଥାଏ । ସେ ଯାହା ହେଉ ନା କାହିଁକି ବ୍ୟବହାରିକ ରୂପେ କିଛି ନା କିଛି ସରକାରଙ୍କୁ ପ୍ରଦର୍ଶନ କରିବାପାରେ, ଦେଖାଇବା ପରେ ତାହାକୁ ତା'ପରେ ଯାଇ ତକାଓ୍ୱି ମିଳିଥାଏ । ସେହିପରି ପ୍ରକୃତିର ନିୟମ ଆଡ଼କୁ ଏହା ଦୃଷ୍ଟିପାତ କରୁଛି କାରଣ ଆମକୁ ପୂର୍ବେ ଯାହା କିଛି ପ୍ରାପ୍ତ ହୋଇଛି ତାହିଁରୁ ଆମେମାନେ କଣ ପ୍ରସ୍ତୁତ କଲେ । ଯଦି ବୁଦ୍ଧି ଓ ବିବେକ, ଆଖି ଓ କାନ ଥାଇ ତୁମେମାନେ ସାଂସାରିକ ମୋହମାୟାରେ କବଳିତ ହୋଇନାହିଁ ଏବଂ ମୂର୍ଖାମୀ ଓ ପ୍ରଗଳଭତା ଆଡ଼କୁ ଢ଼ଳିନାହିଁ ତେବେ ଦୁଆ କର ଏହା ଦ୍ୱାରା ଆହୁରି ଅଧିକା ଈଶ୍ୱରଙ୍କ କୃପା ମିଳିବ । ଅର୍ଥାତ ଅଲ୍ଲାଃ ତାଲା ଯେଉଁ ପୁରସ୍କାର ମନୁଷ୍ୟକୁ ପ୍ରଦାନ କରିଛନ୍ତି ସେହି ସମସ୍ତ ବସ୍ତୁ ଯଦି ମନୁଷ୍ୟକୁ ପ୍ରାପ୍ତ ହୁଏ ତେବେ ମନୁଷ୍ୟ ସେହି ବସ୍ତୁରୁ ଉପଭୋଗ କରି ତାହାରି ମୋହମାୟାରେ ଭାସିନଯାଇ ଯଦି ଦୁଆ କରେ ତେବେ ସେ ଅଲ୍ଲାଃ ତାଲାଙ୍କ ଅନୁଗ୍ରହତା ଓ ସାନିଧ୍ୟତା ଓ କୃପାର ଅଧିକାରୀ ହୋଇପାରିବ । ଏତଦ୍‌ଭିନ୍ନ ସେ (ଅଲ୍ଲାଃ ତାଲାଙ୍କ କୃପା କିଭଳି ଲାଭ କରିପାରିବ?) ଏହା ତ ତା'ର ଦୁର୍ଭାଗ୍ୟର ଲକ୍ଷଣ ସାବ୍ୟସ୍ତ ହେବ । ***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୨୮-୧୩୧, ଏଡ଼ିଶନ୍ ୧୯୮୪)***

ଯଦି ନେମତ୍ ଅର୍ଥାତ ଐଶି ପୁରସ୍କାରର ସଠିକ୍ ସଦୁପଯୋଗ ନହୁଏ ତେବେ ଦୁଆ ର କୌଣସି ଲାଭ ମିଳିନଥାଏ ବରଂ ମନୁଷ୍ୟ ଭାଗ୍ୟରେ ସର୍ବଦା ବଂଚିତ ରହିବା ଓ ହତଭାଗ୍ୟତା ଯୋଡ଼ି ହୋଇ ରହିଯାଇଥାଏ । ଅତଏବ ଆମମାନଙ୍କୁ ଏହା ଉପରେ ଗଭୀର ଚିନ୍ତନ କରିବା ଓ ଉଦ୍ୟମ କରିବା ଉଚିତ ପ୍ରକୃତିର ନିୟମରେ ଦୁଆ ଗ୍ରହଣୀୟ ହେବାର ନଜିର୍ ଅର୍ଥାତ ଦୃଷ୍ଟାନ୍ତ ମଧ୍ୟ ମହଜୁଦ୍ ରହିଛି । ଅଲ୍ଲାଃ ତାଲା ପ୍ରତ୍ୟେକ ଯୁଗରେ ଜୀବନ୍ତ ଉଦାହରଣ ମଧ୍ୟ ପ୍ରେରଣ କରିଥାନ୍ତି । ଏଣୁ **ଇହିଦିନସ୍ ସିରାତାଲ୍ ମୁସ୍ତକିମ୍- ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ (ଅଲ୍‌ଫାତିହା:୬)** ଦୁଆ କରିବାକୁ ଅଲ୍ଲାଃ ତାଲା ଆମକୁ ଶିକ୍ଷା ଦେଇଛନ୍ତି । ଏହା ହେଉଛି ଅଲ୍ଲାଃ ତାଲାଙ୍କର ଅଭିପ୍ରାୟ ଓ ନିୟମ ଏହି ନିୟମକୁ କେହି ବି ପରିବର୍ତନ କରିପାରିବେ ନାହିଁ । ଇହିଦିନସ୍ ସିରାତଲ୍ ମୁସ୍ତକିମ୍‌ର ଦୁଆ ରୁ ଏହି ଶିକ୍ଷା ମିଳେ ଯେ, ହେ ପ୍ରଭୁ ତୁମ୍ଭେ ଆମ୍ଭମାନଙ୍କର କର୍ମକୁ ଆହୁରି ଉଚ୍ଚ ଓ ସମନ୍ୱତ କର ଏହି ଶବ୍ଦ ଉପରେ ବିଚାର କରିବା ଦ୍ୱାରା ଏହା ଜ୍ଞାତ ହୁଏ ଯେ, ପ୍ରକାଶ୍ୟ ରୂପେ କହିବାକୁ ଗଣେ ଧର୍ମ ବିଧାନର ଇଙ୍ଗିତ କ୍ରମେ ଦୁଆ କରିବାକୁ ଆଦେଶ ଦିଆଯାଇଛି । କିନ୍ତୁ ଏହି ଆୟତ ପୂର୍ବରୁ ଅଲ୍ଲାଃ ତାଲା **ଇୟାକା ନାବୁଦୁ ଓ୍ୱିୟାକା ନସ୍ତଇନ (ଅଲ୍‌ଫାତିହା:୫)** ସମ୍ପର୍କରେ କହିଛନ୍ତି ଆମ୍ଭେମାନେ ତହିଁରୁ ଉପକୃତ ହେବା ଉଚିତ । ସିରାତାଲ୍ ମୁସ୍ତକିମ୍‌ର ଲକ୍ଷ୍ୟ ପାଇଁ ସଂରକ୍ଷିତ ଶକ୍ତିକୁ ବିନିଯୋଗ କରି ଈଶ୍ୱରଙ୍କ ସାହାଯ୍ୟ ଭିକ୍ଷା କରିବା ଉଚିତ । **ଇୟାକା ନାବୁଦୁ ଓ୍ୱିୟାକା ନସ୍ତଇନ** ଆମକୁ ଏହା ଶିକ୍ଷା ଦେଉଅଛି ଯେ, ସିରାତଲ୍ ମୁସ୍ତକିମ୍‌କୁ ପ୍ରାପ୍ତ କରିବାର ଅଛି ତାହେଲେ ଅଲ୍ଲାଃ ତାଲା ତୁମମାନଙ୍କୁ ଯେଉଁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରଛନ୍ତି ତାହାକୁ ବିନିଯୋଗ କର ଓ ଅଲ୍ଲାଃ ତାଲାଙ୍କ ସାହାଯ୍ୟ ଭିକ୍ଷା କର । ଅତଏବ ପ୍ରକାଶ୍ୟମୂଳକ ସାଧନ ଗୁଡ଼ିକର ଆବଶ୍ୟକତା ମଧ୍ୟ ଅତ୍ୟନ୍ତ ଜରୁରୀ ଯେଉଁ ବ୍ୟକ୍ତି ଏହାକୁ ପରିତ୍ୟାଗ କରେ ସେ ହେଉଛି ଉକ୍ତ ପୁରସ୍କାରର ଅମାନ୍ୟକାରୀ । ପୂଣ୍ୟ କରିବାପାଇଁ ଅଲ୍ଲାଃ ତାଲାଙ୍କର ସାହାଯ୍ୟ ଭିକ୍ଷା କରିବା ଉଚିତ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି ଅଲ୍ଲାଃ ତାଲା ଆମମାନଙ୍କୁ ଏଭଳି ଜିହ୍ୱା ଓ ତୁଣ୍ଡ ପ୍ରଦାନ କରିଛନ୍ତି ଯାହା ହୃଦୟର ଭାବ ଆବେଗ ଓ ଇଚ୍ଛା ତଥା ଅଭିଳାଷକୁ ଆମେ ବ୍ୟକ୍ତ କରିଥାଉ । ପୁନଶ୍ଚ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି: ଅଲ୍ଲାଃ ତାଲା ହୃଦୟରେ ବିନୀତ ଓ ବିନମ୍ରତାର ଅବସ୍ଥା ତଥା ଗୁଣ ରଖିଛନ୍ତି । ମନୁଷ୍ୟଠାରେ ଧ୍ୟାନ ତଥା ଚିନ୍ତା କରିବାର ଶକ୍ତି ରଖିଛନ୍ତି । ଅତଏବ ଆମେମାନେ ଯଦି ଏହି ସମସ୍ତ ଶକ୍ତି ଓ ସାମର୍ଥ୍ୟକୁ ପରିତ୍ୟାଗ କରି ଦୁଆ କରୁ ତାହେଲେ ଆମମାନଙ୍କର ଏହି ଦୁଆ କିଭଳି ଫଳପ୍ରଦ ହେବ? କାରଣ ଆମେମାନେ ଯେତେବେଳେ ପୂର୍ବ ପ୍ରଦତ ଶକ୍ତିକୁ ବିନିଯୋଗ କଲୁନାହୁଁ । ସେତେବେଳେ ଅନ୍ୟ ଶକ୍ତିଠାରୁ କିପରି ଲାଭବାନ ହୋଇପାରିବା? **ଇହିଦିନସ୍ ସିରାତାଲ୍ ମୁସ୍ତକିମ୍** ପୂର୍ବରୁ **ଇୟାକା ନାବୁଦୁ ଓ୍ୱିୟାକା ନସ୍ତଇନ** କହି ଆମକୁ ପ୍ରଭୁ ଦର୍ଶାଇଲେ ଯେ, ଆମେମାନେ ତୋର ପୂର୍ବପ୍ରଦତ ଅନୁଦାନ ଓ ଶକ୍ତିକୁ ବ୍ୟର୍ଥ ଓ ନଷ୍ଟ କରିନାହୁଁ । ମନେରଖ ରହ୍‌ମାନିୟତ୍‌ର ବିଶେଷତା ଏହି କି ଯେ ତାହା ମନୁଷ୍ୟକୁ ରହିମିୟତ୍‌ରୁ ଲାଭାନ୍ୱିତ କରିବାରେ ସକ୍ଷମ କରାଇଥାଏ । ଅତଏବ ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ କୁହନ୍ତି: **ଉଦ୍‌ଉନି ଅସ୍‌ତଜିବ୍ ଲକୁମ୍ (ଅଲ୍‌ମୋମିନ୍:୬୧)** ଅର୍ଥାତ ତୁମେମାନେ ମତେ ମାଗ ମୁଁ ତୁମର ସମସ୍ତ ଆବଶ୍ୟକତାକୁ ପରିପୂରଣ କରିବି ତହିଁରେ କେବଳ ଶବ୍ଦର ବର୍ଣ୍ଣନା ହୋଇନାହିଁ ବରଂ ମାନବକି ମୂଲ୍ୟବୋଧ ଏହା ଚାହିଁଥାଏ । ଏଥିରେ ଏହା ଦର୍ଶାଯାଇଛି ଯେ ମାଗିବା ହେଉଛି ମଣିଷର ଗୁଣ ଓ ସ୍ୱୀକାର କରିବା ହେଉଛି ପ୍ରଭୁଙ୍କର ବିଶେଷତା । ଅତଏବ ଯେଉଁ ବ୍ୟକ୍ତିଠାରେ ମାଗିବାର ଗୁଣନାହିଁ ସେହି ବ୍ୟକ୍ତି ହେଉଛି ଅନ୍ୟାୟୀ ଓ ଅତ୍ୟାଚାରୀ ଯେଉଁ ବ୍ୟକ୍ତି ଅଲ୍ଲାଃ ତାଲାଙ୍କୁ ମାଗିବାକୁ କୁଣ୍ଠାବୋଧ କରେ କିମ୍ବା ଉଦ୍ୟମ କରେନାହିଁ ସେହିବ୍ୟକ୍ତି ହେଉଛି ଅତ୍ୟାଚାରୀ । ଅତଏବ ଦୁଆ ହେଉଛି ଏକ ଆନନ୍ଦ ଦାୟକ ଅବସ୍ଥା କିନ୍ତୁ ମତେ ଦୁଃଖ ଲାଗୁଛି ଯେ ମୁଁ କେଉଁ ଶବ୍ଦରେ ଏହି ଆନନ୍ଦ ସମ୍ପର୍କରେ ସଂସାରବାସୀଙ୍କୁ ବୁଝାଇବି । ଦୁଆକୁ ଅନୁଭବ କରିବା ଦ୍ୱାରା ହିଁ ଜଣାପଡ଼ିଥାଏ, ସଂକ୍ଷେପରେ କହିବାକୁ ଗଲେ ଦୁଆ ର ଗୁଣାବଳୀରୁ ସର୍ବପ୍ରଥମେ ଏହା ଜରୁରୀ ଯେ, ମନୁଷ୍ୟ ନିଜ ମଧ୍ୟରେ ପୂଣ୍ୟକର୍ମ ଓ ପୂର୍ଣ୍ଣ ଆସ୍ଥା ସୃଷ୍ଟି କରୁ କାରଣ ଯେଉଁ ବ୍ୟକ୍ତି ନିଜ ମଧ୍ୟରେ ନିଜ ଅନ୍ତରରେ ପ୍ରଭୁଙ୍କ ପ୍ରତି ଥିବା ଆସ୍ଥାକୁ ସଂଶୋଧନ କରେନାହିଁ ଓ ପୂଣ୍ୟକର୍ମ କରେନାହିଁ, ସେ କେବଳ ଦୁଆ କରେ, ତାହେଲେ ସେହି ବ୍ୟକ୍ତି ପ୍ରଭୁଙ୍କର ପରୀକ୍ଷା ନେଇଥାଏ । ଅତଏବ **ଇହିଦିନସ୍ ସିରାତାଲ୍ ମୁସ୍ତକିମ୍‌**ର ଦୁଆରେ ଏହି କଥା ଯଥାର୍ଥ ରହିଛି ଯେ ଆମେ ଆମମାନଙ୍କର କର୍ମକୁ ଉତମ ଶୃଙ୍ଖଳ ଓ ଉତ୍କୃଷ୍ଟ କରି ଗଢ଼ି ତୋଳିବା ଉଚିତ ଏବଂ **ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍** ରେ ଅଲ୍ଲାଃ ତାଲା ଆହୁରି ସ୍ପଷ୍ଟ କରିଦେଲେ ଯେ, ଆମେମାନେ ସେହିଭଳି ମାର୍ଗଦର୍ଶନର ଅଭିଳାଷି ଯେଉଁ ମାର୍ଗଟି ହେଉଛି ପୁରସ୍କୃତ ଗୋଷ୍ଠୀଙ୍କର ମାର୍ଗ ତେଣୁ ଆମମାନଙ୍କୁ ବିପଥଗାମୀ ମାର୍ଗରୁ ରକ୍ଷା କର, ଯେଉଁ ବିଧର୍ମୀ ଓ ବିପଦଗାମୀ ଲୋକମାନେ ତୁମ ସାହାଯ୍ୟ ଓ ସହଯୋଗ ବିନା ମାର୍ଗଭ୍ରଷ୍ଟ ହୋଇଯାଇଛନ୍ତି । ***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୯୯-୨୦୦, ଏଡ଼ିଶନ୍ ୧୯୮୪)***

ଅତଏବ ଅଲ୍ଲାଃ ତାଲାଙ୍କ ନିକଟରେ ଏହି ପ୍ରାର୍ଥନା କରିବା ଉଚିତ ଯେ, ହେ ପ୍ରଭୁ! ତୁମେ ଏହି କୁକର୍ମୀ ମାର୍ଗଭ୍ରଷ୍ଟିଙ୍କଠାରୁ ଆମକୁ ରକ୍ଷା କର, ଆମକୁ ବଂଚାଅ ତେଣୁ ଏହି ଦୃଷ୍ଟିକୋଣରୁ ଆଖି ଆଗରେ ରଖି ଯଦି ଆମେମାନେ ସୁରଃ ଫାତିହା ପାଠ କରୁ ତାହେଲେ ଏହିପରି ଦୁଆ କରିବା ଉଚିତ ଅର୍ଥାତ ହେ ପ୍ରଭୁ! ଆମେମାନେ ତୁମର ସାହାଯ୍ୟ ବିନା ମାର୍ଗଭ୍ରଷ୍ଟ ହୋଇଯିବୁ ତେଣୁ ଆମମାନଙ୍କୁ ଉଦ୍ଧାର କର ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପୁନଶ୍ଚ ଦୁଆ ର ଆବଶ୍ୟକତା ଓ ପ୍ରାସଙ୍ଗିକତା ପ୍ରସଙ୍ଗରେ ଅଧିକ ଚର୍ଚ୍ଚା କରି କୁହନ୍ତି: ଶୁଣ ଦୁଆ ସମ୍ପର୍କରେ ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍ ରେ ନିର୍ଦ୍ଦେଶ ଦେଇଛନ୍ତି ଯେ "ଶୁଣ! ସେହି ଦୁଆ ଯାହା ପାଇଁ **ଉଦ୍‌ଉନି ଅସ୍‌ତଜିବ୍ ଲକୁମ୍ (ମୋମିନ୍:୬୧)** କୁହାଯାଇଛି ଅର୍ଥାତ ତୁମେ ମତେ ଡ଼ାକ ମୁଁ ତୁମକୁ ଉତର ଦେବି । ଏଥିପାଇଁ ଆନ୍ତରିକ ସ୍ପୃହା ଆବଶ୍ୟକ ଯଦି ଏହି ବିନିତ ଓ ବିନମ୍ରତାର ଆନ୍ତରିକ ସ୍ପୃହା ନାହିଁ ତାହେଲେ ଏହା ମାତ୍ର ଟେଁ ଟେଁ କରିବାଠାରୁ କିଛି କମ୍ ନୁହେଁ । ଜଣେ କହିପାରିବ ଯେ ସାଧନ ଓ ଜରିଆର ଆବଶ୍ୟକ ନାହିଁ ତାହେଲେ ଏହା ହେଉଛି ତା'ର ଭ୍ରାନ୍ତ ଧାରଣା । ଇସ୍‌ଲାମ୍ ଧର୍ମ ବିଧାନ ଅର୍ଥାତ ଶରିୟତ୍ ସାଧନକୁ ବାରଣ କରିନାହିଁ । ପ୍ରକୃତରେ କହିବାକୁ ଗଲେ କ'ଣ ଦୁଆ ସାଧନ ନୁହେଁ? କିମ୍ବା ସାଧନ ଦୁଆ ନୁହେଁ? ସାଧନର ସନ୍ଧାନ ହେଉଛି ସ୍ୱୟମ ଏକ ଦୁଆ ଓ ଦୁଆ ହେଉଛି ସ୍ୱୟମ ମହାନ୍ ସାଧନ । ମନୁଷ୍ୟର ଶାରିରୀକ ଗଠନ, ତାହାର ଦୁଇ ହସ୍ତ ଦୁଇ ଗୋଡ଼ର ଆକୃତି ପରସ୍ପରକୁ ସାହାଯ୍ୟ କରିବା ପାଇଁ ଏକ ପ୍ରକୃତିଗତ ମାର୍ଗଦର୍ଶକ । ଅତଏବ ମନୁଷ୍ୟ ମଧ୍ୟରେ ଯଦି ଏହି ଦୃଶ୍ୟ ବିଦ୍ୟମାନ ତାହେଲେ ଏଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି ଯେ **ତାଆଓ୍ୱନୁ ଅଲଲ୍ ବିର୍‌ରି ଓ୍ୱତ୍‌ତକ୍‌ଓ୍ୱା (ଅଲ୍ ମାଇଦାଃ:୩)** ଅର୍ଥାତ ତୁମେମାନେ ପୂଣ୍ୟକର୍ମ ଓ ଧର୍ମ ପରାୟଣତାରେ ପରସ୍ପରକୁ ସାହାଯ୍ୟ କର ଏକଥା ବୁଝିବାରେ କୌଣସି ସମସ୍ୟା ନାହିଁ ।

ହଁ ମୁଁ ଏହା କୁହେ ଯେ, ତୁମେ ଦୁଆ ମାଧ୍ୟମରେ ସାଧନକୁ ସନ୍ଧାନ କର । ପରସ୍ପରକୁ ସାହାଯ୍ୟ କରିବା କ୍ଷେତ୍ରରେ । ମୁଁ ଏହା ଭାବେନାହିଁ ଯେ, ଯେତେବେଳେ ମୁଁ ତୁମ ଶରୀରରେ ଅଲ୍ଲାଃ ତାଲାଙ୍କ ଦ୍ୱାରା ଏକ ନିର୍ଦ୍ଧାରିତ ପରମ୍ପରାର ଓ ପୂର୍ଣ୍ଣ ମାର୍ଗଦର୍ଶକର ପରମ୍ପରାକୁ ଅବଲୋକନ କରାଇବି ତୁମେ ତହିଁ ପ୍ରତି ବିମୁଖତା ପ୍ରଦର୍ଶନ କର । ଅଲ୍ଲାଃ ତାଲା ସାଧନକୁ ସ୍ପଷ୍ଟ ଓ ବିସ୍ତୃତ ଭାବରେ ସଂସାରବାସୀଙ୍କ ସମ୍ମୁଖରେ ବର୍ଣ୍ଣନା କରି, ଓ ଏହାକୁ ବୁଝାଇବାକୁ ଯାଇ ଅବତାରମାନଙ୍କର ଏକ ପରମ୍ପରା ଏ ପୃଥିବୀରେ ସ୍ଥାପନ କରିଛନ୍ତି । ଅର୍ଥାତ ଲୋକମାନଙ୍କ ମାର୍ଗ ଦର୍ଶନ ନିମନ୍ତେ ପ୍ରଭୁ ଅବତାରମାନଙ୍କୁ ପ୍ରେରଣ କରିବା ଏହାର ଏକ ଦୃଷ୍ଟାନ୍ତ । ଅଲ୍ଲାଃ ତାଲା ସର୍ବଶକ୍ତିମାନ ସେ ଯଦି ଚାହିଁବେ ତାହେଲେ କୌଣସି ପ୍ରକାରର ସାହାଯ୍ୟ ଓ ସହଯୋଗର ଆବଶ୍ୟକତା ସେହି ରସୁଲ୍‌ମାନଙ୍କ ପାଇଁ ପଡ଼ିନଥାନ୍ତା । କିନ୍ତୁ ଏପରି ଏକ ସମୟ ଆସିଥାଏ ଯେଉଁଠି ସେହି ଅବତାରମାନେ କୁହନ୍ତି: **ମନ୍ ଅନ୍‌ସାରୀ ଇଲଲ୍ଲାହ୍ (ସଫ୍:୧୫)** ଅର୍ଥାତ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ କେଉଁ ଲୋକମାନେ ମୋର ସାହାଯ୍ୟକାରୀ ଅଟନ୍ତି । କଣ ସେମାନେ ଏକ ଭିକ୍ଷୁକ ପରି ଆର୍ତନାଦ କରନ୍ତି? ନା **ମନ୍ ଅନ୍‌ସାରୀ ଇଲଲ୍ଲାହ୍** କହିବାର ମଧ୍ୟ ଏକ ଯଥାର୍ଥ ରହିଛି । ସେହି ଅବତାରମାନେ ସଂସାରବାସୀଙ୍କୁ ସାଧନ ସମ୍ପର୍କରେ ଶିକ୍ଷା ଦେବାକୁ ଇଚ୍ଛା ପ୍ରକାଶ କରନ୍ତି । ଏହି ସାଂସାରିକ ବସ୍ତୁ ଯାହାକୁ ଉପଲବ୍ଧ କରାଇବା ମଧ୍ୟ ଆବଶ୍ୟକ ଏହା ପ୍ରାର୍ଥନାର ଏକ ଅଂଶ ବିଶେଷ । ଅନ୍ୟଥା ଅଲ୍ଲାଃ ତାଲାଙ୍କ ଉପରେ ସେହି ଅବତାରମାନଙ୍କର ପୂର୍ଣ୍ଣ ବିଶ୍ୱାସ ରହିଥାଏ । ତାହା ପ୍ରତିଶୃତି ଉପରେ ପୂର୍ଣ୍ଣ ଆସ୍ଥା ରହିଥାଏ । ସେମାନେ ଏହା ଜାଣିଛନ୍ତି ଯେ, ଅଲ୍ଲାଃ ତାଲାଙ୍କର ଯେଉଁ ପ୍ରତିଶୃତି ରହିଛି, **ଇନ୍ନା ଲନନ୍‌ସୁରୁ ରୁସୁଲନା ଓ୍ୱଲଲଜିନା ଆମନୁ ଫିଲ୍ ହୟାତିଦ୍ ଦୁନୟା (ଅଲ୍ ମୁମିନ୍:୫୨)**ଅର୍ଥାତ ଆମ୍ଭେ ଆମ୍ଭ ରସୁଲ୍‌ମାନଙ୍କୁ ଓ ସେମାନଙ୍କ ଉପରେ ବିଶ୍ୱାସ ସ୍ଥାପନ କରିଥିବା ଲୋକମାନଙ୍କୁ ନିଶ୍ଚୟ ଏହି ସଂସାରରେ ମଧ୍ୟ ସାହାଯ୍ୟ କରିବୁ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ. କୁହନ୍ତି ଏହା ଅଲ୍ଲାଃ ତାଲାଙ୍କର ଅକାଟ୍ୟ ପ୍ରତିଶୃତି । ମୁଁ କହୁଛି ଯେ, ଭଲା ଈଶ୍ୱର ଯଦି କୌଣସି ବ୍ୟକ୍ତିର ହୃଦୟରେ ସାହାଯ୍ୟ କରିବାର ଭାବନା ଉଦ୍ରେକ ନ କରିବେ ତାହେଲେ କିଏ କାହିଁକି ସାହାଯ୍ୟ କରିପାରିବ" । ***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୬୮-୧୬୯, ଏଡ଼ିଶନ୍ ୧୯୮୪)***

ଅତଏବ ଅବତାରମାନଙ୍କୁ ମଧ୍ୟ ସାଧନ ଓ ମାଧ୍ୟମର ଆବଶ୍ୟକତା ପଡ଼ିଥାଏ କିନ୍ତୁ ସାହାଯ୍ୟ ପାଇଁ ସେହି ଅବତାରମାନେ ଅଲ୍ଲାଃ ତାଲାଙ୍କ ସମ୍ମୁଖରେ ନତମସ୍ତକ ହୁଅନ୍ତି ଯଦ୍ୱାରା ଅଲ୍ଲାଃ ତାଲା ସେମାନଙ୍କୁ ସାଧନ ଓ ମାଧ୍ୟମ ମଧ୍ୟ ଉପଲବ୍ଧ କରାଇଦେଇଥାନ୍ତି । ଅତଏବ ଅଲ୍ଲାଃ ତାଲା ଲୋକମାନଙ୍କ ହୃଦୟରେ ଅବତାରମାନଙ୍କୁ ସାହାଯ୍ୟ କରିବା ପ୍ରତି ଭାବନା ଉଦ୍ରେଗ କରନ୍ତି ଓ ଏହି ସାହାଯ୍ୟକାରୀମାନେ ସେହି ଅବତାରମାନଙ୍କର

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

# : ଖୁତ୍‌ବା ଜୁମା :

ରସୁଲୁଲ୍ଲାଃ ସ:ଆ:ସ କହିଛନ୍ତି: ଅଲ୍ଲାଃ ତାଲା ସତ୍ୟକୁ ଉମର ର:ଅଙ୍କ ମୁଖ ଓ ହୃଦୟରେ ସ୍ଥାପନ କରିଦେଲେ ଏବଂ ସେ ହେଉଛନ୍ତି ''ଫାରୁକ୍''
କାରଣ ଅଲ୍ଲାଃ ତାଲା ତାଙ୍କ ଜରିଆରେ ସତ୍ୟ ଓ ମିଥ୍ୟା ମଧ୍ୟରେ ଫରକ କରିଦେଲେ ।

## ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ୍ ପଦମର୍ଯ୍ୟାଦାଧାରୀ ଦ୍ୱିତୀୟ ଖଲିଫା ରାଶିଦ୍ ଫାରୁକ୍ ଆଜମ୍, ହଜ୍‌ରତ୍ ଉମର୍ ବିନ୍ ଖତାବ୍ ର:ଅଙ୍କ ଗୁଣ ଗାରିମାର ବର୍ଣ୍ଣନା

ହଜ୍‌ରତ୍ ଆଇଶା ର:ଅ ବର୍ଣ୍ଣନା କରିଛନ୍ତି ଯେ ନବୀ କରିମ୍ ସ:ଆ:ସ କହିଲେ: ଅଲ୍ଲାହୁମ୍ମା ଅଇଜଲ୍ ଇସ୍‌ଲାମା ବିଉମର ଇବ୍‌ନୁଲ୍ ଖତାବି ଖାସାଃ
ଅର୍ଥାତ ହେ ଅଲ୍ଲାଃ ! ବିଶେଷରୂପେ ଉମର ବିନ୍ ଖତାବ୍‌ଙ୍କ ଜରିଆରେ ଇସ୍‌ଲାମ୍‌କୁ ସମ୍ମାନ ପ୍ରଦାନ କର ।

ଯେବେ ହଜ୍‌ରତ୍ ଉମର୍ ର:ଅ ଇସ୍‌ଲାମ୍ ଗ୍ରହଣ କଲେ, ସେତେବେଳେ ହଜ୍‌ରତ୍ ଜିବ୍ରାଇଲ୍ ଆ:ସ ଅବତୀର୍ଣ୍ଣ ହୋଇ କହିଲେ ହେ ମୁହମ୍ମଦ
ସ:ଆ:ସ ! ଉମରଙ୍କ ଇସ୍‌ଲାମ୍ ଗ୍ରହଣ କରିବା ଯୋଗୁଁ ଆକାଶଲୋକ ଖୁସି ଅଛନ୍ତି ।

ଛଅ ଜଣ ମରହୁମୀନ୍ ମୋକରମ୍ ଅହ୍‌ମଦ୍ ମୁହମ୍ମଦ୍ ଉସ୍‌ମାନ୍ ଶବୁତି ସାହେବ୍ ସଦର ଯମାତ୍ ଅହେମଦୀୟା ଅମନ୍, ମୋକରମ୍ କୁରୈଶି ଜକାଉଲ୍ଲାଃ
ସାହେବ ଆକାଉଟାଂଟ୍ ଦଫ୍‌ରତ୍ ଜଲ୍‌ସା ସାଲାନା, ମୋକରମ୍ ମଲକ୍ ଖାଲିକ୍ ଦାଦ୍ ସାହେବ କାନାଡ଼ା, ମୋକରମ୍ ମୁହମ୍ମଦ୍ ସଲିମ୍ ସାବିର୍ ସାହେବ୍
କାର୍‌କୁନ୍ ନିଜାରତ୍ ଉମୁରେ ଆମା, ମୋହ୍‌ତରମା ନଇମା ଲତିଫ୍ ସାହିବା ପତ୍ନୀ ସାହବ୍‌ଜାଦା ମେହ୍‌ଦୀ ଲତିଫ୍ ସାହେବ୍ ଆଫ୍ ଆମେରୀକା ଏବଂ
ମୋହ୍‌ତରମା ସଫିୟା ବେଗମ୍ ସାହିବା ପତ୍ନୀ ମୁହମ୍ମଦ୍ ଶିରଫ୍ ସାହେବ୍ ଅଫ୍ କାନାଡ଼ାଙ୍କର ଉତମ
ଗୁଣାଗାରିମାର ବର୍ଣ୍ଣନା ଏବଂ ନମାଜ ଯନାଜାଃ ଗାଏବ୍ ପାଠ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍: ୨୩ ଏପ୍ରିଲ୍ ୨୦୨୧ ଅନୁଯାୟୀ ୨୩ ଶାହାଦତ୍ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ମୁଁ ଆଜି ହଜ୍‌ରତ୍ ଉମର୍ ବିନ୍ ଖତାବ୍ ର:ଅଙ୍କ ସମ୍ପର୍କରେ ଚର୍ଚ୍ଚା କରିବି । ହଜ୍‌ରତ୍ ଉମର୍ ର:ଅଙ୍କ ସମ୍ପର୍କ ବନୁ ଅଦି ବିନ୍ କାଆବ୍ ବିନ୍ ଲୁଇ ସହିତ ଥିଲା । ତାଙ୍କ ପିତାଙ୍କ ନାମ ଖତାବ୍ ବିନ୍ ନଫୀଲ୍ ଏବଂ ମାତାଙ୍କ ନମା ହନ୍ତମା ବିନ୍‌ତେ ହାଶିମ୍ ଥିଲା । ଏହିପରି ଆପଣଙ୍କ ମାତା ଅବୁ ଜୈହଲ୍‌ର ଚଚା ଝିଅ ଭଗିନୀ ଥିଲେ ଏବଂ ତାଙ୍କ ନାମ ଗୋଟିଏ ବର୍ଣ୍ଣନା ଅନୁଯାୟୀ ହନ୍ତମା ବିନ୍‌ତେ ହୁଶାମ୍ ଥିଲା । ଏ ଆଧାରରେ ସେ ଅବୁଜହଲ୍‌ଙ୍କ ଭଉଣୀ ହେଉଛନ୍ତି କିନ୍ତୁ ଏହି ବର୍ଣ୍ଣନା ସ୍ୱୀକାର ଯୋଗ୍ୟ ନୁହେଁ କାରଣ ସର୍ବସାଧାରଣରେ ଏହା ସ୍ୱୀକାର ଯୋଗ୍ୟ ନୁହେଁ । ଅବୁ ଉମର୍ କୁହନ୍ତି ଯିଏ ଏକଥା କହୁଛି ଯେ ସେ ଅବୁ ଜହଲ୍‌ର ଭଗିନୀ ଥିଲେ ତେବେ ସେ ତ୍ରୁଟି କରିଛି ଯଦି ଏପରି ହୋଇଥାଆନ୍ତ ତାହେଲେ ସେ ଅବୁ ଜହଲ୍ ଏବଂ ହାରିସ୍‌ଙ୍କର ଭଗିନୀ ହୋଇଥାନ୍ତେ କିନ୍ତୁ ବାସ୍ତବରେ ଏପରି ନୁହେଁ । ସେ ଏହି ଦୁଇଜଣଙ୍କ ଚାଚାଙ୍କର ଝିଅ ଥିଲେ । ସେମାନଙ୍କ ଚାଚାଙ୍କ ନାମ ହାଶିମ୍ ଥିଲା ।

*(ଅଲ୍‌ଅସାବାଃ....... ଖଣ୍ଡ-୪, ପୃ-୪୮୪.......... ବେରୁତ ୨୦୦୫)*
*(ଉସଦୁଲ୍ ଗାବାଃ........ ଖଣ୍ଡ-୪, ପୃ-୧୩୮.......... ବେରୁତ ୨୦୦୩)*

ହଜ୍‌ରତ୍ ଉମର୍ ର:ଅଙ୍କ ଜନ୍ମ ତାରିଖ ସମ୍ପର୍କରେ ଅନେକ ବର୍ଣ୍ଣନା ଉଲ୍ଲେଖ ରହିଛି ଉଦାହରଣ ସ୍ୱରୁପ ଗୋଟିଏ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ଉମର୍ ର:ଅ ସର୍ବବୃହତ ଯୁଦ୍ଧ ଚାରିବର୍ଷ ପୂର୍ବେ କିମ୍ବା ଅନ୍ୟ ଏକ ବର୍ଣ୍ଣନାନୁସାରେ ଚାରି ବର୍ଷ ପରେ ଜନ୍ମଗ୍ରହଣ କରିଥିଲେ । ଆଉ ଏକ ବର୍ଣ୍ଣନାରେ ଆପଣ ର:ଅଙ୍କ ଜନ୍ମ ଆମୁଲ୍ ଫିଲ୍‌ର ତେର ବର୍ଷ ପରେ ହୋଇଥିବାର ବର୍ଣ୍ଣନା ମିଳୁଛି । *(ତାରିଖେ ଦମଶ୍‌କ.... ଖଣ୍ଡ-୪୭, ପୃ-୪୫.....ବେରୁତ ୨୦୦୧) (ଅଲ୍‌ଅସାବାଃ....... ଖଣ୍ଡ-୪, ପୃ-୪୮୪.......... ବେରୁତ ୨୦୦୫) (ଇଟ୍‌ଲସ୍ ସିରତ୍ ନବୱି ସ:ଆ:ସ ପୃ-୧୦୨.... ରିୟାଜ୍ ୧୪୨୪ ହିଜ୍‌ରୀ)* ଆମୁଲ୍ ଫିଲ୍ ୫୭୦ ଖ୍ରୀଷ୍ଟାବ୍ଦର ଘଟଣା । ତାହାର ତେର ବର୍ଷ ପରେ ହିସାବ କଲେ ହଜ୍‌ରତ୍ ଉମର୍ ର:ଅଙ୍କ ଜନ୍ମ ୫୮୩ ମସିହା ହେଉଛି । ତୃତୀୟରେ ଆଉ ଏକ ବର୍ଣ୍ଣନା ଏପରି ରହିଛି ଯେ, ହଜ୍‌ରତ୍ ଉମର୍ ର:ଅ ଛଅ ନବୱୀ ବର୍ଷ ଯେତେବେଳେ ଆପଣଙ୍କୁ ୨୬ ବର୍ଷ ହୋଇଥିଲା ଇସ୍‌ଲାମ୍ ଧର୍ମ ଗ୍ରହଣ କରିଥିଲେ ।

*(ତବକାତୁଲ୍ କୁବ୍‌ରା... ଖଣ୍ଡ-୩, ପୃ-୨୦୪.....ବେରୁତ ୧୯୯୦)*
*(ଇଟ୍‌ଲସ୍ ସିରତ୍ ନବୱି ସ:ଆ:ସ ପୃ-୭୫.... ରିୟାଜ୍ ୧୪୨୪ ହିଜ୍‌ରୀ)*

ଅତଏବ ଏହି କ୍ରମରେ ହଜ୍‌ରତ୍ ଉମର୍ ର:ଅଙ୍କ ଜନ୍ମ ବର୍ଷ ହେଉଛି ୫୯୦ ଖ୍ରୀ.ଅ । ଅନ୍ୟ ଏକ ବର୍ଣ୍ଣନାରେ ହଜ୍‌ରତ୍ ଉମର୍ ର:ଅ ଯେତେବେଳେ ଜନ୍ମଗ୍ରହଣ କରିଥିଲେ ସେତେବେଳେ ହଜୁର ସ:ଆ:ସଙ୍କୁ ୨୧ ବର୍ଷ ହୋଇଥିଲା ।

*(ତାରିଖୁଲ୍ ଖମିସ୍..... ଖଣ୍ଡ-୧, ପୃ-୨୫୯...... ଶାବାନ୍ ବେରୁତ)*

ହଜ୍‌ରତ୍ ଉମର୍ ର:ଅଙ୍କ ଉପନାମ ଅବୁ ହଫସ୍ ଥିଲା ।

*(ଅଲ୍‌ଅସାବାଃ....... ଖଣ୍ଡ-୪, ପୃ-୪୮୪...... ବେରୁତ ୨୦୦୫)*

ହଜ୍‌ରତ୍ ଇବ୍‌ନେ ଅବ୍‌ବାସ୍ ର:ଅ କୁହନ୍ତି ବଦର ଯୁଦ୍ଧ ଦିନ ହଜୁର ସ:ଆ:ସ ନିଜ ସାହାବାମାନଙ୍କୁ କହିଲେ, ମତେ ଖବର ମିଳିଛି ଯେ, ବନୁ ହାସିମ୍ ଓ ଅନ୍ୟ କିଛି ଲୋକେ ବାଧ ହୋଇ କୁରୈଶ୍‌ଙ୍କ ସାଥିରେ ଆସିଛନ୍ତି । ବାସ୍ତବରେ ସେମାନେ ଆମ ସହ ଲଢ଼ିବାକୁ ଚାହାନ୍ତି ନାହିଁ । ସୁତରାଂ ତୁମମାନଙ୍କ ମଧ୍ୟରୁ ଯେ କେହି ବନୁ ହାସିମ୍‌ର କୌଣସି ବ୍ୟକ୍ତି ସହ ମୁହାଁ ମୁହିଁ ହୁଅ ତେବେ ତାହାକୁ ହତ୍ୟା କରିବନାହିଁ । କାରଣ ସେ ବାଧ ହୋଇ ଯୁଦ୍ଧରେ ସାମିଲ ହୋଇଛନ୍ତି । ଯଦି କେହି ଅବୁଲ୍ ବଖ୍‌ତରି ସହ ମିଳେ ତେବେ ତାହାକୁ ମଧ ହତ୍ୟା କରିବନାହିଁ । ଯଦି କିଏ ଅବ୍‌ବାସ ବିନ୍ ଅବ୍‌ଦୁଲ୍ ମୁତଲିବ୍‌ଙ୍କ ସହ ଭେଟେ ତେବେ ତାଙ୍କୁ ମଧ ହତ୍ୟା କରିବନାହିଁ କାରଣ ଏମାନେ ବାଧ ବାଧକତାରେ ଯୁଦ୍ଧରେ ଯୋଗ ଦେଇଛନ୍ତି । ହଜ୍‌ରତ୍ ଇବ୍‌ନେ ଅବ୍‌ବାସ କୁହନ୍ତି ହଜ୍‌ରତ୍ ଅବୁ ହୁଜୈଫା ବିନ୍ ଉତ୍‌ବା କହିଲେ, ଆମେ ନିଜ ପିତା, ଭାଇ, ପୁତ୍ର ତଥା ବନ୍ଧୁବାନ୍ଧବଙ୍କୁ ତ ହତ୍ୟା କରିବୁ କିନ୍ତୁ ଅବ୍‌ବାସକୁ ଛାଡ଼ିଦେବୁ ! ପରମେଶ୍ୱରଙ୍କ ରାଣ ଯଦି ମୁଁ ଅବ୍‌ବାସକୁ ହତ୍ୟା କରିବାର ସୁଯୋଗ ପାଏ ତେବେ ନିଶ୍ଚିତରୂପେ ତାହାକୁ ହତ୍ୟା କରିଦେବି । ବର୍ଣ୍ଣନାକାରୀ କୁହନ୍ତି ଏକଥା ଯେତେବେଳେ ହଜୁର ସ:ଆ:ସ ଜାଣିଲେ ସେତେବେଳେ ଆପଣ ସ:ଆ:ସ ହଜ୍‌ରତ୍ ଉମର୍ ର:ଅଙ୍କୁ କହିଲେ, ହେ ଅବୁ ହଫ୍‌ସା ! ହଜ୍‌ରତ୍ ଉମର୍ ର:ଅ କୁହନ୍ତି ଅଲ୍ଲାଃଙ୍କ ରାଣ ! ଏହା ପୂର୍ବରୁ ହଜୁର ସ:ଆ:ସ ମତେ ଏହି ନାମରେ ସମ୍ବୋଧିତ କରିନଥିଲେ । ଅର୍ଥାତ ଏପରି ନାମରେ ଡ଼ାକିନଥିଲେ ଏହା ପୂର୍ବରୁ କଦାପି ଏପରି ନାମରେ ସମ୍ବୋଧନ କରିନଥିଲେ । ସେ ଯାହା ହେଉ ହଜୁର ସ:ଆ:ସ କହିଲେ କ'ଣ ରସୁଲୁଲ୍ଲାଃ ସ:ଆ:ସଙ୍କ ଚଚାଙ୍କ ଚେହେରାକୁ ଖଡ୍‌ଗରେ କ୍ଷତବିକ୍ଷତ କରାଯିବ ? ହଜ୍‌ରତ୍ ଉମର୍ ର:ଅ ପ୍ରତ୍ୟୁତରରେ କହିଲେ, ହେ ଅଲ୍ଲାଃଙ୍କ ରସୁଲ ! ମତେ ଅନୁମତି ପ୍ରଦାନ କରନ୍ତୁ ମୁଁ ଏପରି କହୁଥିବା ବ୍ୟକ୍ତିର ଶୀରଚ୍ଛେଦ କରି ଆସିବି । ପ୍ରଭୁଙ୍କ ରାଣ ! ଅବୁ ହୁଜୈଫା କପଟତା ପ୍ରଦର୍ଶନ କରିଛନ୍ତି । ଅବୁ ହୁଜୈଫା କୁହନ୍ତି ସେହି କଥନ ଯୋଗୁଁ ଯାହାକି ମୁଁ ସେହିଦିନ କହିଥିଲି, କୌଣସି ଦିନ ଶାନ୍ତିରେ କାଟିନାହିଁ କେବଳ ଏଥିରେ ଆଶ୍ୱସ୍ତ ଥିଲି ଯେ, ସମ୍ଭବତଃ ମୋର ଶହୀଦ ହେବା ଦ୍ୱାରା ମୁଁ ସେହି ଦୋଷରୁ ମୁକ୍ତି ଲାଭ ପାଇବି । ଅତଏବ ହଜ୍‌ରତ୍ ଅବୁ ହୁଜୈଫା ର:ଅ ଯମାମା ଯୁଦ୍ଧରେ ଶହୀଦ ହୋଇଯାଇଥିଲେ ।

*(ସିରତ୍ ଇବ୍‌ନେ ହୁଶାମ୍ ପୃ-୪୨୯.... ବେରୁତ ୨୦୦୧)*

ହଜ୍‌ରତ୍ ଆଇଶା ର:ଅ ବର୍ଣ୍ଣନା କରୁଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଉମର୍ ର:ଅଙ୍କୁ "ଫାରୁକ୍"ର ଲକବ (ଆଖ୍ୟା) ଦେଇଥିଲେ ।

*(ଉସଦୁଲ୍ ଗାବାଃ.... ଖଣ୍ଡ-୪, ପୃ-୧୪୩...... ବେରୁତ ଲେବ୍‌ନାନ୍)*

ଏହି ଆଖ୍ୟା ମିଳିବାର ପଛରେ କଣ କାରଣ ଥିଲା ? ତା' ପରେ ଏ ରିୱାୟତ ମିଳୁଅଛି ଯେ, ଏକଦା ହଜ୍‌ରତ୍ ଇବ୍‌ନେ ଅବ୍‌ବାସ ର:ଅ ହଜ୍‌ରତ୍ ଉମର୍ ର:ଅଙ୍କୁ ପ୍ରଶ୍ନ କଲେ ଯେ, ଆପଣଙ୍କର ଲକବ୍ ଫାରୁକ୍ କିପରି ହେଲା ? ହଜ୍‌ରତ୍ ଉମର୍ ର:ଅ କହିଲେ, ହଜ୍‌ରତ୍ ହମ୍‌ଜା ର:ଅ ମୋ ତିନି ଦିନ ପୂର୍ବରୁ ଇସ୍‌ଲାମ୍ ଧର୍ମ ଗ୍ରହଣ କରିଥିଲେ । ମୁଁ ସଂଯୋଗବସତଃ ମସ୍‌ଜିଦ୍ ହରାମ୍ ଆଡ଼କୁ ଯାଉଥିଲି ସେତିକି ବେଳେ ଅବୁ ଜହଲ୍ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଗାଳି ଦେଉଥିଲା । ଯେତେବେଳେ ହଜ୍‌ରତ୍ ହମ୍‌ଜା ର:ଅ ଏ ବିଷୟ ଜାଣିଲେ, ସେ ନିଜର କମାଣ ଧରି ଖାନାକାବାରେ ପହଂଚିଲେ । ସେଠାରେ କୁରୈଶ୍‌ଙ୍କ ମେଳରେ ଅବୁ ଜହଲ୍ ବସିଥିଲା । ହଜ୍‌ରତ୍ ହମ୍‌ଜାଙ୍କ କ୍ରୋଧକୁ ଜାଣିପାରି ଅବୁ ଜହଲ୍ କହିଲା କଣ କଥା ? ଏହା ଶୁଣିବା କ୍ଷଣି ହଜ୍‌ରତ୍

ହମ୍‌ଜା ନିଜର କମାଣକୁ ଏତେ ଜୋର୍‌ରେ ତା ଗାଲରେ ମାରିଲେ ଯେ ତାହା କଟିଗଲା ଓ ରକ୍ତ ବାହାରିଲା । ତାଙ୍କର ଏପରି କ୍ରୋଧକୁ ଦେଖି ଭୟରେ କୁରେଶମାନେ ଏହି ଝଗଡ଼ା ସମାଧାନ କରିଦେଲେ ।

ହଜରତ୍ ଉମର୍ ଏହି ଘଟଣା ସମ୍ବନ୍ଧରେ ବର୍ଣ୍ଣନା କରି କୁହନ୍ତି:- ଏହି ଘଟଣା ପରେ ମୁଁ ତୃତୀୟ ଦିନ ବାହାରକୁ ବାହାରିଥିଲି ବାଟରେ ବନୁ ମଖ୍‌ଜୁମ୍ ସମ୍ପ୍ରଦାୟର ଜଣେ ବ୍ୟକ୍ତିଠାରୁ ଜାଣିବାକୁ ପାଇଲି ଯେ ମୋର ଭଉଣୀ ଓ ଭିଣୋଇ ଇସ୍‌ଲାମ୍ ଧର୍ମ ଗ୍ରହଣ କରିନେଇଛନ୍ତି । ଫଳତଃ ମୁଁ ନିଜ ଭଉଣୀଙ୍କ ଘରକୁ ଗଲି ଯେଉଁଠାରେ ମୁଁ ସେମାନଙ୍କୁ କିଛି ଶବ୍ଦ ଗୁଣୁଗୁଣୁ ହୋଇ ପାଠ କରୁଥିବାର ଶୁଣିବାକୁ ପାଇଲି । ମୁଁ ଭିତରେ ପ୍ରବେଶ କଲି ଏବଂ ସେଠାରେ କଥାଟା ବଢ଼ିଯିବା ଯୋଗୁଁ ମୁଁ ନିଜ ଭିଣୋଇଙ୍କ ମୁଣ୍ଡ ଧରିନେଲି ଓ ତାଙ୍କୁ ପିଟି ରକ୍ତାକ୍ତ କରିଦେଲି । ଏକ ବର୍ଣ୍ଣନାରେ ଭଉଣୀଙ୍କ ଆହତ ହେବାର ମଧ୍ୟ ଚର୍ଚ୍ଚା ରହିଛି । ହଜରତ୍ ଉମର୍ ର:ଅ କୁହନ୍ତି ମୋ ଭିଣୋଇଙ୍କ ରକ୍ତ ବୋହିବା ଯୋଗୁଁ ମୁଁ ଅନୁତପ୍ତ ହେଲି, ମୁଁ ବସିପଡ଼ିଲି ଓ କହିଲି ମତେ ସେହି ନଥିପତ୍ର ଦେଖାଅ ଯାହା ତୁମେମାନେ ପାଠ କରୁଥିଲ । ମୋ ଭଉଣୀ କହିଲେ ଯେ, ପ୍ରଥମେ ତୁମେ ସ୍ନାନ କରିଆସ । ଅତଏବ ମୁଁ ଯେତେବେଳେ ସ୍ନାନ କରି ଆସିଲି ସେତେବେଳେ ସେମାନେ ମୋ ପାଇଁ ସେହି ପାଣ୍ଡୁଲିପି ବାହାର କରିଦେଲେ ସେଥିରେ ଥିଲା **ବିସ୍‌ମିଲ୍ଲାହିର୍ ରହ୍‌ମା ନିର୍‌ରହିମ୍** ମୁଁ କହିଲି ଏହା ତ ବହୁତ ପବିତ୍ର ଲେଖା । ତା'ପରେ ତାହା ସୁରା ତା'ହାର ୨ ରୁ ୯ ନମ୍ବର ଆୟତରେ ପରିବେଷ୍ଟିତ ଆୟତଗୁଡ଼ିକ ଥିଲେ । ସେହି ଆୟତଗୁଡ଼ିକର ମହିମା ଓ ମର୍ଯ୍ୟାଦା ମୋ ହୃଦୟକୁ ଗଭୀର ଭାବରେ ପ୍ରଭାବିତ କରିଥିଲା । ବସ୍ତୁତଃ ମୁଁ ଶୀଘ୍ର ସେଠାରୁ ଉଠି ଦାରେ ଅର୍କମ ବାହାରି ଗଲି ଯେଉଁଠାରେ ହଜୁର ସ:ଆ:ସଙ୍କ ସହିତ ମୋର ସାକ୍ଷାତ ହେଲା ଏବଂ ମୁଁ ଇସ୍‌ଲାମ୍ ଧର୍ମ ଗ୍ରହଣ କରିନେଲି । ଏହା ଦେଖି ସମସ୍ତ ସାହାବାମାନେ ଅଲ୍ଲାଃହୁ ଅକବରର ସ୍ୱର ଉତୋଳନ କଲେ, ଯେଉଁ ଧ୍ୱନିକୁ ମକ୍କାବାସୀମାନେ ମଧ୍ୟ ଶୁଣିଲେ । ଏତଦ୍‌ପରେ ଆମେମାନେ ଦୁଇ ଧାଡ଼ି ହୋଇ ମସ୍‌ଜିଦେ ହରାମ୍‌ରେ ଉପସ୍ଥିତ ହେଲୁ । ଗୋଟିଏ ଧାଡ଼ିରେ ସର୍ବାଗ୍ରେ ମୁଁ ଥିଲି ଏବଂ ଅନ୍ୟ ଧାଡ଼ିରେ ହଜରତ୍ ହମ୍‌ଜା ର:ଅ ଥିଲେ । ଯେତେବେଳେ କୁରୈଶମାନେ ମୋତେ ଏବଂ ହମ୍‌ଜାକୁ ଦେଖିଲେ ସେତେବେଳେ ସେମାନଙ୍କୁ ଏତେ କଷ୍ଟ ଲାଗିଲା ଯେ, ସେମାନଙ୍କୁ ଏହା ପୂର୍ବରୁ କେବେବି ଏପରି କଷ୍ଟ ହୋଇନଥିବ । ଆଁ ହଜରତ୍ ସ:ଆ:ସ ସେହି ଦିନ ମୋର ନାମ **"ଫାରୁକ୍"** ଅର୍ଥାତ "ସତ୍ୟ ଏବଂ ଅସତ୍ୟ ମଧ୍ୟରେ ପୃଥକକାରୀ" ନାମକରଣ କଲେ ।*(ତାରିଖୁଲ୍ ଖୁଲଫାଆ..... ପୃ-୯୧-୯୨...... ବେରୁତ ଲେବ୍‌ନାନ୍ ୧୯୯୯)*

ଏକ ବର୍ଣ୍ଣନାନୁଯାୟୀ ହଜରତ୍ ଉମର୍ ର:ଅ ଦାରେ ଅର୍କମ୍‌ରେ ଇସ୍‌ଲାମ୍ ଧର୍ମ ଗ୍ରହଣକାରୀଙ୍କ ମଧ୍ୟରେ ସର୍ବଶେଷ ବ୍ୟକ୍ତି ଥିଲେ ।

ଅୟୁବ ବିନ୍ ମୁସା ବର୍ଣ୍ଣନା କରନ୍ତି: ହଜୁର ସ:ଆ:ସ କହିଲେ, ନିଃସନ୍ଦେହ ରୂପେ ଅଲ୍ଲାଃ ତାଲା ହଜରତ୍ ଉମର୍ ର:ଅଙ୍କ ଜିହ୍ୱା ଓ ହୃଦୟରେ ସତ୍ୟତାକୁ ସ୍ଥାପିତ କରିଦେଇଛନ୍ତି ଏବଂ ସେ ଫାରୁକ୍ ଅଟନ୍ତି । କାରଣ ଅଲ୍ଲାଃ ତାଲା ତାଙ୍କ ମାଧ୍ୟମରେ ସତ୍ ଓ ଅସତ୍ୟ ମଧ୍ୟରେ ଫରକ୍ କରିଦେଲେ ।

*(ଉସଦୁଲ୍ ଗାବାଃ........ ଖଣ୍ଡ-୪, ପୃ-୧୪୩....... ବେରୁତ ଲେବ୍‌ନାନ୍)*

ହଜରତ୍ ଉମର୍ ର:ଅ ଲମ୍ବା ଉଚ୍ଚତା ବିଶିଷ୍ଟ ଓ ବଳିଷ୍ଠ ଶରୀରଧାରୀ ବ୍ୟକ୍ତି ଥିଲେ । ଆପଣଙ୍କ ମୁଣ୍ଡର ସମ୍ମୁଖ ଭାଗରେ କେଶ ନଥିଲା । ଆପଣଙ୍କ ରଙ୍ଗ ଲାଲବର୍ଣ୍ଣ ଥିଲା ଓ ଆପଣଙ୍କର ମୋଟା ଘନ ନିଶ ରହିଥିଲା ଯାହାର ପାଶ୍ୱବର୍ତୀରୁ ଲାଲ୍ ବର୍ଣ୍ଣ ଝଟକୁ ଥିଲା । ଆପଣଙ୍କ ଗାଲ ସାମାନ୍ୟ ଧରଣର ଥିଲା ।

*(ଅଲ୍‌ଅସାବାଃ....... ଖଣ୍ଡ-୪, ପୃ-୪୮୪.......... ବେରୁତ ୨୦୦୩)*

ଅନ୍ଧକାରମୟ ଯୁଗରେ ଆପଣ ଜଣେ ଶିକ୍ଷିତ ବ୍ୟକ୍ତି ଥିଲେ ଅର୍ଥାତ ପଢ଼ାଲିଖା ଜାଣିଥିଲେ । ହଜରତ୍ ଉମର୍ ର:ଅ ଜଣେ ଦକ୍ଷ ଅଶ୍ୱାରୋହୀ ଓ ଅଭିଜ୍ଞ ମଲ୍ଲ ଯୋଦ୍ଧା ମଧ୍ୟ ଥିଲେ ।

ଉକାଜରେ ଲାଗୁଥିବା ମେଳାରେ ପ୍ରତ୍ୟେକ ବର୍ଷ କୁସ୍ତି (ମଲ୍ଲ ଯୁଦ୍ଧ)ର ମୁକାବିଲା ହୁଏ । ସାଧାରଣତଃ ସେହି କୁସ୍ତି ମୁକାବିଲାରେ ହଜରତ୍ ଉମର୍ ର:ଅ ହିଁ ଜିତୁଥିଲେ । ହଜରତ୍ ଉମର୍ ର:ଅ କୁରୈଶର ସେହି ୭୦ ଜଣ ବ୍ୟକ୍ତିଙ୍କ ମଧ୍ୟରେ ଜଣେ ଥିଲେ ଯିଏ ଲେଖାପଢ଼ା ଜାଣିଥିଲେ । ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ପୂର୍ବରୁ ସେ କୁରେଶର ପ୍ରତିନିଧିତ୍ୱ ଦାୟିତ୍ୱ ତୁଲାଉଥିଲେ ।

*(ଉସଦୁଲ୍ ଗାବାଃ........ ଖଣ୍ଡ-୩, ପୃ-୬୪....... ବେରୁତ ୨୦୦୩)*

କୁରୈଶର ଏହି ପରମ୍ପରା ରହିଥିଲା ଯେ ଯେତେବେଳେ ସେମାନଙ୍କ ସହ କାହାର ମୁକାବିଲା ଅର୍ଥାତ ଯୁଦ୍ଧ ହେଉଥିଲା ସେତେବେଳେ ହଜରତ୍ ଉମର୍ ର:ଅଙ୍କୁ ସେ ନିଜ ପ୍ରତିନିଧି ରୂପେ ପ୍ରେରଣ କରୁଥିଲେ ।

ଯେତେବେଳେ କେତେକ ମୁସଲମାନମାନେ, ଯେଉଁମାନେ ହଜରତ୍ ଉମର୍ ର:ଅଙ୍କର ପରିଚିତ ଥିଲେ, ସେମାନେ ହବ୍‌ଶା ଆଡ଼କୁ ପ୍ରବାଶ କଲେ ସେତେବେଳେ ହଜରତ୍ ଉମର୍ ର:ଅ ମୁସଲମାନ ହୋଇନଥିଲେ ଏବଂ ସେ ଜଣେ କଠୋର ସ୍ୱଭାବର ବ୍ୟକ୍ତି ଥିଲେ ତଥାପି ସେ ନିଜର ଲୋକମାନଙ୍କୁ ଚାଲି ଯାଉଥିବାର ଦେଖି ଅର୍ଥାତ ମକ୍କା ଛାଡ଼ି ଯାଉଥିବାର ଦେଖି ଭାବବିହ୍ୱଳ ହୋଇଯାଇଥିଲେ । ଏ ସକ୍ରାନ୍ତରେ ହଜରତ୍ ଉମ୍ମେ ଅବ୍‌ଦୁଲ୍ଲାଃ ବିନ୍‌ତେ ଅବୁ ହଶମା ବର୍ଣ୍ଣନା କରନ୍ତି ପ୍ରଭୁଙ୍କ ରାଣ ଯେତେବେଳେ ଆମେ ହବ୍‌ଶା ଅଭିମୁଖେ ପ୍ରବାଶ ପାଇଁ ପ୍ରସ୍ତୁତି କରୁଥିଲୁ ସେତେବେଳେ ମୋ ସ୍ୱାମୀ ଆମିର୍ ବିନ୍ ରବିୟା କୌଣସି କାମରେ ବାହାରକୁ ବାହାରିଗଲେ ସେତିକିବେଳେ ହଜରତ୍ ଉମର୍ ର:ଅ ମୋ ନିକଟରେ ଆସି ଛିଡ଼ା ହୋଇଗଲେ । ସେତେବେଳ ପର୍ଯ୍ୟନ୍ତ ସେ ମୁସଲମାନ ହୋଇନଥିଲେ । ତେବେ ସେ ମତେ ପଚାରିଲେ ଜଣାପଡୁଛି ତୁମେ କୁଆଡ଼େ ଯାତ୍ରାରେ ବାହାରିଛ ? ମୁଁ ଉତର ବୋଲି ପ୍ରଭୁଙ୍କ ରାଣ ଆମେ ଏହି ସ୍ଥାନରୁ ପ୍ରବାଶ କରିଯାଉଛୁ କାରଣ ତୁମେମାନେ ଆମକୁ ବିଭିନ୍ନ ପ୍ରକାର ଅତ୍ୟାଚାର ଓ ନିର୍ଯ୍ୟାତନା ଦେଲ । ତୁମ କଠୋରତାରୁ ରକ୍ଷା ପାଇବା ପାଇଁ ଆମେ ପ୍ରଭୁଙ୍କ ମାର୍ଗରେ ପ୍ରବାଶ କରୁଅଛୁ । ଆମେ ଅନ୍ୟ କୌଣସିଠାରେ ନିଜ ମୁଣ୍ଡ ଗୁଞ୍ଜିବାର ବ୍ୟବସ୍ଥା କରିନେବୁ । ବର୍ତମାନ ତୁମଠାରୁ ମୁକ୍ତି ପାଇବାର ବାଟ ପ୍ରଭୁ ଆମମାନଙ୍କ ପାଇଁ ଉନ୍ମୁକ୍ତ କରିଦେଇଛନ୍ତି । ଆମକୁ ଏହି ଅନୁମତି ମିଳିଯାଇଛି ଯେ ଆମେ ପ୍ରବାଶ ଅର୍ଥାତ ହିଜରତ୍ କରିପାରିବୁ । ଉମ୍ମେ ଅବ୍‌ଦୁଲ୍ଲାଃ କୁହନ୍ତି ଏହା ଶୁଣି ହଜରତ୍ ଉମର୍ ର:ଅ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିଲେ ଓ ସେଠାରୁ ଚାଲିଗଲେ ଆମର ପ୍ରବାଶ କରିବା ତାଙ୍କୁ ଦୁଃଖିତ କରିଦେଇଥିଲା । ପୁନଶ୍ଚ ଯେତେବେଳେ ଆମିର ନିଜ କାର୍ଯ୍ୟ ସମାପ୍ତ କରି ଘରକୁ ଫେରିଲେ ସେତେବେଳେ ମୁଁ ତାଙ୍କୁ କହିଲି ଭାଗ୍ୟବଶତଃ ଯଦି ତୁମେ ଘରେ ଥାଆନ୍ତ ତେବେ ହଜରତ୍ ଉମର୍ ର:ଅଙ୍କର ଅବସ୍ଥା ଦେଖିଥାନ୍ତ । ସେ କିଭଳି ଦୁଃଖିତ ଓ ବ୍ୟଥିତ ଥିଲେ । ସେ କୁହନ୍ତି କଣ ତୁମେ ଆଶାବାଦୀ ଯେ ସେ ମୁସଲମାନ ହୋଇଯିବେ ? ମୁଁ ଉତର ଦେଲି ହଁ, ଏଥିରେ ଆମିର କହିଲେ, ସେ କଦାପି ମୁସଲମାନ ହେବେନାହିଁ । ଏପରି କି ତାଙ୍କ ଗଧ ମଧ୍ୟ ମୁସଲମାନ ହୋଇଯିବ । କାରଣ ସେ ବେଶ୍ ଅଟଳ ଓ ଇସ୍‌ଲାମ୍ ଧର୍ମର ପ୍ରଚଣ୍ଡ ଶତ୍ରୁ ଓ ଇସ୍‌ଲାମ୍‌କୁ ଘୃଣା କରୁଥିବା ବ୍ୟକ୍ତି । ତାଙ୍କ ଅନ୍ତରରେ କଠୋରତା ଭରି ରହିଛି । *(ସିରତ୍ ଇବ୍‌ନେ ହୁଶାମ୍ ପୃ-୧୫୯....ବେରୁତ ୨୦୦୯)*

ଏହି ଘଟଣାର ଚର୍ଚ୍ଚା କରି ହଜରତ୍ ମୁସ୍‌ଲେହ୍ ମଉଦ୍ ର:ଅ ନିଜ ଶୈଳୀରେ ଏପରି ବର୍ଣ୍ଣନା କରିଛନ୍ତି ଯେ ହଜରତ୍ ଉମର୍‌ଙ୍କୁ ଇସ୍‌ଲାମ୍ ପ୍ରତି ଭିଷଣ ଘୃଣାଭାବ ଥିଲା କିନ୍ତୁ ତାଙ୍କର ଆଧାତ୍ମିକ ଯୋଗ୍ୟତା ଥିଲା..... ସୁତରାଂ ଯେବେ ହବ୍‌ଶା ଆଡ଼କୁ ପ୍ରଥମ ହିଜରତ୍ ହେଲା, ମୁସଲମାନମାନେ ଫଜର୍ ନମାଜ ପରେ ମକ୍କାରୁ ବାହାରିବାର ପ୍ରସ୍ତୁତି କଲେ ଯଦ୍ୱାରା ମୁସ୍‌ରିକ୍‌ମାନେ ତାଙ୍କୁ ରୋକିନପାରନ୍ତୁ ଓ ସେମାନଙ୍କୁ କିଏ କୌଣସି କଷ୍ଟ ନ ଫଂହଚାଉ । ମକ୍କାରେ ଏହି ପରମ୍ପରା ପ୍ରଚଳିତ ଥିଲା ଯେ, ରାତ୍ର ବେଳା କେତେକ ସର୍ଦ୍ଦାର ମକ୍କା ସହରର ପରିକ୍ରମା କରୁଥିଲେ ଯଦ୍ୱାରା ଚୋରି ନ ହେବ ଓ ସେମାନେ ମକ୍କାର ଗଳିକନ୍ଦିର ପରିକ୍ରମା କରୁଥିଲେ । ସେମାନଙ୍କ ମଧ୍ୟରେ ହଜରତ୍ ଉମର୍ ର:ଅ ମଧ୍ୟ ଏହି କାର୍ଯ୍ୟ ବହନ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family, Jamat Ahmadiyya, Pankal (Odisha)*

**ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ ପ୍ରଦତ ୨୭ ଜାନୁୟାରୀ ୨୦୧୭)*

**ତାଲିବେ ଦୁଆ:** *Hawa Bibi & Family, Jamat Ahmadiyya, Kerang (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

***ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧***

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

**ହଦିସ୍ ନବବୀ ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

**ତାଲିବେ ଦୁଆ:** *Majlis Lajna Imaillah, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

କରୁଥିଲେ । ଏକଦା ସେ ଦେଖିଲେ ଗୋଟିଏ ଘରର ଆସବାବ ବନ୍ଧା ହୋଇ ବାହାରେ ପଡ଼ିଛି । ସମ୍ଭବତଃ ଉକ୍ତ ଘରର ଲୋକମାନେ ଉମରଙ୍କର ସମ୍ପର୍କୀୟ ଥିଲେ ତେଣୁ ଆପଣ ଆଗକୁ ବଢ଼ି ଘର ସମ୍ମୁଖରେ ଛିଡ଼ା ହୋଇଥିବା ମହିଳା ସାହାବିଙ୍କୁ ପଚାରିଲେ । ବିବି କ'ଣ କଥା ମୋତେ ଜଣାପଡୁଛି ତୁମେ କୌଣସି ଦୀର୍ଘ ଯାତ୍ରାରେ ବାହାରିଛ । ଘରର ପୁରୁଷ ସେଠାରେ ଉପସ୍ଥିତ ନଥିଲେ ତେଣୁ ମହିଳା ଜଣକ ସିଧାସଳଖ ଉତର ଦେଲେ । ହଁ ଆମେ ମକ୍କା ଛାଡ଼ି ଚାଲିଯାଉଛୁ କାରଣ ତାଙ୍କୁ ପରିଣାମର ଅନୁମାନ ନଥିଲା ଅବା ହଜ୍‌ରତ୍ ମୁସ୍‌ଲେହ ମଉଦ କୁହନ୍ତି ସମ୍ଭବତଃ ସେ ସତ୍‌କଥା କହିବାକୁ ଯାଇ ଏପରି କହିଥିଲେ । ଉମର୍ ! ଆମେ ତ ମକ୍କା ଛାଡ଼ି ଚାଲିଯାଉଛୁ । ହଜ୍‌ରତ୍ ଉମର୍ ର:ଅ କହିଲେ କାହିଁକି ମକ୍କା ଛାଡ଼ି ଯାଉଛ ? ସେ କହିଲେ ଏଥିପାଇଁ ଯାଉଛୁ ଯେ ତୁମର ଭାଇବନ୍ଧୁମାନେ ଆମର ଏଠାରେ ରହିବାକୁ ପସନ୍ଦ କରୁନାହାନ୍ତି ଏବଂ ଆମକୁ ଏଠାରେ ଏକ ପରମେଶ୍ୱରଙ୍କୁ ଉପାସନା କରିବାର ସ୍ୱାଧିନତା ନାହିଁ । ଆମେ ଅନ୍ୟ ଦେଶକୁ ଯାଇ ସେଠାରେ ସ୍ୱାଧିନ ଭାବରେ ଉପାସନା କରିପାରିବୁ । ହଜ୍‌ରତ୍ ଉମର୍ ର:ଅ ଇସ୍‌ଲାମ୍‌ର ଭିଷଣ ଶତ୍ରୁ ଥିବା ସତ୍ତ୍ୱେ ମଧ ଏହା ଶୁଣିବାପରେ ହଜ୍‌ରତ୍ ଉମର୍ ର:ଅ ଭାବବିହ୍ୱଳ ହୋଇପଡ଼ିଥିଲେ ଏବଂ ସେ ଅନ୍ୟ ପାର୍ଶ୍ୱକୁ ନିଜ ମୁଖ ଫେରାଇ ନେଇଥିଲେ ଓ ସେହି ସାହାବିୟାଙ୍କ ନାମ ଧରି କହିଲେ ଠିକ୍ ଅଛି ଯାଅ ଈଶ୍ୱର ତୁମର ସୁରକ୍ଷା କରନ୍ତୁ । ତେବେ ତାଙ୍କର ଅଶ୍ରୁ ଝଡ଼ିପଡ଼ିଥାନ୍ତା ଇତି ମଧ୍ୟରେ ତାଙ୍କ ସ୍ୱାମି ଆସି ପହଂଚିଲେ । ସେ ଉମରଙ୍କ କଠୋର ସ୍ୱଭାବ ସମ୍ପର୍କରେ ଅବଗତ ଥିଲେ ଏବଂ ସେଠାରେ ତାଙ୍କ ଉପସ୍ଥିତି ଦେଖି ମନେ କଲେ ସମ୍ଭବତଃ ଏ ଆମ ଯାତ୍ରାରେ କୌଣସି ବାଧକତା ଉତ୍ପନ୍ନ କରିବେ । ସେ ନିଜ ପତ୍ନୀଙ୍କୁ ପଚାରିଲେ ଏ ଏଠାକୁ କିପରି ଆସିଗଲା, ସେ ଉତର ଦେଲେ ଏମିତି ଆସିଯାଇଥିଲେ ଏବଂ ମତେ ଦେଖି ପ୍ରଶ୍ନ କଲେ କି ତୁମେ କଣ ଯାତ୍ରା କରିବାକୁ ବାହାରିଛ ? ଏହା ଶୁଣି ସେ କହିଲେ ଏ କୌଣସି ସମସ୍ୟା ସୃଷ୍ଟି ନ କରିଦେଉ ଅର୍ଥାତ ତାଙ୍କ ସ୍ୱାମୀ ତାଙ୍କୁ କହିଲେ ଯେ ହଜ୍‌ରତ୍ ଉମର୍ ର:ଅ ଆମ ପ୍ରବାଶ କରିବାରେ କୌଣସି ସମସ୍ୟା ସୃଷ୍ଟି ନ କରିଦିଅନ୍ତୁ । ହଜ୍‌ରତ୍ ଉମର୍ ର:ଅ ସେଠାରୁ ବାହାରିଯିବା ପରେ ଆମୀର ପହଂଚିଥିଲେ ଅବା ସେ ଆସିବା କ୍ଷଣି ତାଙ୍କୁ ଛିଡ଼ା ହୋଇଥିବାର ଦେଖିଥିଲେ । ସେ ଯାହା ହେଉ ନା କାହିଁକି ଆମୀରଙ୍କ ପତ୍ନୀ ତାଙ୍କୁ କହିଲେ, ହେ ମୋ ଚାଚାଙ୍କ ପୁତ୍ର ! ଆରବର ମହିଳାମାନେ ନିଜ ସ୍ୱାମୀଙ୍କୁ ଏପରି ସମ୍ବୋଧିତ କରନ୍ତି । ତୁମେ ମଣୁଅଛ ଯେ, ଉମର କୌଣସି ସମସ୍ୟା ଆମ ପାଇଁ ସୃଷ୍ଟି କରିବେ ? କିନ୍ତୁ ମୋର ତ ମନେ ହେଉଛି ସେ ନିଶ୍ଚିତ ଦିନେ ନା ଦିନେ ମୁସଲମାନ ହୋଇଯିବେ । କାରଣ ଯେତେବେଳେ ମୁଁ ତାଙ୍କୁ କହିଲି ଯେ ଆମେ ଏଥି ସକାଶେ ମକ୍କା ଛାଡ଼ି ଯାଉଛୁ କାରଣ ତୁମେ ଓ ତୁମ ଭାଇମାନେ ଆମକୁ ସ୍ୱାଧିନ ଭାବରେ ପରମେଶ୍ୱରଙ୍କ ଉପାସନା କରିବାକୁ ଦେଉନାହଁ । ଏଥିରେ ସେ ନିଜ ମୁହଁ ଫେରାଇ ନେଲେ ଏବଂ କହିଲେ ଠିକ୍ ଅଛି ଯାଅ ପ୍ରଭୁ ତୁମର ସୁରକ୍ଷା କରନ୍ତୁ । ତାଙ୍କ କଣ୍ଠରେ ସିଥିଳତା ରହିଥିଲା ମୁଁ ମନେ କରୁଛି ତାଙ୍କ ଚକ୍ଷୁରେ ଲୁହ ଝରି ଆସିଥିଲା । ମୋର ବିଶ୍ୱାସ ସେ ଦିନେ ନା ଦିନେ ମୁସଲମାନ ହୋଇଯିବେ ।

*(ତଫ୍‌ସୀର୍ କବୀର୍, ଖଣ୍ଡ-୬, ପୃ-୧୪୦-୧୪୧)*

ହଜ୍‌ରତ୍ ଉମର୍ ର:ଅଙ୍କର ଇସ୍‌ଲାମ୍ ଧର୍ମ ଗ୍ରହଣ କରିବାପାଇଁ ହଜୁର ସ:ଆ:ସ ଏହି ଦୁଆ ମଧ କରିଥିଲେ । ଅତଏବ ହଜୁର ସ:ଆ:ସ କହିଲେ **ଅଲ୍ଲାହୁମ୍ମା ଅଇଜ୍ଜଲ୍ ଇସ୍‌ଲାମା ବି ଅହ୍‌ବ୍ବି ହାଜୈନେ ଅର୍ ରଜୁଲୈନେ ଇଲୈକା ବିଅବି ଜହଲିନ୍ ଅଓ ବିଉମ୍‌ର ବିନ୍ ଅଲ୍‌ଖତାବ୍ ।** ଅର୍ଥାତ ହେ ଅଲ୍ଲାଃ ! ଦୁଇଜଣ ବ୍ୟକ୍ତି ଅର୍ଥାତ ଅବୁଜହଲ୍ ଓ ଉମର ବିନ୍ ଖତାବଙ୍କ ମାଧ୍ୟମରେ ନିଜର ପ୍ରୀୟ ଧର୍ମ ଇସ୍‌ଲାମ୍‌କୁ ସମ୍ମାନ ପ୍ରଦାନ କର । ଇବ୍‌ନେ ଉମର୍ ର:ଅ କହୁଛନ୍ତି ଯେ ଏହି ଦୁଇଜଣଙ୍କ ମଧ୍ୟରୁ ହଜ୍‌ରତ୍ ଉମର୍ ର:ଅ ଅଲ୍ଲାଃ ତାଲାଙ୍କୁ ଅଧିକ ପ୍ରୀୟ ଥିଲେ ।

*(ସୁନନେ ତିର୍‌ମିଜି.... ହଦିସ୍-୩୬୮୧)*

ଛଅ ନବଓି ଜୁଲ୍‌ହଜା ମାସରେ ଯେତେବେଳେ ହଜ୍‌ରତ୍ ଉମର୍ ର:ଅ ଇସ୍‌ଲାମ୍ ଧର୍ମ ଗ୍ରହଣ କଲେ ସେତେବେଳେ ମକ୍କାରେ ମୁସଲମାନ ପୁରୁଷଙ୍କ ସଂଖ୍ୟା ୪୦ ଥିଲା । ହଜ୍‌ରତ୍ ଉମର୍ ର:ଅଙ୍କ ଇସ୍‌ଲାମ୍ ଧର୍ମଗ୍ରହଣ କରିବା ଅବସରରେ ହଜ୍‌ରତ୍ ଜିବ୍ରାଇଲ ଆ:ସ ଅବତୀର୍ଣ୍ଣ ହେଲେ ଏବଂ ହଜୁର ସ:ଆ:ସଙ୍କୁ ସମ୍ବୋଧନ କରି କହିଲେ, ହେ ମୁହମ୍ମଦ ! ଉମରଙ୍କ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ଦ୍ୱାରା ଆକାଶବାସୀମାନେ ମଧ ପ୍ରସନ୍ନିତ ଅଛନ୍ତି । ହଜ୍‌ରତ୍ ଉମର୍ ର:ଅଙ୍କ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବାର ଅନେକ କାରଣମାନ ସାଜିଥିଲା ଏବଂ ଏ ସଂକ୍ରାନ୍ତରେ ଅନେକ ଘଟଣା ହଦିସ୍‌ର ପୁସ୍ତକରେ ବର୍ଣ୍ଣିତ ରହିଛି ତଥା ଜୀବନୀ ଚର୍ଚ୍ଚାର ପୁସ୍ତକରେ ମଧ ବର୍ଣ୍ଣିତ ରହିଛି । ଗୋଟିଏ ବର୍ଣ୍ଣନା ଅନୁଯାୟୀ ଅବୁ ଜହଲ୍ ହଜୁର ସ:ଆ:ସଙ୍କୁ ହତ୍ୟା କରିବାପାଇଁ ବିପୁଳ ପରିମାଣର ପୁରସ୍କାର ରାଶି ଘୋଷଣା କରିଥିଲା ଅର୍ଥାତ ଅବୁଜହଲ୍ ଘୋଷଣା କରିଥିଲା ଯେ ଯେଉଁ ବ୍ୟକ୍ତି ନଉଜୁବିଲ୍ଲା ହଜ୍‌ରତ୍ ମୁସ୍ତଫା ସ:ଆ:ସଙ୍କୁ ହତ୍ୟା କରି ଆସିବ ସେହି ବ୍ୟକ୍ତିଙ୍କୁ ବିପୁଳ ପରିମାଣରେ ପୁରସ୍କାର ପ୍ରଦାନ କରାଯିବ । ଅର୍ଥାତ ମୋ ନିକଟରୁ ଶହେଗୋଟି ଓଟ ଓ ହଜାରେ ଉକିୟା ରୂପା ପୁରସ୍କାର ପାଇବ । ଗୋଟିଏ ଉକିୟାର ମୂଲ୍ୟ ୪୦ ଦିର୍‌ହମ୍ ଥିଲା । ଅର୍ଥାତ ପାଖାପାଖି ୧୨୬ ଗ୍ରାମ ଆଉ କେତେକ କହିବା ଅନୁଯାୟୀ ତା'ଠାରୁ ବି ଅଧିକ । ସେ ଯାହା ହେଉ ନା କାହିଁକି ଏକ ବହୁତ ବଡ଼ ପରିମାଣ ପୁରସ୍କାର ଧାର୍ଯ୍ୟ କରାଯାଇଥିଲା । ଆଉ ଏକ ବର୍ଣ୍ଣନା ଅନୁଯାୟୀ ହଜୁର ସ:ଆ:ସଙ୍କ ହତ୍ୟାକାରୀଙ୍କୁ ବହୁ ପରିମାଣର ସୁନା ଓ ଚାନ୍ଦି ତଥା ମୁସ୍କ ମୂଲ୍ୟବାନ ବସ୍ତ ଆହୁରି ଅନେକ କିଛି ଦେବାର ଘୋଷଣା କରାଯାଇଥିଲା । ଏହା ଶୁଣି ହଜ୍‌ରତ୍ ଉମର୍ ର:ଅ କହିଲେ, ମୁଁ ହିଁ ଏହି ପୁରସ୍କାରର ଅଧିକାରୀ ହେବି । ଲୋକମାନେ କହିଲେ, ନିଃସନ୍ଦେହ ରୂପେ ଉମର ହିଁ ଏହି ପୁରସ୍କାର ପ୍ରାପ୍ତ କରିନେବେ । ଅତଏବ ହଜ୍‌ରତ୍ ଉମର୍ ର:ଅ ଏହି ପ୍ରସଙ୍ଗରେ ପ୍ରତିଜ୍ଞା କଲେ ଓ ନିଜର ତରବାରୀ ବାହାର କରି ହଜୁର ସ:ଆ:ସଙ୍କ ହତ୍ୟା କରିବାପାଇଁ ବାହାରିପଡ଼ିଲେ । ବାଟରେ ହଜ୍‌ରତ୍ ଉମର୍ ର:ଅ ଏକ ବାଛୁରୀ ଜେଭ୍ ହେଉଥିବାର ଦେଖିଲେ ଏବଂ ସେହି ବାଛୁରୀ ପେଟରୁ ଏହି ସ୍ୱର ଶୁଣିଲେ ଯେ, ଆଲେ ଜରିହ୍ ! ସେହି ବାଛୁରୀ ନାମ ଥିଲା । ଜଣେ ଡ଼ାକିଲାବାଲା ଅଲ୍ଲାଃ ତାଲାଙ୍କ ଏକସ୍ୱରବାଦ ଓ ହଜୁର ସ:ଆ:ସଙ୍କ ଅବତାରତ୍ୱର ସାକ୍ଷ୍ୟ ଦେଇ ଏହି ଦିଗ ଆଡ଼କୁ ଡ଼ାକୁଥିଲା । ହଜ୍‌ରତ୍ ଉମର୍ ର:ଅ ଭାବିଲେ ଏହି ବ୍ୟକ୍ତି ତ ମୋ ଆଡ଼କୁ ଇଙ୍ଗିତ କରୁଛି ।

*(ସିରତୁଲ୍ ହଲ୍‌ବିୟା ଖଣ୍ଡ-୧, ପୃ-୪୭୦..... ବେରୁତ ୨୦୦୨)*

*(ଲୁଗାତୁଲ୍ ହଦିସ୍ ଖଣ୍ଡ-୪, ପୃ-୫୨୭)*

ଯଦି ସିରତୁଲ୍ ହଲ୍‌ବିୟାର ଏହି ବର୍ଣ୍ଣନା ସଠିକ୍ ମନେ ହେଉଛି ତାହେଲେ ତାହାର କାରଣ ହେଉଛି ଏହା କି ତାହା କଶ୍‌ଫି ତଥା ତନ୍ଦ୍ରାଅବସ୍ଥାର ଦୃଶ୍ୟ ଥିଲା ଯେଉଁ ଦୃଶ୍ୟକୁ ହଜ୍‌ରତ୍ ଉମର୍ ର:ଅ ସେଠାରେ ସେତେବେଳେ ଦେଖିଥିଲେ ।

ତୃତୀୟ ବର୍ଣ୍ଣନା ଯାହା ହସ୍ତଗତ ହୋଇଛି । ହଜ୍‌ରତ୍ ଉମର୍ ର:ଅ ଇସ୍‌ଲାମ୍ ଧର୍ମରେ ଦିକ୍ଷୀତ ହେବା ପ୍ରସଙ୍ଗରେ ସେ କୁହନ୍ତି ଏକଦା ମୁଁ ବଇତୁଲ୍ଲା ସରିଫ୍‌ର ପରିକ୍ରମା କରିବାପାଇଁ ବାହାରିଲି ସେତେବେଳେ ସେଠାରେ ମୁଁ ହଜୁର ସ:ଆ:ସଙ୍କୁ ନମାଜରେ ମଗ୍ନରହି ଥିବାର ଦେଖିବାକୁ ପାଇଲି । ମୋର ମଧ୍ୟରେ ଓ ଆପଣଙ୍କ ମଧ୍ୟରେ କାବାର ପରଦା ବ୍ୟତିତ ଅନ୍ୟ କୌଣସି ବସ୍ତୁ ନଥିଲା । ଅର୍ଥାତ ସେହି ସ୍ଥାନରେ ହଜୁର ସ:ଆ:ସ ଛିଡ଼ା ହୋଇ ନମାଜ ପାଠ କରୁଥିଲେ । ନମାଜ ପାଠ କଲାବେଳେ ହଜ୍‌ରେ ଅସ୍‌ୱଦ ଓ ରୁକ୍‌ନେ ୟମାନି ମଝିରେ ରହି ହଜୁର ସ:ଆ:ସ ନମାଜ ପାଠ କରୁଥିଲେ । ତେବେ ହଜୁର ନମାଜରେ ସୁରଃ ଫାତିହା ପାଠ କରିବାପାରେ ସୁରେ ରହ୍‌ମାନ୍‌ର ଆବୃତି କରିଥିଲେ । ହଜ୍‌ରତ୍ ଉମର ର:ଅ କୁହନ୍ତି ମୁଁ ଯେତେବେଳେ ପବିତ୍ର କୁର୍‌ଆନ୍ କରିମ୍ ଶୁଣିଲି ସେତେବେଳେ ମୋର ହୃଦୟ ସେଠାରେ ପରିବର୍ତନ ହୋଇଯାଇଥିଲା ଏବଂ ମୁଁ କାନ୍ଦି ପକାଇଥିଲି । ଇସ୍‌ଲାମ୍ ମୋ ଭିତରେ ପ୍ରବେଶ କରିଯାଇଥିଲା । ମୁଁ ସେହିପରି ନିଜ ସ୍ଥାନରେ ଛିଡ଼ା ହୋଇ ରହିଲି ଏହି ସମୟ ମଧ୍ୟରେ ହଜୁର ନମାଜ ସମାପ୍ତ କରି ସେଠାରୁ ବାହାରି ପଡ଼ିଲେ ମୁଁ ମଧ ଆପଣଙ୍କ ପଛେ ପଛେ ବାହାରି ପଡ଼ିଲି । ହଜୁର ସ:ଆ:ସ ମୋ ଚାଲିର ସ୍ୱର ଶୁଣି ମତେ ଚିହ୍ନି ନେଲେ ଆପଣ ମନେ କଲେ ସମ୍ଭବତଃ ମୁଁ ଆପଣଙ୍କୁ କଷ୍ଟ ଦେବାପାଇଁ ଅବା କୌଣସି ମନ୍ଦ ଉଦେଶ୍ୟ ନେଇ ଆପଣଙ୍କ ପଛ ଧରିଛି । ଅତଏବ ଆପଣ ମୋ ଉପରେ ରାଗିଲେ ଏବଂ କହିଲେ ତୁମେ ଏତେ ରାତିରେ କେଉଁ ଉଦେଶ୍ୟରେ ବାହାରିଛ ? ମୁଁ ଉତର ଦେଲି ମୁଁ ଅଲ୍ଲାଃଙ୍କ ଉପରେ ଏବଂ ତାହାଙ୍କ ରସୁଲ୍‌ଙ୍କ ଉପରେ ଏବଂ ତାହାଙ୍କ ଉପରେ ବିଶ୍ୱାସ ଆଣୁଛି ଯିଏ ଅଲ୍ଲାଃଙ୍କ ତରଫରୁ ଆସିଛନ୍ତି, ଅବତୀର୍ଣ୍ଣ କରିଛନ୍ତି ବିଶ୍ୱାସ ଆଣୁଛି ।

ସେହିପରି ଚତୁର୍ଥ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ଉମର୍ ର:ଅ ବର୍ଣ୍ଣନା କରନ୍ତି ଯେ, ଏକଦା ରାତ୍ରିରେ ଯେତେବେଳେ ମୋ ଭଉଣୀଙ୍କୁ ପ୍ରସବ ପୀଡ଼ା ଆରମ୍ଭ ହେଲା ସେତେବେଳେ ମୁଁ ଦୁଆ କରିବାପାଇଁ କାବାର ପରଦା ସହିତ ଗୁଡ଼ାଇ ହୋଇଗଲି ସେତେବେଳେ ହଜୁର ସ:ଆ:ସ ସେଠାକୁ ଆସିଲେ ଏବଂ ହଜ୍‌ରେ ଅସ୍‌ୱଦ୍ ନିକଟରେ ଦୀର୍ଘ ସମୟ ନମାଜ ପାଠ କଲେ । ହଜୁର ସ:ଆ:ସ ସିରିୟା ଦେଶ ଆଡ଼କୁ ମୁହଁ କରି ନମାଜ ପାଠ କରୁଥିଲେ ଅର୍ଥାତ ଆପଣ କାବା ଓ ବୟତୁଲ୍ ମୁକଦସ୍‌ର ମଝିରେ ରହି ନମାଜ ପାଠ କରୁଥିଲେ । ଆପଣ ଦୀର୍ଘ ସମୟ ନମାଜ ପାଠ କଲେ ଆପଣ ନମାଜରେ ଯାହା ଆବୃତି କରୁଥିଲେ ତାହା ମୁଁ ଶୁଣିଲି ଓ ତାହା ମତେ ବେଶ୍ ପ୍ରଭାବିତ କରିଥିଲା । ଏହାପରେ ହଜୁର ସ:ଆ:ସ ସେଠାରୁ ପ୍ରସ୍ଥାନ କରିଗଲେ ଅର୍ଥାତ ନମାଜ ସମାପ୍ତ କରିସାରିଲା ପରେ ଆପଣ ସେଠାରୁ ବାହାରିଗଲେ । ମୁଁ ସେତେବେଳେ ହଜୁର ସ:ଆ:ସଙ୍କ ପଛ ଧରିଲି । ହଜୁର ସ:ଆ:ସ ମୋ ପାଦର ସ୍ୱର ଶୁଣି ମତେ ପଚାରିଲେ କିଏ ? ମୁଁ ଉତର ଦେଲି ଯେ ମୁଁ ହେଉଛି ଉମର । ଅତଏବ ହଜୁର ସ:ଆ:ସ କହିଲେ, ହେ ଉମର୍ ! ତୁମେ ମତେ ନା ରାତ୍ରରେ ଛାଡୁଛ ନା ଦିବସରେ ଏହା ଶୁଣି ମୁଁ ଭୟଭୀତ ହେଲି । କାଳେ ଆପଣ ଶ୍ରାପ ନ ଦେଇଦିଅନ୍ତୁ । ଅତଏବ ମୁଁ ତ୍ୱରାନ୍ୱିତ ଭାବରେ କହିଲି, **ଅଶ୍‌ହଦୁ ଅଲ୍ଲାଃ ଲା ଇଲାହା ଇଲ୍ଲଲ୍ଲାଃହୁ ୱ ଅନ୍ନକା ରସୁଲୁଲ୍ଲାଃହି ।** ଅର୍ଥାତ ମୁଁ ସାକ୍ଷ୍ୟ ଦେଉଛି ଯେ, ଅଲ୍ଲାଃ ତାଲାଙ୍କ ବ୍ୟତୀତ ଅନ କେହି ଉପାସନା ଯୋଗ୍ୟ ନୁହନ୍ତି ଏବଂ ନିଃସନ୍ଦେହ ଆପଣ ଅଲ୍ଲାଃ ତାଲାଙ୍କ ରସୁଲ୍ ଅର୍ଥାତ ଦୂତ ଅଟନ୍ତି । ହଜୁର ସ:ଆ:ସ ସେତେବେଳେ ମତେ କହିଲେ ହେ ଉମର ! କଣ ତୁମେ ନିଜର ଇସ୍‌ଲାମ୍‌କୁ ଗୋପନ ରଖିବାକୁ ଚାହୁଁଛ, ମୁଁ ଉତର ଦେଲି ନାଁ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯିଏ ଆପଣଙ୍କୁ ସତ୍ୟ ପ୍ରଦାନ କରି ପ୍ରେରଣ କରିଛନ୍ତି, ମୁଁ ନିଜର ଇସ୍‌ଲାମ୍ ଧର୍ମର ସେହିପରି ପରିପ୍ରକାଶ କରିବି । ଯେଉଁଭଳି ମୁଁ ଶିର୍କରେ ଥିବା ବେଳେ ନିଜର ଧର୍ମର ପ୍ରଚାର କରୁଥିଲି । ପ୍ରତିଉତରରେ ହଜୁର ସ:ଆ:ସ ଅଲ୍ଲାଃ ତାଲାଙ୍କ ମହିମାଗାନ କଲେ ଏବଂ କହିଲେ ହେ ଉମର ! ଅଲ୍ଲାଃ ତାଲା ତୁମକୁ ସତ୍ ପଥରେ ପରିଚାଳିତ କରନ୍ତୁ ଓ ଅବିଚଳ ରଖନ୍ତୁ । ଏହାପରେ ହଜୁର ସ:ଆ:ସ ମୋ ଛାତି ଉପରେ ହାତ ଫେରାଇ ମୋ ପାଇଁ ଇସ୍‌ଲାମ୍‌ରେ ଦୃଢ଼ତାର ସହ ରହିବା ନିମନ୍ତେ ଦୁଆ କଲେ ଓ ମୋ ନିକଟରୁ ବିଦାୟ ନେଲେ । ତା'ପରେ ମୁଁ ଘରକୁ ଚାଲିଆସିଲି ।

*(ସିରତୁଲ୍ ହଲ୍‌ବିୟା ଖଣ୍ଡ-୧, ପୃ-୪୬୯..... ବେରୁତ ୨୦୦୨)*

*(ଫର୍‌ହଙ୍ଗ୍ ସିରତ୍ ପୃ-୧୩୫)*

ହଜ୍‌ରତ୍ ଉମର୍ ର:ଅଙ୍କ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେବା ପ୍ରସଙ୍ଗରେ ଯେଉଁ ପଂଚମ ପ୍ରଶିଦ୍ଧ ବର୍ଣ୍ଣନା ରହିଛି, ସେ ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ମୁଁ ପୂର୍ବେ ମଧ ବର୍ଣ୍ଣନା କରିଆସିଛି ସେହି ବିବରଣୀ ହେଉଛି ଏପରି କି ହଜ୍‌ରତ୍ ଅନସ୍ ବିନ୍ ମାଲିକ ବର୍ଣ୍ଣନା କରନ୍ତି, ଦିନେ ହଜ୍‌ରତ୍ ଉମର୍ ର:ଅ ତରବାରୀ ଧରି ବାହାରକୁ ବାହାରିଲେ ବାଟରେ ବନୁ ଜୋହରା'ର ଜଣେ ଲୋକ ଭେଟ ହେଲା ସେ ଆପଣଙ୍କୁ ପ୍ରଶ୍ନ କଲା ହେ ଉମର ! ଆପଣ କୁଆଡ଼େ ବାହାରିଛନ୍ତି ? ଉମର ଉତର ଦେଲେ ମୁଁ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କୁ ହତ୍ୟା କରିବାକୁ ବାହାରିଛି । ସେହି ବ୍ୟକ୍ତି କହିଲା ତୁମେ ଭାବୁଛ ଯେ, ମୁହମ୍ମଦ ସ:ଆ:ସଙ୍କୁ ହତ୍ୟା କରିବାପରେ ତୁମେ ଶାନ୍ତି ପ୍ରାପ୍ତ କରିନେବ ? ହଜ୍‌ରତ୍ ଉମର୍ ର:ଅ କହିଲେ, ମୁଁ ଭାବୁଛି ଯେ ତୁମେ ସାବି ହୋଇଯାଇଛ ଏଥିରେ ଉକ୍ତ ବ୍ୟକ୍ତିଜଣକ ତାଙ୍କୁ କହିଲେ ଅର୍ଥାତ ହଜ୍‌ରତ୍ ଉମର୍ ର:ଅଙ୍କୁ କହିଲେ ଯେ ହେ ଉମର୍ ! କଣ ମୁଁ ତୁମକୁ ଏହି ଅଦ୍ଭୁତ କଥା ସମ୍ପର୍କରେ ସୁଚିତ କରିବିନାହିଁ । ଆପଣ ମତେ କହୁଛନ୍ତି

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.6 Thursday 27 May 2021 Issue No. 21

**MANAGER**
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)


ଯେ, ମୁଁ ସାବି ହୋଇଯାଇଛି ହେଲେ ମୁଁ ତୁମକୁ କହୁଛି ତୁମର ଭଉଣୀ ଓ ଭିଣୋଇ ଦୁହେଁ ସାବି ହୋଇଯାଇଛନ୍ତି । ତୁମେ ଯେଉଁ ଧର୍ମରେ ରହିଛ ସେମାନେ ସେହି ଧର୍ମରୁ ଓହରି ଯାଇଛନ୍ତି ଏହା ଶୁଣି ହଜ୍‌ରତ୍ ଉମର୍ ର:ଅ ନିଜ ଭଉଣୀ ଓ ଭିଣୋଇଙ୍କୁ ଭତ୍ସନା କରି ତାଙ୍କ ଘର ଆଡ଼କୁ ବାହାରିଲେ । ସେହି ଦୁହିଁଙ୍କ ନିକଟରେ ମୁହାଜିର୍‌ମାନଙ୍କ ମଧ୍ୟରୁ ଖବାବ୍ ନାମକ ଜଣେ ସାହାବି ସେଠାରେ ଉପସ୍ଥିତ ଥିଲେ ଯେ ତାଙ୍କୁ ପବିତ୍ର କୁର୍‌ଆନ୍ ପାଠ କରି ଶୁଣାଉଥିଲେ । ଅତଏବ ତାଙ୍କର ଭଉଣୀ ଓ ଭିଣୋଇ ଯେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କ ସ୍ୱର ଶୁଣିଲେ ସେତେବେଳେ ସେମାନେ ଘର ଭିତରେ ଆତ୍ମଗୋପନ କଲେ । ହଜ୍‌ରତ୍ ଉମର୍ ର:ଅ ଘର ଭିତରକୁ ପ୍ରବେଶ କରି କହିଲେ, ତୁମେ କଣ ପାଠ କରୁଥିଲ ଏ କିପ୍ରକାର ଶବ୍ଦ ଶୁଣାଯାଉଥିଲା । ଅତଏବ ସେମାନେ ସେତେବେଳେ ସୁରଃ ତାହା'ର କିଛି ପଂକ୍ତି ପାଠ କରୁଥିଲେ । ସେମାନେ କହିଲେ ଆମେମାନେ ପରସ୍ପର ମଧ୍ୟରେ ଗୋଟିଏ କଥା ବ୍ୟତିତ ଅନ୍ୟ କୌଣସି ସର୍ମ୍ପକରେ ଚର୍ଚ୍ଚା କରୁନଥିଲୁ । ହଜ୍‌ରତ୍ ଉମର୍ ର:ଅ କହିଲେ, ମୁଁ ଶୁଣିବାକୁ ପାଇଲି ଯେ, ତୁମେମାନେ ନିଜ ଧର୍ମରୁ ଓହରି ଯାଇଛ । ହଜ୍‌ରତ୍ ଉମର୍ ର:ଅଙ୍କ ଭିଣୋଇ କହିଲେ, ହେ ଉମର୍ କଣ ତୁମେ କେବବି ଚିନ୍ତା କରିଛ ଯେ ତୁମ ଧର୍ମ ବ୍ୟତିତ ଅନ୍ୟ ଧର୍ମରେ ସତ୍ୟ ରହିଛି ବୋଲି ? ତଣ୍ଣେ ଯଦି ତୁମେ ସତ୍ୟକୁ ଅନେଷ୍ୱଣ କରୁଛ ଏବଂ ତାକୁ ପାଇବାକୁ ଚାହୁଁଛ ତେବେ ତୁମେ ଟିକିଏ ଚିନ୍ତା କରି ଦେଖ ଅନୁଧ୍ୟାନ କର, କାରଣ ବୋଧ ହୁଏ ଅନ୍ୟ ଧର୍ମରେ ତୁମେ ସେହି ପ୍ରକୃତ ସତ୍ୟତାକୁ ଉପଲବ୍ଧ କରିବ । ହଜ୍‌ରତ୍ ଉମର୍ ର:ଅ ଏହା ଶୁଣି ନିଜର ଭିଣୋଇଙ୍କୁ ଅତ୍ୟନ୍ତ ନିଷ୍ଠୁର ଭାବରେ ମାଡ଼ ମାରିବାକୁ ଲାଗିଲେ । ଯେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କ ଭଉଣୀ ନିଜର ସ୍ୱାମୀଙ୍କୁ ରକ୍ଷା କରିବାକୁ ବାହାରିଲେ ସେତେବେଳେ ହଜ୍‌ରତ୍ ଉମର୍ ର:ଅ ତାଙ୍କ ଉପରକୁ ମଧ୍ୟ ହାତ ଉଠାଇ ଦେଇଥିଲେ ଯଦ୍ୱାର ତାଙ୍କ ଭଉଣୀଙ୍କ ମୁଖମଣ୍ଡଳରୁ ରକ୍ତ କ୍ଷରିତ ହୋଇଯାଇଥିଲା । ହଜ୍‌ରତ୍ ଉମର୍ ର:ଅଙ୍କର ଭଉଣୀ କ୍ରୋଧିତ ହୋଇ କହିଲେ ସତ୍ୟ ଯଦି ତୁମ ଧର୍ମ ବ୍ୟତିତ ଅନ୍ୟ ଧର୍ମରେ ରହିଛି ତେବେ ତୁ ସାକ୍ଷ୍ୟ ଦେ, ଯେ ଅଲ୍ଲାଃ ତାଲାଙ୍କ ବ୍ୟତିତ ଅନ୍ୟ କେହି ଉପାସ୍ୟ ଯୋଗ୍ୟ ନୁହନ୍ତି ଏବଂ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ଅଲ୍ଲାଃଙ୍କ ବାର୍ତାବହ ଅଟନ୍ତି । ଯେତେବେଳେ ହଜ୍‌ରତ୍ ଉମର୍ ର:ଅ ଶୂନ୍ୟ ଉପାୟ ହୋଇଗଲେ ସେତେବେଳେ କହିବାକୁ ଲାଗିଲେ ଯେ ମତେ ତୁମେ ସେହି ପାଣ୍ଡୁଲିପି ଦେଖାଅ ଯାହା ତୁମେ ବର୍ତମାନ ପାଠ କରୁଥିଲ । ହଜ୍‌ରତ୍ ଉମର୍ ର:ଅଙ୍କ ଭଉଣୀ କହିଲେ ତୁମେ ଅପବିତ୍ର ଅଛ ଏହି ପୁସ୍ତକକୁ ପାଠ କରିବାପାଇଁ ପ୍ରଥମେ ପବିତ୍ର ହୋଇଆସ । ଅର୍ଥାତ ଯାଇ ସ୍ନାନ କରିଆସ । ହଜ୍‌ରତ୍ ଉମର୍ ର:ଅ ସେଠୁ ବାହାରି ୱୁଜୁ କଲେ ଏବଂ ଉକ୍ତ ପାଣ୍ଡୁଲିପି ନେଇ ପାଠ କରିବା ଆରମ୍ଭ କଲେ ଅତଏବ ହଜ୍‌ରତ୍ ଉମର୍ ର:ଅ ଯେତେବେଳେ ଏହି ଆୟତରେ ପହଂଚିଲେ **ଇନ୍ନନି ଅନଲ୍ଲାହୁ ଲା ଇଲାହା ଇଲ୍ଲା ଫାବୁଦ୍‌ନି ୱ ଅକିମିସ୍ ସଲାତା ଲିଜିକ୍‌ରି (ତାହା:୧୫)** ଅର୍ଥାତ ବାସ୍ତବରେ ଆମ୍ଭେ ହିଁ ଅଲ୍ଲାଃ ଆମ୍ଭ ବ୍ୟତିରେକେ ଅନ୍ୟ କେହି ଉପାସ୍ୟ ନାହିଁ ସୁତରାଂ ତୁମେ ଆମ୍ଭର ହିଁ ଉପାସନା କର । ଆମ୍ଭର ସ୍ମରଣ ସକାଶେ ନମାଜ ପାଠ କର । ଉକ୍ତ ଆୟତକୁ ପଢ଼ିବାପରେ ହଜ୍‌ରତ୍ ଉମର୍ ର:ଅ କହିଲେ ଯେ ମୋତେ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଠିକଣା ଦିଅ । ଏକଥା ଶୁଣି ହଜ୍‌ରତ୍ ଖବାବ୍ ର:ଅ ଯିଏ କି ଘର ଭିତରେ ଗୋପନ ଅର୍ଥାତ ଲୁଚି ରହିଥିଲେ ବାହାରି ଆସିଲେ ଓ କହିଲେ, ହେ ଉମର୍ ! ତୁମକୁ ଅଭିନନ୍ଦନ ! ମୋର ଆକାଂକ୍ଷା ଯେ ହଜୁର ସ:ଆ:ସଙ୍କ ଦ୍ୱାରା କରାଯାଇଥିବା ଦୁଆ ତୁମ ସପକ୍ଷରେ ଗୃହିତ ହେଉ । ହଜୁର ସ:ଆ:ସ କହିଥିଲେ, ଅର୍ଥାତ ଦୁଆ କରିଥିଲେ, **ଅଲ୍ଲାହୁମ୍ମା ଅଇଜ୍ଜଲ୍ ଇସ୍‌ଲାମା ବିଉମର ଇବ୍‌ନେ ଖତାବ୍ ଅଓ ବି ଅମ୍‌ରୋ ବିନ୍ ହିଶାମ୍ ।** ଅର୍ଥାତ ହେ ଅଲ୍ଲାଃ ଉମର ବିନ୍ ଖତାବ୍ କିମ୍ବା ଅମ୍‌ରୋ ବିନ୍ ହିସାମ୍‌ଙ୍କ ମାଧ୍ୟମରେ ଇସ୍‌ଲାମ୍‌କୁ ସମ୍ମାନ ପ୍ରଦାନ କର । ହଜୁର ସ:ଆ:ସଙ୍କ ଏହି ଦୁଆ ସଫା ପର୍ବତର ଗୁମ୍ଫାରେ କରିଥିଲେ । ହଜ୍‌ରତ୍ ଉମର୍ ର:ଅ ସେଠାକୁ ଚାଲିଲେ ଏପରି କି ସେହି ଗୃହରେ ପ୍ରବେଶ କଲେ ସେତେବେଳେ ଘରର ଦ୍ୱାର ଦେଶରେ ହଜ୍‌ରତ୍ ହମ୍‌ଜା, ହଜ୍‌ରତ୍ ତଲ୍‌ହା ଓ ରସୁଲୁଲ୍ଲାଃ ସ:ଆ:ସଙ୍କ ଅନ୍ୟାନ୍ୟ ସାହାବା ଉପସ୍ଥିତ ଥିଲେ । ହଜ୍‌ରତ୍ ହମ୍‌ଜା ର:ଅ ସାହାବାମାନଙ୍କୁ ଦେଖିଲେ ଏବଂ ଏହା ମନେ କଲେ ଯେ, ବୋଧ ହୁଏ ସାହାବାମାନେ ହଜ୍‌ରତ୍ ଉମର୍ ର:ଅଙ୍କୁ ଦେଖି ଭୟଭୀତ ହୋଇଯାଇଛନ୍ତି ତେଣୁ ସେ କହିଲେ, ଆଚ୍ଛା ଏ ହେଉଛନ୍ତି ଉମର୍ ଯଦି ଅଲ୍ଲାଃ ତାଲା ହଜ୍‌ରତ୍ ଉମର୍ ର:ଅଙ୍କ ସକୁଶଳେ ଏଠାକୁ ଆଣିଛନ୍ତି ତାହେଲେ ସେ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇ ହଜୁର ସ:ଆ:ସଙ୍କ ଅନୁଗାମୀ ହୋଇଯିବେ ଯଦି ଏହା ବ୍ୟତିତ ତାଙ୍କର ଅନ୍ୟ କିଛି ମନ୍ଦ ଉଦ୍ଦେଶ୍ୟ ଥାଏ ତାହେଲେ ଆମମାନଙ୍କ ପକ୍ଷେ ତାଙ୍କୁ ହତ୍ୟା କରିବା ଅତି ସହଜସାଦ୍ଧ୍ୟ ହେବ । ହଜୁର ସ:ଆ:ସ ଗୃହ ଭିତରେ ଥିଲେ ଆପଣଙ୍କ ଉପରେ ଐଶିବାଣୀ ଅବତୀର୍ଣ୍ଣ ହେଉଥିଲା । ଅତଏବ ହଜୁର ସ:ଆ:ସ ବାହାରକୁ ବାହାରି ଆସିଲେ । ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ଆସିଲେ ଏବଂ ତାଙ୍କ ଛାତିକୁ ଧରିଲେ କହିଲେ, ହେ ଉମର୍ ! କଣ ତୁମେ ସେପର୍ଯ୍ୟନ୍ତ ବିରତ ରହିବନାହିଁ ଯେପର୍ଯ୍ୟନ୍ତ ଅଲ୍ଲାଃ ତାଲା ତୁମ ଉପରେ ନିଜର କୋପ ଅବତୀର୍ଣ୍ଣ କରିନଦେଇଛନ୍ତି ? ଯେପରି ୱଲିଦ୍ ବିନ୍ ମୁଗୈରା ଉପରେ ଅଲ୍ଲାଃ ତାଲାଙ୍କ ଶାସ୍ତି ଅବତୀର୍ଣ୍ଣ ହୋଇଥିଲା । ଏହାପରେ ହଜୁର ସ:ଆ:ସ ଅଲ୍ଲାଃ ତାଲାଙ୍କ ନିକଟରେ ଦୁଆ କଲେ କି ହେ ଅଲ୍ଲାଃ ! ଏ ହେଉଛନ୍ତି ଉମର୍ ବିନ୍ ଖତାବ୍ । ହେ ଅଲ୍ଲାଃ ! ଇସ୍‌ଲାମ୍ ଧର୍ମକୁ ହଜ୍‌ରତ୍ ଉମର୍ ର:ଅଙ୍କ ମାଧ୍ୟମରେ ମର୍ଯ୍ୟାଦା ପ୍ରଦାନ କର । ଏତଦ୍‌ପରେ ହଜ୍‌ରତ୍ ଉମର୍ ର:ଅ କହିଲେ, ମୁଁ ସାକ୍ଷ୍ୟ ଦେଉଛି ଆପଣ ଅଲ୍ଲାଃ ତାଲାଙ୍କ ବାର୍ତାବହ ଓ ଦୂତ ଅଟନ୍ତି ଏବଂ ଇସ୍‌ଲାମ୍ ଧର୍ମରେ ଦିକ୍ଷୀତ ହୋଇଗଲେ । ପୁନଶ୍ଚ କହିଲେ, ହେ ଅଲ୍ଲାଃଙ୍କ ବାର୍ତାବହ ! ଆପଣ ଇସ୍‌ଲାମ୍ ଧର୍ମର ପ୍ରଚାର ପ୍ରସାର ପାଇଁ ବାହାରକୁ ବାହାରନ୍ତୁ ଅର୍ଥାତ ଇସ୍‌ଲାମ୍‌ର ମୁକ୍ତ କଣ୍ଠରେ ପ୍ରଚାର କରନ୍ତୁ । ମାମର୍ ଏବଂ ଜୋହ୍‌ରିଙ୍କ ଠାରୁ ବର୍ଣ୍ଣିତ ଅଛି ଯେ ହଜ୍‌ରତ୍ ଉମର୍ ର:ଅ ହଜୁର ସ:ଆ:ସଙ୍କ ଦାରେ ଅର୍କମ୍‌ରେ ଆସିବାପରେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିଥିଲେ । ଦାରେ ଅର୍କମ୍‌ରେ ୪୦ କିମ୍ବା ତଦ୍ଦୁର୍ଦ୍ଧ ବ୍ୟକ୍ତି ମୁସଲମାନ ଧର୍ମରେ ଦିକ୍ଷୀତ ହେବାପରେ ହଜ୍‌ରତ୍ ଉମର୍ ର:ଅ ଶେଷରେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିଥିଲେ । ଦାରେ ଅର୍କମ ହେଉଛି ସେହି ସ୍ଥାନ ଯେଉଁଠି ନବାଗତ ମୁସଲମାନମାନେ ଏକତ୍ରିତ ହୋଇ ଉପାସନା କରୁଥିଲେ ଏବଂ ତାହା ଅର୍କମ ବିନ୍ ଅର୍କମଙ୍କ ଘର ଥିଲା ଏବଂ ତାହା ମକ୍କାଠାରୁ କିଛି ବାହାରେ ଅବସ୍ଥିତ ଥିଲା । ମୁସଲମାନମାନେ ସେଠାରେ ଏକତ୍ରିତ ହୋଇ ଇସ୍‌ଲାମ୍ ଧର୍ମ ଶିକ୍ଷା ନେଉଥିଲେ ଏବଂ ତାହା ଇସ୍‌ଲାମ୍‌ର କେନ୍ଦ୍ର ସାଜିଥିଲା । ଏହି ପ୍ରଶିଦ୍ଧି ଯୋଗୁଁ ପରବର୍ତୀ ସମୟରେ ଏହାର ନାମ ଦାରୁଲ୍ ଇସ୍‌ଲାମ୍ ନାମରେ ବିଖ୍ୟାତ ହେଲା । ମକ୍କାରେ ତିନିବର୍ଷ ପର୍ଯ୍ୟନ୍ତ ଏହା ଇସ୍‌ଲାମ୍‌ର କେନ୍ଦ୍ର ହୋଇ ରହିଥିଲା । ମୁସଲମାନମାନେ ଏଠାରେ ହିଁ ନୀରବ ରୂପେ ଉପାସନା କରୁଥିଲେ । ହଜୁର ସ:ଆ:ସଙ୍କ ସଭା ଏହିଠାରେ ହିଁ ଅନୁଷ୍ଠିତ ହେଉଥିଲା ଏବଂ ପୁନଶ୍ଚ ଯେତେବେଳେ ହଜ୍‌ରତ୍ ଉମର ର:ଅ ଇସ୍‌ଲାମ୍ ଧର୍ମ ଗ୍ରହଣ କଲେ । ସେତେବେଳେ ମୁସଲମାନମାନେ ମୁକ୍ତ ଭାବରେ ବାହାରକୁ ବାହାରିବା ଆରମ୍ଭ କଲେ । *(ତବକାତୁଲ୍ କୁବ୍‌ରା.....ଖଣ୍ଡ-୩, ପୃ-୧୪୨-୧୪୩.... ବେରୁତ ୧୯୯୬)* *(ସିରତ୍ ଖାତ୍‌ମୁନ୍ ନବିୟିନ୍.... ପୃ-୧୨୯)*

ଗୋଟିଏ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ ହଜ୍‌ରତ୍ ଉମର ର:ଅ ଉକ୍ତ କେନ୍ଦ୍ରରେ ଇସ୍‌ଲାମ୍ ଧର୍ମ ଗ୍ରହଣକାରୀଙ୍କ ମଧ୍ୟରେ ସର୍ବଶେଷ ବ୍ୟକ୍ତି ଥିଲେ ।

ହଜ୍‌ରତ୍ ଉମର ର:ଅଙ୍କ ଇସ୍‌ଲାମ୍ ଧର୍ମରେ ଦିକ୍ଷୀତ ହେବା ଫଳରେ ମୁସଲମାନମାନଙ୍କର ବହୁତ ଉନ୍ନତି ସାଧିତ ହୋଇଥିଲା । ମୁସଲମାନମାନେ ଦାରେ ଅର୍କମ୍‌ରୁ ବାହାରି ପ୍ରକାଶ୍ୟ ରୂପେ ଇସ୍‌ଲାମ୍ ଧର୍ମର ପ୍ରଚାର ପ୍ରସାର କରିଥିଲେ । ଏହା ହେଉଛି ହଜ୍‌ରତ୍ ଉମର ର:ଅଙ୍କ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେବାର ଘଟଣା । ଯହିଁରେ ସାମାନ୍ୟତମ ମତପାର୍ଥକ୍ୟର ସହିତ ଅନ୍ୟ ଏକ ବର୍ଣ୍ଣନା ମଧ୍ୟ ଉଲ୍ଲେଖ ରହିଛି । ଏଠାରେ ମୁଁ ଯେଉଁ ଆଲୋଚନା କରିଛି ତାହା ହେଉଛି । ସୁରାଃ ତାହାର ପ୍ରାରମ୍ଭି ଆୟତ କିନ୍ତୁ ଅନ୍ୟ ଏକ ସ୍ଥାନରେ ସିରତୁଲ୍ ହଦିଦ୍‌ର ପ୍ରାରମ୍ଭିକ ଆୟତ ଥିବାର ଚର୍ଚ୍ଚା ମଧ୍ୟ ଦେଖିବାକୁ ମିଳେ । ଉକ୍ତ ଚର୍ଚ୍ଚାରେ ହଜ୍‌ରତ୍ ଉମର ର:ଅଙ୍କ ଭଉଣୀ ନିଜ ଘରେ ପବିତ୍ର କୁର୍‌ଆନ୍ ଆବୃତି କରୁଥିଲେ ।

*(ଉସ୍‌ଦୁଲ୍ ଗାବା ଖଣ୍ଡ-୪, ପୃ-୧୪୦.... ବେରୁତ ୨୦୦୩)*

ହଜ୍‌ରତ୍ ଉମର ର:ଅଙ୍କ ଇସ୍‌ଲାମ୍ ଧର୍ମରେ ଦିକ୍ଷୀତ ହେବା ପ୍ରସଙ୍ଗରେ ଷଷ୍ଟ ବର୍ଣ୍ଣନା ହେଉଛି । ହଜ୍‌ରତ୍ ଉମର ର:ଅ କୁହନ୍ତି: ଦିନେ ମୁଁ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ପୂର୍ବରୁ ହଜୁର ସ:ଆ:ସଙ୍କ ସନ୍ଧାନରେ ବାହାରିଲି ମୁଁ ଦେଖିଲି ଯେ ଆପଣ ମୋ ପୂର୍ବରୁ ମସ୍‌ଜିଦ୍ ହରାମ୍‌ରେ ପହଂଚିଯାଇଛନ୍ତି । ମୁଁ ଆପଣଙ୍କ ପଛରେ ଛିଡ଼ା ହୋଇଗଲି ଆପଣ ସୁରାଃ ଫାତିହାର ଆବୃତି କରିବା ଆରମ୍ଭ କଲେ ଏବଂ ତା'ପରେ ଅନ୍ୟ କିଛି ପଂକ୍ତି ପାଠ କଲେ । କୁର୍‌ଆନ୍‌ର ବୈଶିଷ୍ଟ୍ୟତା ଓ କ୍ରମିକତା ଦେଖି ମୁଁ ପ୍ରଭାବିତ ହେଲି । ମୁଁ କହିଲି ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଇଏ ତ କବି ଅଟନ୍ତି । ଯେପରି କୁରୈଶ୍‌ମାନେ କୁହନ୍ତି ହଜୁର ସ:ଆ:ସ ହେଉଛନ୍ତି ଜଣେ କବି ସଦୃଶ । ହଜ୍‌ରତ୍ ଉମର ର:ଅ କୁହନ୍ତି ଯେତେବେଳେ ମୁଁ ଏକଥା ଭାବୁଥିଲି ସେତେବେଳେ ହଜୁର ସ:ଆ:ସ ଏହି ଆୟତ ପାଠ କଲେ, **ଇନ୍ନହୁ ଲକୌଲୁ ରସୁଲିନ୍ କରୀମ୍ । ୱମା ହୁଆ ବିକୌଲି ଶାଇରି କଲିଲମ୍ ମା ତୁମିନୁନ୍ (ଅଲ୍‌ହାକା:୪୧-୪୨)** ଅର୍ଥାତ ଏହି କୁର୍‌ଆନ୍ ଜଣେ ସମ୍ମାନନୀୟ ରସୁଲ୍‌ଙ୍କ ଦ୍ୱାରା ଆନିତ ବାଣୀ । ଏହା କୌଣସି କବି ର ବାଣୀ ନୁହେଁ କିନ୍ତୁ ଦୁଃଖଦ ଯେ ତୁମେମାନେ ବିଶ୍ୱାସ କରୁନାହଁ । ହଜ୍‌ରତ୍ ଉମର ର:ଅ କହିଲେ, ମୁଁ କହିଲି ଇଏ ତ ଜଣେ ଯାଦୁଗର, ଜ୍ୟୋତିଷ୍କ ଅଟନ୍ତି । ପୁନଶ୍ଚ ହଜୁର ସ:ଆ:ସ କହିଲେ, **ୱଲୌ ବିକୌଲି କାହିନିନ୍ କଲିଲମ୍ ମା ତଜକ୍କରୁନ୍ । ତନ୍‌ଜିଲୁମ୍ ମିର୍ ରବ୍‌ବିଲ୍ ଆଲମିନ୍.... ମିନ୍ ଅହ୍‌ଦିନ୍ ଅନ୍‌ହୁ ହାଜିୟିନ୍ (ହାକା:୪୩-୪୮)** ଅର୍ଥାତ ଏହା କୌଣସି ଜ୍ୟୋତିଷୀ ବାଣୀ ନୁହେଁ । କିନ୍ତୁ ତୁମେମାନେ ଆଦୌଁ ଶିକ୍ଷା ଲାଭ କରୁନାହଁ । ଏହା ସମଗ୍ର ଜଗତର ପାଳନକର୍ତାଙ୍କଠାରୁ ଅବତୀର୍ଣ୍ଣ ହୋଇଛି । ହଜୁର ସ:ଆ:ସ ପୁନଶ୍ଚ ସେହି ସୁରଃର ଶେଷ ଆୟତ ପର୍ଯ୍ୟନ୍ତ ପାଠ କରିଥିଲେ । ଅତଏବ ଆଲୋଚ୍ୟ ପବିତ୍ର ଆୟତର ଅନୁବାଦ ଏହି କି ଯେ, ଯଦି ଏହି ବ୍ୟକ୍ତି ନିଜେ ମିଥ୍ୟା ରଚନା କରି ଏହାକୁ ଆମ୍ଭର ବାର୍ତା ବୋଲି କୁହେ, ତେବେ ଆମ୍ଭେ ନିଶ୍ଚିତ ରୂପେ ନିଜ ଦକ୍ଷିଣ ହସ୍ତ ଦ୍ୱାରା ତାହାକୁ ଧରି ନେବୁ ଏବଂ ତାହାର ଜୀବନ ନାଟିକାକୁ କାଟିଦେବୁ । ଅତଏବ ଏପରି ପରିସ୍ଥିତିରେ ତୁମମାନଙ୍କ ମଧ୍ୟରୁ କେହି ହେଲେ ତାହାକୁ ଅଲ୍ଲାଃଙ୍କ ଶାସ୍ତିରୁ ରକ୍ଷା କରିପରନ୍ତେ ନାହିଁ । ହଜ୍‌ରତ୍ ଉମର୍ କୁହନ୍ତି ଯେ ସେହି ସମୟଠାରୁ ଇସ୍‌ଲାମ୍ ମୋ ହୃଦୟ ଭିତରେ ଘର କରିଗଲା ।

*(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ୍ ଖଣ୍ଡ-୧, ପୃ-୧୦୮-୧୦୯.... ବେରୁତ ୧୯୯୮)*

*କ୍ରମଶଃ......*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan